


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 325| ଭାଗ ୩୨ | ସଂଖ୍ୟା ୩୨୫ | Bhubaneswar | Tuesday 18 February 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୮ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ବଜେଟ ୨୦୨୫-୨୬

# ବିକଶିତ ଓଡ଼ିଶା ପାଇଁ ଖସଡ଼ା

## ୨.୯୦ ଲକ୍ଷ କୋଟିର ପେଢ଼ି ଖୋଲିଲେ ମୋହନ



- ନିଜସ୍ୱ ଟିକସରୁ ଆସିବ ୬୬ ହଜାର କୋଟି
- ଅଣଟିକସରୁ ୬୦ ହଜାର କୋଟି ଆୟ
- ବଜେଟ୍‌ର ୩୭ ପ୍ରତିଶତ ପ୍ରଶାସନିକ ବ୍ୟୟ
- ଋଣଭାର ୧.୩୪ ଲକ୍ଷ କୋଟି ଆକଳନ
- କାର୍ଯ୍ୟକାରୀ ହେବ ୧୬ ନୂଆ ଯୋଜନା







ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ଆଜି ବିଧାନସଭାର ଚଳିତ ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍‌ର ପରିମାଣ ଗତ ବଜେଟ୍ ତୁଳନାରେ ସାମାନ୍ୟ ବୃଦ୍ଧି ପାଇ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏଥିରେ ରାଜ୍ୟର ନିଜସ୍ୱ ଟିକସରୁ ୬୬ ହଜାର କୋଟି ଓ ନିଜସ୍ୱ ଅଣଟିକସରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି। ଏହାଛଡ଼ା କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ୬୪ ହଜାର ୪୦୮ କୋଟି ଏବଂ କେନ୍ଦ୍ରୀୟ ଅନୁଦାନ ବାବଦରେ ୪୧ ହଜାର ୫୯୧ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି। ବିଭିନ୍ନ ସରକାରୀ ସଂସ୍ଥାରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭ ହଜାର ୪୦୦ କୋଟି ଟଙ୍କାର ଋଣ କରିବେ ସରକାର। ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ସରକାରୀ ସଂସ୍ଥାରୁ ୪୩ ହଜାର ୪୯୫ କୋଟି ଟଙ୍କା ଋଣ କରିଥିଲେ। ମୋଟ ବଜେଟର ୩୭ ପ୍ରତିଶତ ପ୍ରଶାସନିକ ବ୍ୟୟ ହୋଇଥିବା ବେଳେ ୫୯ ପ୍ରତିଶତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରାଯିବ। ସେହିପରି ସରକାର ଏଥର ୧୬ଟି ନୂଆ ଯୋଜନା ଆରମ୍ଭ କରିବେ। ବିପର୍ଯ୍ୟୟ ପରିଚାଳନା ପାଇଁ ୧ ପ୍ରତିଶତ ଖର୍ଚ୍ଚ ହେବ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଋଣଭାର ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଭୁବନେଶ୍ୱରରେ ଯାନବାହାନ ଭିଡ଼କୁ ଦୃଷ୍ଟିରେ ରଖି ବିସ୍ତୃତ ସିଟି ରୋଡ ଡିକଞ୍ଜେସନ ଯୋଜନାର ପରିକଳ୍ପନା କରାଯାଇଛି। ଏଥିପାଇଁ ପ୍ରାୟ ୧୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣ ସମୟରେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କହିବାନୁସାରେ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୮୨୦ କୋଟି ଟଙ୍କା ବ୍ୟୟ ହେବ। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବ ପରିବାରକୁ ପକ୍କା ଘର ଯୋଗାଇଦେବା ସକାଶେ ଅନ୍ତ୍ୟୋଦୟ ଗୃହ ଯୋଜନା ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି। ଏଥିପାଇଁ ମୋଟ ୭ ହଜାର ୫ ଶହ ୫୦ କୋଟି ଟଙ୍କାର ବ୍ୟୟ ଅନୁମୋଦନ କରାଯାଇଛି। ଆସନ୍ତା ୩ ବର୍ଷରେ ଅତି କମ୍‌ରେ ୨ ଲକ୍ଷ ୨୫ ହଜାର ନୂତନ କଂକ୍ରିଟ ଘର ମଞ୍ଜୁର କରାଯିବ। ୨୦୨୫-୨୬ ବର୍ଷରେ ୭୫ ହଜାର ଗୃହ ନିର୍ମାଣ ଏବଂ ହିତାଧିକାରୀଙ୍କୁ ପ୍ରୋତ୍ସାହନ ପାଇଁ ୨ ହଜାର ୬ ଶହ ୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ୫ ଲକ୍ଷ ଘର ନିର୍ମାଣ ପାଇଁ ୪ ହଜାର ୫ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଦୁର୍ବଳ ଜନଜାତି ଗୋଷ୍ଠୀର ଉନ୍ନତି ପାଇଁ ପିଏମ-ଜନମନ ଯୋଜନାରେ ୨ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିସହ ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୭ ହଜାର ଘର ନିର୍ମାଣ ପାଇଁ ୭୯୫ କୋଟି ଟଙ୍କା ବ୍ୟୟ ଯୋଜନା ରହିଛି।

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ବର୍ଷ ମଧ୍ୟରେ ୫ ହଜାର କୋଟି ଟଙ୍କା ବିନିଯୋଗ ସହ ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି ଲକ୍ଷ୍ୟ ରହିଛି। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ହଜାର କୋଟି ଟଙ୍କା ରହିଛି। ନୂଆ ଓଡ଼ିଶା ଯୋଜନା, ଉଦୀୟମାନ ଓ ପାରମ୍ପରିକ କ୍ଷେତ୍ରଗୁଡ଼ିକରେ କର୍ମଶକ୍ତି ଚାହିଦା ପୂରଣ ପାଇଁ ଦକ୍ଷତା ତାଲିମ ଓ ଦକ୍ଷତା ନବୀକରଣ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରାଯାଉଥିବା ବେଳେ ଏଥିପାଇଁ ୧୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭୁବନେଶ୍ୱରର ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପାଇଁ ୧୨୩ କୋଟି ଟଙ୍କା ଖର୍ଚ୍ଚ କରାଯିବ, ଯାହା ଦକ୍ଷତା ତାଲିମକୁ ବୃଦ୍ଧି କରିବା ସହ ଅନ୍ତର୍ଜାତୀୟ ପ୍ରମାଣପତ୍ର ➪ପୃଷ୍ଠା-୬

### ଓଡ଼ିଆ ଅସ୍ମିତାର ଝଲକ

ମୋହନ ସରକାରଙ୍କ ବଜେଟରେ ଦେଖିବାକୁ ମିଳିଛି ଓଡ଼ିଆ ଅସ୍ମିତାର ଝଲକ। ବଜେଟ ଉପସ୍ଥାପନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ବ୍ରିଫକେସ୍‌କୁ ନେଇ ରାଜଭବନ ଯାଇଥିଲେ। ଆଉ ବଜେଟ୍ ବ୍ରିଫକେସରେ ଦେଖିବାକୁ ମିଳିଥିଲା ସମ୍ବଲପୁରୀ ଡିଜାଇନ। ନିର୍ବାଚନ ସମୟରେ ବିଜେପି ଓଡିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିଲା ଆଉ ୨୦୨୫-୨୬ ବଜେଟ୍‌ରେ ଓଡ଼ିଆ ଅସ୍ମିତା ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥି ମଧ୍ୟରେ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାରଙ୍କ ପାଇଁ ଅନୁଦାନ, ବକୁଳବନ ଉନ୍ନୟନ ପାଇଁ ୫୦ କୋଟି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୧୯୪ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି, ସାଂସ୍କୃତିକ ଅନୁଷ୍ଠାନ ପାଇଁ ୭୭ କୋଟି ଟଙ୍କାର ଅନୁଦାନ ଆଦି ପ୍ରମୁଖ। ଓଡ଼ିଆ ଅସ୍ମିତାର ନାରା ଗତବର୍ଷର ବିଧାନସଭା ନିର୍ବାଚନରେ ବିଜେପି ବିଜୟରେ ମର୍ଯ୍ୟେ ଭୂମିକା ଗ୍ରହଣ କରିଥିଲା। ତେଣୁ ବଜେଟରେ ବି ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଭୁଲିନାହାନ୍ତି।

### କେଉଁ ବିଭାଗକୁ କେତେ

- ରାଜସ୍ୱ ବିଭାଗ- ୧୯୧୩ କୋଟି ଟଙ୍କା
- ଆଇନ ବିଭାଗ- ୧୦୫୯ କୋଟି ଟଙ୍କା
- ଅନୁସୂଚିତ ଜାତି ଓ ଜନଜାତି ବିଭାଗ- ୬୪୩୬ କୋଟି ଟଙ୍କା
- କ୍ରୀଡ଼ା ଓ ଯୁବସେବା ବିଭାଗ- ୧୩୧୯ କୋଟି ଟଙ୍କା
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ- ୧୪୯୧ କୋଟି
- ପରିବହନ ବିଭାଗ- ୩୭୯୪ କୋଟି ଟଙ୍କା
- ଗୃହ ବିଭାଗ- ୧୦,୭୫୯ କୋଟି ଟଙ୍କା
- ଗ୍ରାମ୍ୟ ଉନ୍ନୟନ ବିଭାଗ- ୧୦,୦୨୦ କୋଟି ଟଙ୍କା
- ପୂର୍ତ୍ତ ବିଭାଗ- ୧୨,୦୦୦ କୋଟି ଟଙ୍କା
- କୃଷି ବିଭାଗ- ୩୭,୮୦୦ କୋଟି ଟଙ୍କା
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ- ୨୮୪୫୨ କୋଟି
- ଜଳ ସମ୍ପଦ ବିଭାଗ- ୧୪,୮୯୪ କୋଟି ଟଙ୍କା
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ- ୨୨,୭୪୧ କୋଟି ଟଙ୍କା
- ମହିଳା ଓ ଶିଶୁ ବିକାଶ ବିଭାଗ- ୧୬,୨୨୨ କୋଟି ଟଙ୍କା
- ସ୍କୁଲ ଓ ଗଣଶିକ୍ଷା ବିଭାଗ- ୩୧,୮୯୫ କୋଟି ଟଙ୍କା
- ଉଚ୍ଚଶିକ୍ଷା ବିଭାଗ- ୩୬୫୫ କୋଟି ଟଙ୍କା
- ଅର୍ଥ ବିଭାଗ- ୬୩,୫୧୨ କୋଟି ଟଙ୍କା
- ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ- ୧୫୩୭ କୋଟି
- ନିର୍ମାଣ ବିଭାଗ- ୧୨୦୦୦ କୋଟି ଟଙ୍କା
- ଶିଳ୍ପ ବିଭାଗ- ୮୦୮ କୋଟି ଟଙ୍କା
- ଇସ୍ପାତ ଓ ଖଣି ବିଭାଗ- ୪୦୪ କୋଟି ଟଙ୍କା
- ସମବାୟ ବିଭାଗ- ୨୨୭୬ କୋଟି ଟଙ୍କା
- ଶକ୍ତି ବିଭାଗ- ୩୯୬୨ କୋଟି ଟଙ୍କା
- ପର୍ଯ୍ୟଟନ ବିଭାଗ- ୮୨୦ କୋଟି ଟଙ୍କା
- ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ବିଭାଗ- ୯୧୨୦ କୋଟି ଟଙ୍କା

### କେଉଁ ଯୋଜନାକୁ କେତେ ଆବଣ୍ଟନ

- ସାମାଜିକ କ୍ଷେତ୍ର- ୧,୧୯,୫୬୫ କୋଟି ଟଙ୍କା
- ଶ୍ରୀ ଅନ୍ନ ଅଭିଯାନ- ୬୦୦ କୋଟି ଟଙ୍କା
- ସିଏମ କିଷାନ- ୨୦୨୦ କୋଟି ଟଙ୍କା
- ସମୃଦ୍ଧ କୃଷକ ଯୋଜନା- ୬୦୦୦ କୋଟି ଟଙ୍କା
- ଶସ୍ୟ ବିବିଧତା କାର୍ଯ୍ୟକ୍ରମ- ୬୯୫ କୋଟି ଟଙ୍କା
- ବନ୍ଦର ବିକାଶ- ୧୭୦୭ କୋଟି ଟଙ୍କା
- ଜଳଜୀବନ ମିଶନ- ୭୦୦୦ କୋଟି ଟଙ୍କା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମ୍ୟ)- ୪୫୦୦ କୋଟି
- କ୍ରୀଡ଼ା ଭିତ୍ତିଭୂମି ବିକାଶ- ୯୪୩ କୋଟି ଟଙ୍କା

### ବଜେଟ୍‌ରେ ୧୬ ନୂଆ ଯୋଜନା

୧. ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୨ ହଜାର ୬୦୩ କୋଟି
୨. ସୁଭଦ୍ରା ସୁରକ୍ଷା ପାଇଁ ୧୫୩ କୋଟି ବ୍ୟୟ ବରାଦ
୩. ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି ଟଙ୍କା
୪. ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି
୫. ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି
୬. ଓଡ଼ିଶା ପୁଷ୍ଟି ମିଶନ ପାଇଁ ୧୦୦ କୋଟି
୭. ବକୁଳ ବନ ଉନ୍ନୟନ ଯୋଜନା ପାଇଁ ୫୦ କୋଟି ଟଙ୍କା
୮. ଆମ ଶିମିଳିପାଳ ଯୋଜନା ପାଇଁ ୫୦ କୋଟି
୯. ଆଦର୍ଶ ମଣ୍ଡି ବ୍ୟବସ୍ଥା ପାଇଁ ୫୦ କୋଟି
୧୦. ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି
୧୧. ପ୍ରବାସୀ ଓଡ଼ିଆଙ୍କ ସହ ସଂପର୍କ ପାଇଁ ୧୧୦ କୋଟି
୧୨. ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨ କୋଟି
୧୩. ସ୍ୱଚ୍ଛ ଓଡ଼ିଶା ଯୋଜନାରେ ଖର୍ଚ୍ଚ ହେବ ୨୬୧ କୋଟି
୧୪. 'ଆମେ ପଢ଼ିବା ଆମ ଭାଷାରେ' ଯୋଜନା ପାଇଁ ୨୫ କୋଟି
୧୫. ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା ପାଇଁ ୧ ହଜାର ୨୬୬ କୋଟି
୧୬. ସମୃଦ୍ଧ ସହର ଯୋଜନାରେ ଖର୍ଚ୍ଚ ହେବ ୪୦୮ କୋଟି

### ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍



୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ କରିଥିବା ବେଳେ ଏହାକୁ ଐତିହାସିକ ଓ ଭବିଷ୍ୟତବାଦୀ ବଜେଟ୍ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୨୦୩୬ ଓ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ସାମଗ୍ରିକ ବଜେଟ୍ ବୋଲି 'ଏକ୍ସ'ରେ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ପ୍ରଗତି, ସବୁ କ୍ଷେତ୍ରର ଉନ୍ନତି ତଥା ସମସ୍ତ ନାଗରିକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ। ଏହି ଜନକଲ୍ୟାଣକାରୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ। ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗ ବିଶେଷଭାବେ ଉପକୃତ ହୋଇପାରିବେ। ଗାଁରୁ ସହର ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରର ବିକାଶ ହୋଇପାରିବ। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ➪ପୃଷ୍ଠା-୬

# କିଟ୍ କଳା କୋଠରିର ଖଳନାୟକ ଅଚ୍ୟୁତ

- ବଦ୍‌ନାମ ମୁଣ୍ଡାଇଲା ଓଡ଼ିଶା
- ନେପାଳକୁ ଶୁଭିଲା, ବିଧାନସଭାକୁ ଶୁଭିଲାନି
- ହଷ୍ଟେଲରେ ବ୍ୟାପକ ଭଙ୍ଗାରୁଜା ଓ ରାସ୍ତାରୋକ
- ବିଦେଶୀ ଶିକ୍ଷାର୍ଥୀଙ୍କ ସୁରକ୍ଷାକୁ ଅଣଦେଖା ଅଭିଯୋଗ
- ଶିକ୍ଷାର୍ଥୀଙ୍କୁ ଧମକ: ସାମାନ୍ ପ୍ୟାକ୍ କରୋ, ଯାଓ



ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ପଦାରେ ପଡ଼ିଲା ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କୁ ଦିଆଯାଉଥିବା ମାନସିକ ନିର୍ଯାତନା ଘଟଣା। ଗତକାଲି ରାତିରେ ହଷ୍ଟେଲରେ ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ କିଟ୍ କର୍ତ୍ତୃପକ୍ଷ ଏହାକୁ ଚାପିଦେବାକୁ ଉଦ୍ୟମ କରୁଥିଲେ। ଏପରିକି ସହପାଠୀଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଛାତ୍ରଛାତ୍ରୀଙ୍କୁ ମୁହଁ ବନ୍ଦ ରଖିବାକୁ ଧମକ ଦେଇଥିଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଏହି ଘଟଣା ପରେ କିଟରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆସୁଛି। ଆତ୍ମହତ୍ୟା କରିଥିବା ଛାତ୍ରୀ ପ୍ରକୃତି ଲାମସାମ ବିଟେକ୍ ତୃତୀୟ ବର୍ଷର ଜଣେ ଛାତ୍ରୀ ଓ ସେ ନେପାଳର। ତାଙ୍କର ସହପାଠୀ ➪ପୃଷ୍ଠା-୬

## ଡବଲ୍ ଇଞ୍ଜିନ୍‌ର ପଶ୍ଚାତ୍‌ଗତି



ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ଆଜି ବିଧାନସଭାରେ ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହା ଡବଲ୍ ଇଞ୍ଜିନ୍ ସରକାରର ପଶ୍ଚାତ୍‌ଗତି। ସରକାର ବିଭିନ୍ନ ଯୋଜନାରେ ବ୍ୟାପକ ମାତ୍ରାରେ ବ୍ୟୟ ବରାଦ କରିବା ବଡ଼ କଥା ନୁହେଁ। ଉକ୍ତ ଅର୍ଥକୁ କିପରି ଭାବେ ଖର୍ଚ୍ଚ କରାହେଉଛି ଓ ତା'ର ସୁଫଳ ଜନସାଧାରଣଙ୍କୁ କେତେ ମାତ୍ରାରେ ମିଳୁଛି, ତାହା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ ବେକାରୀ ହାର ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢୁଥିବା ବେଳେ ନିତ୍ୟବ୍ୟବହାର ସାମଗ୍ରୀ ଦରରେ ➪ପୃଷ୍ଠା-୬

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ୩୭୮୩୮ କୋଟି

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ବ୍ୟୟ ବରାଦ ହୋଇଥିବା ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେଥିମଧ୍ୟରୁ କେବଳ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୧୪ ହଜାର ୭୦୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କୁ ଏମଏସପି ସହ ଇନପୁଟ ସବସିଡି ମିଶାଇ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଆଯାଉଛି। ଏହି ଯୋଜନାରେ ୧୩ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ଏହି ଯୋଜନା ପାଇଁ ବଜେଟ ଆକାର ୫ ହଜାର କୋଟିରୁ ୬ ହଜାର କୋଟିକୁ ବୃଦ୍ଧି କରାଯାଇଛି। ➪ପୃଷ୍ଠା-୬


SIKSHA 'O' ANUSANDHAN

Empowering students for a brighter future

MANAGEMENT PROGRAMMES OFFERED
- MBA
- MBA (Hospital Administration)
- MBA (Hospitality Management)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CAT 2024, Please visit: www.soa.ac.in


# କୁମ୍ରାଙ୍କ ଉପରେ ସଚିବ ମେହେରବାନ୍

ବଦଳି ରୋକିବାକୁ ଇୱାଇ ନୋଟ୍

ଶୁଣିଲାନି ଗୃହ ବିଭାଗ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବଙ୍କ ଉପରେ ବିଭାଗୀୟ କମିଶନର ମେହେରବାନି ନେଇ ଏବେ ସଚିବାଳୟରେ ଚର୍ଚ୍ଚା। ଯୁଗ୍ମ ସଚିବ ନବୀନ ଚନ୍ଦ୍ର କୁମ୍ରାଙ୍କ ବଦଳି ରୋକିବାକୁ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଇୱାଇ ନୋଟ୍ ଲେଖିବା ଖବର ପଦାକୁ ଆସିବା ପରେ ଏହାକୁ ନେଇ ଆଲୋଚନା ହେଉଛି।

ଯୁଗ୍ମ ସଚିବ ଶ୍ରୀ କୁମ୍ରା ଦୀର୍ଘଦିନ ଧରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟ କରିବା ପରେ ଗତ ନଭେମ୍ବରରେ ତାଙ୍କର ଗୃହ ବିଭାଗକୁ ବଦଳି ହୋଇଥିଲା। ଦୀର୍ଘଦିନ ଧରି ଗୋଟିଏ ବିଭାଗରେ ଗାଦିମଡ଼ା ବାବୁଙ୍କୁ ବଦଳି ପାଇଁ ଏହା ଥିଲା ଏକ ପ୍ରଶାସନିକ ବଦଳି ପ୍ରକ୍ରିୟା। ହେଲେ ଯୁଗ୍ମ ସଚିବ ଏହି ବଦଳିକୁ ଅଣଦେଖା କରି ଗଲେନାହିଁ। ଏହାପରେ ଯେତେବେଳେ ବଦଳି ଆଦେଶ ପାଳନ ପାଇଁ ଚାପ ପଡ଼ିଲା, ସେତେବେଳେ ଶ୍ରୀ କୁମ୍ରାଙ୍କ ବଦଳି ରୋକିବାକୁ ଖୋଦ ବିଭାଗୀୟ ସଚିବ ଗୃହ ବିଭାଗକୁ ଗତ ୩୧ ତାରିଖରେ ଇୱାଇ ନୋଟ୍ ଲେଖିଲେ। ଏଥିରେ ଦର୍ଶାଗଲା ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୩୪ ହଜାର ମାମଲା ସହିତ ୬୦୦୦



ଅଦାଲତ ଅବମାନନା ମାମଲା ଚାଲିଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲାଗୁଡ଼ିକୁ ସାରିବା ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତି ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ଶ୍ରୀ କୁମ୍ରା ଯୁଗ୍ମ ସଚିବ ଭାବେ ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନ ଦାୟିତ୍ୱରେ ରହିଛନ୍ତି। ଏଥିସହ ସେ ଅତିରିକ୍ତ ଭାବେ କ୍ୟାଡର ରୁଲ୍, ସର୍ଭିସ କଣ୍ଡିସନ ଓ ଓଡ଼ିଶା ଏଜୁକେଶନ ସର୍ଭିସ କ୍ୟାଡର, ଓଇଇଏସ୍-୧ କ୍ୟାଡର, ଓଇଏସ୍ (ଏସବି) କ୍ୟାଡର୍ ନିଯୁକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ପେନ୍‌ସନ ମାମଲା, କଣ୍ଟିଜେନ୍ସି ଆଦି ସବୁକିଛି ବୁଝୁଛନ୍ତି। ସେ ଆଉ ବର୍ଷକ ପରେ ଅର୍ଥାତ୍ ୨୦୨୬ରେ ଅବସର ଗ୍ରହଣ କରିବେ। ସଚିବ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ବିଭାଗରେ ଓଏସ୍‌ଏସ୍ କ୍ୟାଡରେ ଦୁଇଟି ଯୁଗ୍ମ ସଚିବ ପଦବୀ ରହିଛି। ନିକଟରେ ୪ ଜଣ ଓଏସଏସ୍ ଅଫିସରଙ୍କର ବିଭାଗରୁ ଅନ୍ୟତ୍ର ବଦଳି ହୋଇଯାଇଛି। ଏଭଳି ସ୍ଥିତିରେ ଶ୍ରୀ କୁମ୍ରାଙ୍କୁ ବଦଳି କଲେ ବିଭାଗରେ ଗୁରୁତର ପ୍ରଶାସନିକ ସମସ୍ୟା ଦେଖାଦେବ। ଏସବୁକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦବୀରେ ନବୀନ ଚନ୍ଦ୍ର କୁମ୍ରାଙ୍କୁ 'ଫ୍ଲୋଟିଂ ପୋଷ୍ଟ'ରେ କାର୍ଯ୍ୟ କରିବାକୁ ଅନୁମତି ଦେବା ଲାଗି କମିଶନର ଅନୁରୋଧ କରିଥିଲେ। ଅର୍ଥାତ୍ ଶ୍ରୀ କୁମ୍ରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟ କଲେ ବି ଅନ୍ୟ ସ୍ଥାନରୁ ଦରମା ପାଇବେ। ତେବେ ଗୃହ ବିଭାଗ ଏଭଳି ଅନୁରୋଧକୁ ପ୍ରତ୍ୟାଖାନ କରିଥିଲେ। ତୁରନ୍ତ ବଦଳି ସ୍ଥାନରେ ଯୋଗନଦେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଫଳରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଧହୋଇ ଶ୍ରୀ କୁମ୍ରାଙ୍କୁ ବିଦା କରିଛି। ତେବେ ଜଣେ ବାବୁଙ୍କ ହାତରେ ଏକାଧିକ ଦାୟିତ୍ୱ ଧରାଇବା ଓ ତାଙ୍କ ବଦଳିକୁ ବାତିଲ ପାଇଁ ବିଭାଗର କମିଶନର ଗୃହ ବିଭାଗକୁ ପତ୍ର ଲେଖିବା ଏବେ ସଚିବାଳୟର ପ୍ରଶାସନରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।



NOTE SHEET

U.O.I. No. 67 /CSSME, Date 31/1/25
SME-OE-OE1-0019-2017

Sri Nabin Chandra Kumra, Joint Secretary to Government, School and Mass Education Department has been transferred and posted as such in Home Department vide Home Deptt. Notification No. 42626/OSS, dated 16.11.2024.

The School and Mass Education Department is a department with several legacy issues and around 34,000 court cases and 6,000 contempt cases. The Hon'ble Chief Justice of the High Court of Orissa has issued directions to the Chief Secretary, Odisha for quick disposal of the pending cases within a specific dateline.

Sri Kumra, Joint Secretary is overseeing the process as branch officer of Office Establishment Section. He is also in additional charge of Field Establishment Section dealing with Cadre Rule, Service Conditions and establishment matters of Odisha Education Service Cadre, OEES-I Cadre, Recruitment of OES(SB) Cadre, establishment & pension matters of employees of S & ME Department (Lokaseva Bhavan Estt.) along with contingency matters. Besides Sri Kumra is due to retire on attaining the age of superannuation in the year 2026.

There are only 02 sanctioned posts of Joint Secretary in OSS Cadre in S&ME Department. Recently four OSS Officers have been transferred from this Department. In such circumstances relieving Sri Kumra will cause serious disruption in the Department.

In view of the above it may kindly be considered to allow Sri Nabin Chandra Kumra to continue in the post of Joint Secretary in School and Mass Education Department against a floating post.

(Shalini Pandit)
Commissioner-cum-Secy. to Govt
School & Mass Education Deptt

Shri Satyabrata Sahu, IAS,
Additional Chief Secretary to Government,
Home Department

## ଅରୁଣଙ୍କୁ ମିଳିଲା ହ୍ୱିଲ୍ ଚେୟାର



ମହାକାଳପଡ଼ା,୧୭।୨ (ସଂଚାର ବ୍ୟୁରୋ): ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଉପସଭାପତି ବିଭୁତି ରାଉତଙ୍କ ଉଦ୍ୟମରେ ଆଜି ନନ୍ତାର ଗ୍ରାମର ଅରୁଣ ଷଡଙ୍ଗୀଙ୍କୁ ଏକ ହ୍ୟୁଲ୍ ଚେୟାର ପ୍ରଦାନ କରିଛି ପ୍ରଶାସନ। ଆଜି ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ୍ ପରିଡ଼ା ଅରୁଣଙ୍କୁ ଏହି ହ୍ୟୁଲ୍ ଚେୟାର ପ୍ରଦାନ କରିଛନ୍ତି। ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିବାରୁ ସେ ଅଚଳ ହୋଇପଡିଛନ୍ତି। ହାତ ଗୋଡ଼ର ସ୍ନାୟୁ କାମ କରୁନି। ମୁଣ୍ଡର ସନ୍ତୁଳନ ନରହିବାରୁ କଥା କହିବା କଷ୍ଟ ହେଉଛି। ନିକଟ ଅତିତରେ ଅରୁଣଙ୍କ ଆଧାର କାର୍ଡ ମଧ୍ୟ କରାଯାଇଛି।

## ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାଇକ୍ ଚୋରି



କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ଜନଗହଳିପୂର୍ଣ୍ଣ କୋର୍ଟ ସାମ୍ନାରେ ଥିବା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାଇକ୍ ଚୋରି ହୋଇଥିବା ଟାଉନ ଥାନାରେ ଏତଲା ହୋଇଛି। ଏତଲାରୁ ପ୍ରକାଶ ଯେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେନ୍ଦ୍ର କୁମାର ମଲିକଙ୍କର ଏକ ସ୍ପେଣ୍ଡର ପ୍ଲସ ଅଫିସ ଆଗରେ ସବୁଦିନ ଭଳି ଲକ କରି ରଖିଥିଲେ। ପ୍ରାୟ ୧୧ଟା ସମୟରେ ଜଣେ ଯୁବକ ଏହି ବାଇକକୁ ୧ ଘଣ୍ଟା ଧରି ବୁଲି ଦେଖିବା ସହ ହାଣ୍ଡେଲ ଭାଙ୍ଗି ଚୋରୀ କରୁଥିବାର ସିସି କ୍ୟାମେରାରେ ରେକର୍ଡିଂ ହୋଇଛି । ତେବେ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ସିସିଟିଭି କ୍ୟାମେରା ଆଧାରରେ ଯୁବକଙ୍କୁ ତନଘନା କରୁଥିବାର ଜଣାପଡିଛି ।

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିଧବା ମହିଳାଙ୍କ ଧାରଣା



କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ନିକିରାଇ ଥାନା ଅନ୍ତର୍ଗତ ବାରୋ ଗ୍ରାମର ଅସହାୟ ବିଧବା ବୃଦ୍ଧା ପାର୍ବତୀ ଦାସ ବାରୋରେ ଥିବା ନିଜସ୍ୱ ସ୍ଥିତିବାନ୍ ଜାଗାରେ ୩ ବଖରା ଚାଳଘର କରି ସେ ଜୀବନ ବିତାଉଛନ୍ତି। ତାଙ୍କର କେହି ପୁତ୍ର ସନ୍ତାନ ନଥିବାରୁ ଏହାର ସୁଯୋଗ ନେଇ ପଡୋଶୀ ବିଧବାଙ୍କର ସ୍ଥିତିବାନ ଜାଗା ଉପରେ ଜୋର ଜବରଦସ୍ତ ପକ୍କାଘର ନିର୍ମାଣ କରୁଛନ୍ତି। ବୃଦ୍ଧା ଜଣକ ଏହାର ବିରୋଧ କରିବାରୁ ତାଙ୍କୁ ମାଡ ମାରିବା ଓ ଧମକ ଚମକ ଦେଉଛନ୍ତି। ଏ ବାବଦରେ ସେ ନିକିରାଇ ଥାନାରେ ଅଭିଯୋଗ କରିବା ସହିତ ଉକ୍ତ ଜାଗାରେ ୧୪୪ ଲାଗୁ କରାଯିବା ସହିତ ସେଠାରେ କୌଣସି ଗୃହ ନିର୍ମାଣ ହୋଇ ପାରିବ ନାହିଁ କୋର୍ଟର ନିର୍ଦ୍ଦେଶ ଦେବା ସତ୍ତ୍ୱେ ପଡୋଶୀ ନିର୍ମାଣ କରୁଥିବା ଘରକୁ ବନ୍ଦ ନ କରିବାରୁ ବିଧବା ମହିଳା ଜଣକ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଭୋକ ଉପାସରେ ବସି ରହିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ

ରାଜନଗର,୧୭।୨ (ସଂଚାର ବ୍ୟୁରୋ): ରାଜନଗର ତହସିଲ ଅନ୍ତର୍ଗତ ମହୁଲିଆ ଗ୍ରାମ ପଂଚାୟତର ମହୁଲିଆ ଗାଁର ବ୍ରଜବନ୍ଧୁ ପାତ୍ରଙ୍କ ଘର ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି। ଗତକାଲି ରାତ୍ରି ଆଠଟା ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଦମକଳ ଗାଡ଼ି ଆସି ନିଆଁକୁ ଆୟତ କରିଥିଲା। ଏ ସମ୍ପର୍କରେ ସୂଚନା ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାର ନିକଟରେ ପଂହଁଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ମିଲରଙ୍କ ଅସହଯୋଗ, ଧାନକିଣାରେ ବିଭ୍ରାଟ

**■ ମଣ୍ଡିରେ ପଡ଼ି ରହୁଛି ହଜାର ହଜାର ବସ୍ତା ଧାନ ■ ଚିନ୍ତାରେ ଚାଷୀ**



କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ୨୦୨୫ ମସିହାରେ ଚାଷୀମାନଙ୍କ ଠାରୁ ମଣ୍ଡି ମାଧ୍ୟମରେ ଧାନ କିଣିବା ପାଇଁ ରାଜ୍ୟ ସରକାର ଯେତେ ପ୍ରକାର ନିୟମ କାନୁନ ପ୍ରଣୟନ କଲେ ମଧ୍ୟ ମିଲର ମାନଙ୍କ ଅସହଯୋଗ କାରଣରୁ ଧାନକିଣାରେ ବ୍ୟାପକ ବିଭ୍ରାଟ ଦେଖା ଦେଇଛି। ସମସ୍ତ ପ୍ରକାର କଟକଣାକୁ ଆଡେଇ ଦେଇ ମିଲରମାନେ ଅସହଯୋଗ କରୁଥିବା କାରଣରୁ ମଣ୍ଡି ମାନଙ୍କରେ ହଜାର ହଜାର ବସ୍ତା ଧାନ ଖରା କାକରରେ ପଡି ରହିଥିବା ବେଳେ ଧାନ ବିକିବା ପାଇଁ ଚାଷୀମାନେ ଅପେକ୍ଷା କରିବା ସହ ବାରମ୍ବାର ମଣ୍ଡିକୁ ଦୌଡି ନିରୁପାୟ ହୋଇ ବସିଛନ୍ତି ।

କଟନି ଛଟନି ହେବନାହିଁ ବୋଲି ସରକାର ନିୟମ କରିଥିବା ବେଳେ ୩୫ କିଲିଆ ଝୋଟ ବସ୍ତାରେ ଧାନ ସଂଗ୍ରହ ପାଇଁ ନିୟମ ଧାର୍ଯ୍ୟ କରିଥିଲେ। ଏହା ସହ ଏଫକ୍ୟୁଏ ମାନର ଧାନ କିଣିବା ପାଇଁ ଗୁରୁତ୍ୱ ଦିଆ ଯାଇଥିଲା। ମଣ୍ଡିରୁ ମିଲକୁ ଯାଉଥିବା ଗାଡିରେ ଜିପିଏସ ସିଷ୍ଟମ ସଂଯୋଗ କରିବା ଓ ଯୋଗାଣ ବିଭାଗର ରାଡାରରେ ଏହି ଯାନ ଗୁଡିକ ରହିବ ବୋଲି ନୀତି ନିୟମ ଧାର୍ଯ୍ୟ କରାଯାଇ ଥିଲା। ଏହି ସବୁ ନିୟମ ପାଳନ କରାଯାଇ ଥିଲେ ଚାଷୀମାନେ ପ୍ରକୃତ ଲାଭ ପାଇଥାନ୍ତେ। ମାତ୍ର ମିଲରମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଏକ ପ୍ରକାର ଧାନକ୍ରୟ ବ୍ୟବସ୍ଥାକୁ ଆଂଶିକ ଅଚଳ କରି ଦେଇଛନ୍ତି। ସେମାନଙ୍କ ମର୍ଜିରେ ଧାନ ଉଠୁଥିବାରୁ ମଣ୍ଡି ମାନଙ୍କରେ ଅପ୍ରତିକର ପରିସ୍ଥିତି ଦେଖାଦେଇଛି ।

ଜିଲ୍ଲାରେ ୧୧୮ଟି ମଣ୍ଡିରେ ପ୍ରାୟ ୪୦ ହଜାର ଚାଷୀ ପଞ୍ଜିକୃତ ଥିବାବେଳେ ପ୍ରାୟ ୧୬ ହଜାର ଚାଷୀ ୬ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରୟ କରିଛନ୍ତି । ୨୦୨୩-୨୪ ମସିହାରେ ସାଢେ ୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇ ଥିବାବେଳେ ୨୦୨୨-୨୩ ରେ ୧୧ଲକ୍ଷ ୫୦ ହଜାର କ୍ୱିଣ୍ଟାଲ କିଣା ଯାଇଥିଲା । ୨୦୨୪-୨୫ ଚଳିତ ବର୍ଷ ମିଲର ମାନଙ୍କ ଅସହଯୋଗ ଯୋଗୁଁ ଧାନ କିଣା ମନ୍ଥର ଗତିରେ ଚାଲିଛି । ଆଜିସୁଦ୍ଧା ଜିଲ୍ଲାରୁ ମୋଟ୍ ୬ଲକ୍ଷ ୯୪ ହଜାର ୮୫୮ କ୍ୱିଣ୍ଟାଲ ଧାନ ଚାଷୀ ମାନଙ୍କ ଠାରୁ କିଣା ଯାଇଥିବା ସୂଚନା ମିଳିଛି ।

ତେବେ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ ବିଭିନ୍ନ ମଣ୍ଡି ବୁଲି ଧାନକିଣା ତଦାରଖ କରି ଧାନ ପରିବହନରେ ବିଭ୍ରାଟ ଲକ୍ଷ୍ୟ କରି ମିଲର ମାନଙ୍କୁ ସତର୍କ କରାଇ ଦେଇଛନ୍ତି । ବିଭିନ୍ନ ଆଳ ଦେଖାଇ ଯେଉଁ ମିଲର ମାନେ ମଣ୍ଡିରୁ ଧାନ ଉଠାଇବାକୁ ବିଳମ୍ବ କରୁଛନ୍ତି ଓ ମନ୍ଥର ଗତିରେ ପରିବହନ କରୁଛନ୍ତି, ସେମାନେ ତୁରନ୍ତ ସରକାରଙ୍କ ନିର୍ଦ୍ଦେଶକୁ ମାନି ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ପରିବହନକୁ ସ୍ୱାଭାବିକ କରିବା ପାଇଁ ଚେତାବନୀ ଦେଇଛନ୍ତି ଓ ଚରମ ବିଶୃଙ୍ଖଳା ସୃଷ୍ଟି କରୁଥିବା ମିଲର ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି କୈଫତ ତଲବ କରିଥିବା ସୂଚନା ମିଳିଛି ।

● ଆଳି ଅଞ୍ଚଳରେ ନୂଆ ବ୍ଲକ୍ ପାଇଁ ଦାବି

## ସଜବାଜ ହେଲେଣି ୧୦ ପଞ୍ଚାୟତ

ଆଳି,୧୭।୨ (ସଂଚାର ବ୍ୟୁରୋ): ଆଳି ପଞ୍ଚାୟତ ସମିତିରୁ ଅଲଗା ହୋଇ ନୂଆ ବ୍ଲକ୍ ଗଠନ ନିମନ୍ତେ ଦଶ ପଞ୍ଚାୟତର ଅଧିବାସୀ ଦାବି ହେବାର ଲାଗିଛି। ସେହିପରି ଫେବୃଆରି ୬ ତାରିଖ ଦ୍ୱିତୀୟ ଅଧିବେଶନ ପରେ ସାଙ୍ଗିରି ନର୍ସିଙ୍ଗ ବିଦ୍ୟାଳୟ ପରିସରରେ ନବ ଗଠିତ ଦଶ ପଂଚାୟତ ବିକାଶ ପରିଷଦର ତୃତୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆବାହକ ବ୍ରଜସୁନ୍ଦର ଭୂୟାଁ ସଭାପତି,ଦାମୋଦର ରାଉଳ ସୁମନ୍ତ ଦାସ ଉପସଭାପତି,ସାଧାରଣ ସମ୍ପାଦକ ସୁମନ୍ତ କୁମାର ରାଉତ ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଅଜୟ କୁମାର ଜେନା ଗୋଲେଖ ଚନ୍ଦ୍ର ସାହୁ ଏବଂ କୋଷାଧକ୍ଷ ସୁଧୀର ଚନ୍ଦ୍ର ମହାନ୍ତି ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଦଶ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଜିଲ୍ଲାପରିଷଦ ଉକ୍ତ କମିଟିର ସ୍ଥାୟୀ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଦଶ ପଞ୍ଚାୟତ ବିକାଶ ପରିଷଦର ପ୍ରଥମ ଦାବି ଏକ ନୂତନ ବ୍ଲକ ଗଠନ ଦିଗରେ ଅଗ୍ରସର ହୋଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା। ୨୦୦୯ ମସିହା ରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ ତତ୍କାଳୀନ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀରୁ ଏହି ଦଶଟି ପଞ୍ଚାୟତ ଆଳି ରେ ମିଶିଥିଲେ। ସେବେ ଠାରୁ ପ୍ରଶାସନ ଅବହେଳିତ ହୋଇ ଆସୁଥିବା ଯୋଗୁ ନୂତନ ବ୍ଲକ୍ ପାଇଁ ଦାବି ଜୋରଦାର ଦୃଢ଼ ସଂକଳ୍ପ ନେଇଛନ୍ତି।

## ପାଟନାଳୀର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ



ରାଜନଗର,୧୭।୨ (ସଂଚାର ବ୍ୟୁରୋ): ବିଭାଗ ଓଡ଼ିଶା ସରକାରଙ୍କ ଅନୁଦାନରୁ ଜଳନିକାସ ବିଭାଜନ କେନ୍ଦ୍ରାପଡା ଦ୍ୱାରା ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳ-ଗୁପ୍ତି ଓ ମହୁଲିଆ -ହରିଶପୁର ପାଟନାଳୀର ପୁନରୁଦ୍ଧାର କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଦୁଇଟି ପାଟନାଳୀର ଶିଳାନ୍ୟାସ କରିଥିଲେ। ୫ କୋଟି ଟଙ୍କା ବ୍ୟୟ ବରାଦରେ ଏହି ଦୁଇଟି ପାଟନାଳୀ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ।ଏହା ଦ୍ୱାରା ମହିଷାସୁର, କୁରୁଣ୍ଟି, ହାତିନା, ବ୍ରାହ୍ମଣସାହି, ଚାନ୍ଦିବାଉଁଶମୂଳ, ଭିତରଗଡ଼, କଣ୍ଡିରା, ଡେରା, ଗୁପ୍ତି ପ୍ରଭୃତି ପଂଚାୟତର ଚାଷୀମାନେ ଉପକୃତ ହୋଇପାରିବେ।

## ସିଡିପିଓଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହୃତ

ରାଜନଗର,୧୭।୨ (ସଂଚାର ବ୍ୟୁରୋ): ରାଜନଗର ସମନିତ୍ୱ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ସ୍ମିତାଞ୍ଜଳି ରାୟଙ୍କ ଠାରୁ ଆର୍ଥିକ କ୍ଷମତା କାଢି ନିଆଯାଇଛି। କେନ୍ଦ୍ରପଡା ଜିଲ୍ଲାପାଳଙ୍କ ଚିଠି ନମ୍ବର ୬୧୯ / ୧୦ ଫ୍ରେବୁୟାରି ୨୦୨୫ ରେ ରାଜନଗର ସିଡିପିଓଙ୍କ ଠାରୁ ଆର୍ଥିକ କ୍ଷମତା କାଢି ନିଆଯାଇ ରାଜନଗର ବିଡିଓ ଶୋଭନ ଶ୍ରୀତମ ପଣ୍ଡାଙ୍କୁ ଅତିରିକ୍ତ ଦାଇତ୍ୱ ଦିଆଯାଇଛି। ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ପଚାରିବାରୁ କାହିଁକି ଏପରି ନିଷ୍ପତି ନିଆଯାଇଛି ମୁଁ ଜାଣିନହିଁ। ମୋତେ କୌଣସି କାରଣ ଦର୍ଶାଅ ନୋଟିସ ଦିଆଯାଇ ନାହିଁ ବୋଲି କହିଛନ୍ତି। ଅବଶ୍ୟ ଚିଠିରେ ଆର୍ଥିକ କ୍ଷମତା ବାଦେ ସିଡିପିଓ ସମନିତ୍ୱ ଶିଶୁ ବିକାଶ ପ୍ରକଳ୍ପର ମୁଖ୍ୟ ଭାବେ ଅନ୍ୟ ସମସ୍ତ କ୍ଷମତା ତାଙ୍କ ନିକଟରେ ରହିବ ବୋଲି ଉଲ୍ଲେଖ କରାଯାଇଛି।

**ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ବିଜେଡ଼ି!**

## ପରୀକ୍ଷା ସମୟରେ ବିଦ୍ୟାଳୟ ପରିସର ମଧ୍ୟରେ ଖେଳ ଆୟୋଜନ ହୋଇଥାନ୍ତା, ବାରଣ କଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିବାକୁ ପ୍ରୟାସ କରୁଥିଲା ବିଜେଡ଼ି। ମ୍ୟାଟ୍ରିକ ପିଲାଙ୍କ ପରୀକ୍ଷା ଦିନ ଧାର୍ଯ୍ୟ ହୋଇଥିବା ବେଳେ ବିଜେଡ଼ି ଦଳର ନେତା ଏବଂ ତାଙ୍କ କର୍ମୀ ଏହାକୁ ଗୁରୁତ୍ୱ ନଦେଇ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ କ୍ରିକେଟ୍ ଖେଳ ଆୟୋଜନ ପାଇଁ ପୁରା ପ୍ରସ୍ତୁତି ଆରମ୍ଭ କରିଥିଲେ। ଯାହାକୁ ନେଇ ବୁଦ୍ଧିଜୀବୀ ନାପସନ୍ଦ କରୁଥିଲେ। କିନ୍ତୁ ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଗୁରୁତର ସହକାରେ ଗ୍ରହଣ କରିଛନ୍ତି।

ଆସନ୍ତା ମାଟ୍ରିକ ପରୀକ୍ଷା ଦୃଷ୍ଟିରୁ ଜିଲ୍ଲାର କୌଣସି ବିଦ୍ୟାଳୟର ଶ୍ରେଣୀ ଗୃହ, ବିଦ୍ୟାଳୟ ପରିସର କିମ୍ବା ଖେଳପଡିଆକୁ କେହି କ୍ରୀଡା ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରିପାରିବେନି ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଚଳିତ ଫେବୃୟାରୀ ମାସ ୧୮ତାରିଖରୁ ଆସନ୍ତା ମାର୍ଚ୍ଚମାସ ୨୭ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟ୍ରିକ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ସେହି ସମୟ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ଶ୍ରେଣୀଗୃହ, ପରିସର ଏବଂ ଖେଳପଡିଆକୁ କ୍ରୀଡା କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ କେହି ବ୍ୟବହାର କରିପାରିବେ ନାହିଁ। ଯଦି କେହି ବ୍ୟବହାର କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶନାମା (ଅର୍ଡର ନମ୍ବର-୧୫୦୮ ତା ୧୫. ୦୨. ୨୦୨୫ରିଖ)ରେ ଉଲ୍ଲେଖ ରହିଛି। ଜିଲ୍ଲାପାଳଙ୍କ ଏପରି ନିର୍ଦ୍ଦେଶକୁ ଜିଲ୍ଲାବାସୀ ସ୍ୱାଗତ କରିଛନ୍ତି ।

## ଅଷ୍ଟମଙ୍ଗୁଳାରେ ବାପଘରକୁ ଆସି ବୋହୂ ଫେରାର

**ଥାନାରେ ଶଶୁରଙ୍କ ଅଭିଯୋଗ**

ରାଜନଗର,୧୭।୨ (ସଂଚାର ବ୍ୟୁରୋ): ଅଷ୍ଟମଙ୍ଗୁଳାରେ ପୁଅ, ବୋହୂ ଶଶୁର ଘରକୁ ଯାଇଥିଲେ। ସନ୍ଧ୍ୟା ବେଳେ ହଠାତ ବିବାହିତ ଝିଅ ଫେରାର ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଶଶୁର ଘର ଲୋକେ ଜ୍ୱାଇଁକୁ ଆଣି ରାଜନଗର ଥାନାରେ ଆଜି ଦିନ ୧ଟାରେ ପହଞ୍ଚାଇଛନ୍ତି। ଆସନ୍ତାକାଲି ଭଦ୍ରଲୋକଙ୍କ ଉପସ୍ଥିତରେ ଘଟଣାର ସମାଧାନ ହେବ ବୋଲି ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ବଳରାମପୁର ଗ୍ରାମର ଫକୀର ଚରଣ ଲେଙ୍କାଙ୍କ ପୁଅ ପ୍ରଶାନ୍ତ କୁମାର ଲେଙ୍କା ବାହାଘର ଗୁପ୍ତି ପଞ୍ଚାୟତ ଗୋପାଳପୁର ଗାଁର ଧରଣୀଧର ଜେନାଙ୍କ ଝିଅ ମିନତୀ ଜେନା ସହିତ ଚଳିତ ମାସ ସାତ ତାରିଖ ଦିନ ବୈଦିକ ରୀତିରେ ହୋଇଥିଲା। ଗତକାଲି ୧୬ ତାରିଖରେ ଅଷ୍ଟମଙ୍ଗଳା ଥିବାରୁ ଶଶୁର ଘର ଲୋକେ ଝିଅ ଓ ଜ୍ୱାଇଁଙ୍କୁ ଘରକୁ ନେଇଥିଲେ। ପୁଅ ପ୍ରଶାନ୍ତ ଦିନ ତମାମ ଶଶୁର ଘରେ ଜ୍ୱାଇଁ ଚର୍ଚ୍ଚା ପାଇଥିଲା। ମାତ୍ର ସନ୍ଧ୍ୟାରେ ସ୍ତ୍ରୀକୁ ଦେଖିବାକୁ ପାଇନଥିଲା। ରାତି ଦଶଟା ଯାଏଁ ସ୍ତ୍ରୀ ନଫେରିବାରୁ କୁଆଡେ ଗଲା ବୋଲି ଶାଶୁ ଶଳାଙ୍କୁ ପଚାରିଥିଲା। ପ୍ରଥମେ ମାମୁ ଘରକୁ ଯାଇଛି କହୁଥିବା ଶଶୁର ଘର ଲୋକେ ଶେଷରେ ଝିଅ କୁଆଡେ ଗଲା ଜାଣିନୁ ବୋଲି କହିଥିଲେ। ତାପରେ ପୁଅ ତା ବାପ ଭାଇଙ୍କୁ ଏ କଥା ଜଣାଇଲା ତାଙ୍କ ଗାଁରୁ କିଛି ମୁରବୀ ଆସି ବୁଝିବାରୁ ଝିଅ ଆଉ କାହା ସହ ପଳାଇ ଯାଇଥିବା ଜାଣିବାକୁ ପାଇଥିଲେ। ଘଟଣା ରାଜନଗର ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ମାହାଙ୍ଗା ବ୍ଲକ୍‌ର ୪ ମଣ୍ଡଳ ସଭାପତି ନିଯୁକ୍ତ



ମାହାଙ୍ଗା,୧୭।୨ (ସଂଚାର ବ୍ୟୁରୋ): ବିଜେପି ପକ୍ଷରୁ ମାହାଙ୍ଗା ବ୍ଲକ୍‌ର ୪ଟି ମଣ୍ଡଳର ସଭାପତି ନିଯୁକ୍ତ କରାଯାଇଥିବା ବେଳେ ଏଥିସକାଶେ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟପୁର ମଣ୍ଡଳ ସଭାପତି ଭାବେ ମନୋରଞ୍ଜନ ବିଶ୍ୱାଳ, କୁସୁପୁର ମଣ୍ଡଳ ସଭାପତି ଭାବେ ନିର୍ମଳ କୁମାର ରାଉତ, ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭାବେ ଭକ୍ତଚରଣ ରାଉତ ଓ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭାବେ ଭକ୍ତଚାରଣ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ସେମାନେ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## କଖାରୁଣୀ ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

● ମୋଟ୍ ୭୪ ଅଭିଯୋଗ ମଧ୍ୟରୁ ୧୦ଟି ସାମୁହିକ ଓ ୬୪ଟି ବ୍ୟକ୍ତିଗତ




କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଗ୍ରାମ ପଞ୍ଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସମୟ ରୁ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଅଜାମ୍ବର ମହାନ୍ତି, ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୭୪ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୦ ଗୋଟି ସାମୁହିକ ଏବଂ ୬୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ଓ ଜମି ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ, ଜଳସେଚନ ନିମନ୍ତେ ନୂତନ ଟ୍ୟୁବୱେଲ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଓ ଧାନ ସଂଗ୍ରହ ବୃଦ୍ଧି ନିମନ୍ତେ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଛନ୍ତି ।

## ବାଲି ଖାଦାନରେ ଚଢ଼ାଉ, ୩ ପୋକ୍ଲିନ ଜବତ



କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ଡେରାବିଶ ତହସିଲ ଅଧିନସ୍ଥ ବସୁପୁରୁ ଲୁଣା ନଦୀ ଘାଟରେ ଚାଲିଥିବା ବସୁପୁରୁ ବାଲି ସୈରାତ ରେ ରାତି ଅଧରେ ଜିଲ୍ଲା ପ୍ରଶାସନ ଏବଂ ଖଣି ବିଭାଗର ମିଳିତ ଚଢଉ। ୩ ପୋକ୍ଲିନକୁ ଉଠାଇନେଇ ସଦର ପୋଲିସ ର ଜିମା ଦେଲା ଖଣି ବିଭାଗ । ଖଣି ବିଭାଗର କହିବା ଅନୁଯାଇ ଖଣି ବିଭାଗର ନିୟମ ନମାନି ନିୟମିତ ଶତାଧିକ ହାଇୱା ଲଗାଇ ପୋକ୍ଲିନ ସାହାଯ୍ୟରେ ଏଠାରୁ ବାଲି ଉଠା ଯାଉଥିଲା । ଯାହାଫଳରେ ଦିନକୁ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେବାରୁ , ଗତ କିଛିଦିନ ତଳୁ ଗୋଟେ ଟ୍ରିପ୍ ବାଲି ନ ଉଠାଇବାକୁ ଖଣି ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । କିନ୍ତୁ ବାଲି ସୈରାତର ପ୍ରକୃତ ଲେସୀଙ୍କ ଅନୁପସ୍ଥିତିରେ କିଛି ଅସାଧୁ ବାଲି ବ୍ୟବସାୟୀ ଖଣି ବିଭାଗର ନିର୍ଦ୍ଦେଶକୁ ନମାନି ଦିନରାତି ପୋକ୍ଲିନ୍ ସାହାଯ୍ୟରେ ବାଲି ଉଠାଉଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆ କରି ଆସିଥିବା ଉପଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ପୋଲିସ ଟିମ ସାହାଯ୍ୟରେ ଗତ ରବିବାର ରାତି ପ୍ରାୟ ୧୧ଟା ସମୟରେ ଚଢ଼ାଉ କରି କାର୍ଯ୍ୟରତ ଥିବା ୩ଟି ପୋକ୍ଲିନ୍ କୁ କାବୁ କରିଥିଲେ , ସେହି ସମୟରେ ତିନି ପୋକ୍ଲିନ୍ ଅପରେଟର ସେଠାରୁ ଚମ୍ପଟ ମାରିଥିଲେ । ତୁରନ୍ତ ଅନ୍ୟ ଏକ ବିଭାଗୀୟ ଅପରେଟର୍ ସାହାଯ୍ୟରେ ସମସ୍ତ ପୋକ୍ଲିନ୍ କୁ ଟ୍ରଲର ସାହାଯ୍ୟରେ ଲଦି ସଦର ଥାନାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜୀମା ଦିଆଯାଇଛି ।

**ଅଭାବୀ ବିକ୍ରିର ଶିକାର ପରିବା ଚାଷୀ**

# ଟମାଟୋ ଟ୍ରେ’ ୧୨୦, କୋବି ହଳକୁ ୧୫



**କେଜି ପ୍ରତି ଟଙ୍କାଏ ପାଉନି କୃଷକ**

**ଶୀତଳ ଭଣ୍ଡାରକୁ ଝୁରୁଛନ୍ତି ଚାଷୀ**

କେନ୍ଦ୍ରାପଡ଼ା,୧୭।୨ (ସଂଚାର ବ୍ୟୁରୋ): ଟମାଟୋ ଟ୍ରେ ଏବେ ମାତ୍ର ୧୨୦ ଟଙ୍କା । ଏକ ଟ୍ରେରେ ପାଖାପାଖି ୨୭ କେଜି ଟମାଟୋ ଧରୁଛି । ତାର ଦାମ ୧୨୦ ଟଙ୍କାରେ ଚାଷୀ ବିକୁଛି। ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଦୋଳସାହି ଅଞ୍ଚଳରେ ଏବେ କେଜି ୬ରୁ ୧୦ ଟଙ୍କା ଭିତରେ ଗ୍ରାହକ ଟମାଟୋ ପାଉଛନ୍ତି। ଜଣେ ଚାଷୀ ବାଡ଼ିରୁ ଟମାଟୋ ତୋଳି ତାକୁ ଟ୍ରେ ପିଛା ୧୧୦ରୁ ୧୨୦ ଟଙ୍କାରେ ବିକୁଥିବା ବେଳେ ତୋଳା ମଜୁରି ପରେ ମାତ୍ର ଟଙ୍କାଏ ପାଉଛି। ଅର୍ଥାତ ଚାଷୀ ଏକ କେଜି ଟମାଟୋକୁ ୪ଟଙ୍କାରେ ମାପୁଛି । କେବଳ ଟମାଟୋ ନୁହଁ ବନ୍ଧା କୋବି କେଜି ଏବେ ବାଡ଼ିରୁ ୪ ଟଙ୍କାରେ ବେପାରୀ ହାତକୁ ଟେକି ଦେଉଛି। ନିକଟରେ କୁହୁଡ଼ି ମାଡ଼ି ଆସିଲା। ଫୁଲ କୋବିକୁ କୁହୁଡ଼ି ଭାରି ବିପଦ ଥିବାରୁ ଚାଷୀ ବାଡ଼ିରୁ ଅମଳ କରି ଯେଡ଼ାକୁ ୮ରୁ ୧୦ ଟଙ୍କାରେ ମପାଇଲା। ପରିଶ୍ରମ ପରେ ଦରଦାମ ଶସ୍ତା ହେବା ଭାରି ବାଧୁଛି ବୋଲି ମାର୍ଶାଘାଇ ବ୍ଲକ ଆଖୁଆ ପଞ୍ଚାୟତର ଚାଷୀ ଜଗବନ୍ଧୁ ମହାନ୍ତି କହିଛନ୍ତି।

ସେହି ଅଞ୍ଚଳର ୫୦ରୁ ଅଧିକ ଚାଷୀ ଫୁଲକୋବି କରି ନିକଟରେ ଯାଇଥିବା କୁହୁଡ଼ିରେ ତଳିତଳାନ୍ତ ହୋଇଛନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି ମାର୍ଶାଘାଇ କିମ୍ବା ଗରଦପୁର ଅଞ୍ଚଳରେ ଶୀତଳ ଭଣ୍ଡାର ଜରୁରି ଦରକାର ପଡୁଛି ବୋଲି ପରିବା ଚାଷୀ ଦାବି ରଖିଛନ୍ତି।

କେନ୍ଦ୍ରାପଡା ବ୍ଲକ ସୀମାନ୍ତ ସମେତ ମହାକାଳପଡା ବ୍ଲକର ତିଖିରି, ରତନପୁର, ନୂଆଗାଁ ଆଦି ଅଞ୍ଚଳର ୨ ଶହରୁ ଅଧିକ ଏକରରେ ନିୟମିତ ପରିବା ଚାଷ ହେଉଛି। ଏଠାରେ ପରିବା ଜିଲ୍ଲା ସମେତ ବାହାର ଜିଲ୍ଲାକୁ ଯାଉଛି। ହେଲେ ଶୀତଳ ଭଣ୍ଡାର ଅଭାବରୁ ଅଭାବୀ ବିକ୍ରିରେ ଚାଷୀ ଶିକାର ହେଉଥିବା ଜଣାପଡ଼ିଛି। ଦରଦାମ ବଢୁଛି। ମଜୁରି, ସାର, କୀଟନାଷକ ଖର୍ଚ୍ଚ ବଢୁଥିବାବେଳେ ଶୀତଳ ଭଣ୍ଡାରଟିଏ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ଲାଭାନ୍ୱିତ ହୋଇପାରୁନି ବୋଲି ସେ ପ୍ରକାଶ କରିଛନ୍ତି।

କୃଷି ବିଭାଗ ତଥ୍ୟ ଅନୁଯାୟୀ,କେନ୍ଦ୍ରାପଡା ଜିଲ୍ଲାର ୨୦୨୪-୨୫ ଖରିଫ ଋତୁରେ ସମୁଦାୟ ୧୫ହଜାର ୨ ଶହ ୩୦ ହେକ୍ଟର ପନି ପରିବା ଚାଷ ହୋଇଥିଲା। ମାର୍ଶାଘାଇ ବ୍ଲକରେ ସର୍ବାଧିକ ଡେରାବିଶ, ଗରଦପୁର, ମହାକଳପଡା, ପଟ୍ଟାମୁଣ୍ଡାଇ, ରାଜକନିକା, ଆଳି ଅଞ୍ଚଳର ଜମିରେ ପନି ପରିବା ଚାଷ କରାଯାଇଛି। ଶୀତଦିନକୁ ଛାଡ଼ି ଅନ୍ୟ ସବୁ ସମୟରେ ପନିବାରିବା ଦର ବହୁ ଉଚ୍ଚା ରହୁଥିବାବେଳେ ଅମଳ ବେଳେ ଅଭାବୀ ବିକ୍ରି ଚାଷୀ ପାଇଁ ସମସ୍ୟା ବଢ଼ାଉଛି। ଏଭଳି ସ୍ଥଳେ ଜିଲ୍ଲାରେ ଗୋଟିଏ ବି ଶୀତଳ ଭଣ୍ଡାର ନ ରହିବା ନେଇ ଚାଷୀକୁଳକୁ ଦୋହଲାଇ ଦେଉଛି। ତୁରନ୍ତ ଶୀତଳ ଭଣ୍ଡାର ଖୋଲିବାକୁ ଦାବି ହେଉଛି।

ଯଜ୍ଞ ଉତ୍ସବରେ ନିଆରା ପରମ୍ପରା

## ଗୁରୁଜନଙ୍କୁ ପୂଜିଲେ ଗ୍ରାମବାସୀ



ରାଜକନିକା,୧୭।୨ (ସଂଚାର ବ୍ୟୁରୋ): ଗୁରୁଜନଙ୍କ ସେବା ସାକ୍ଷାତ ଈଶ୍ୱରଙ୍କ ସେବା । ତାହା ସେମାନଙ୍କୁ ଯେତିକି ଆତ୍ମଖୁସି ଦିଏ, ପର ପିଢୀକୁ ସେତିକି ଅନୁପ୍ରାଣୀତ କରେ। ଭଲ ବାଟ ଦେଖାଏ। ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୁଏ। ଏପରି ଲକ୍ଷ୍ୟ ନେଇ ରାଜକନିକା ବ୍ଲକ ପାରିନୂଆପଡା ପଞ୍ଚାୟତ ଉଜାଙ୍ଗ ଗାଁର ଗ୍ରାମବାସୀ ଗୁରୁଜନଙ୍କୁ ସେବା, ସମ୍ବର୍ଦ୍ଧନା ଦେଇ ପୂଜା କରିଛନ୍ତି। ଗାଁ ପାଇଁ ସେମାନଙ୍କ ଅବଦାନକୁ ମନେପକାଇବା ସହ ଆଶୀର୍ବାଦ କାମନା କରିଛନ୍ତି । ଅବସର ଥିଲା ଗାଁର ନିଳକଣ୍ଠେଶ୍ୱର ମହାଦେବଙ୍କ ପଞ୍ଚମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ । ଯଜ୍ଞ ଶେଷ ଦିବସରେ ଗାଁର ବରିଷ୍ଠ ନାଗରିକ କୈଳାଷ ଚନ୍ଦ୍ର ପଣ୍ଡା, ଚୈତନ୍ୟ ନାୟକ, ଦର୍ପ ହରି ନାୟକ, ବିଷ୍ଣୁପ୍ରିୟା ନାୟକ, ବାସନ୍ତି ନାୟକ, ରୁକ୍ମଣୀ ନାୟକଙ୍କୁ ଫୁଲମାଳ, ଉପଢୌକନ, ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତେ ପାଦଛୁଇଁ ପ୍ରଣାମ ଜଣାଇଥିଲେ। ଯାହା ନିଆଁରା ପରିବେଶ ସୃଷ୍ଟି କରିଥିଲା। ସେହିଭଳି ଗାଁର ଜ୍ୱାଇଁ ଶିବାଜୀ ଚରଣ ନାୟକ, ଅଶୋକ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗତ ୧୨ ତାରିଖରେ କଳସଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଗାଁର ପାଲା ଗାୟକ ଧିରେନ୍ଦ୍ର କର, ବିରେନ୍ଦ୍ର କର ଓ ସାଥୀ ପାଲା ପରିବେଷଣ କରିଥିଲେ । ୬୪ ବ୍ରହ୍ମଣଙ୍କ ଦ୍ୱାରା ହରିହାଟ ହୋଇଥିଲା।

ଧାନକିଣାର ସୁପରିଚାଳନା

# ଯୋଗାଣ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଚାଷୀ



ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ରାଜ୍ୟରେ ଚଳିତ ବର୍ଷ ଖରିଫ୍ ଧାନକିଣା ଠିକ୍‌ଠାକ୍ ଚାଲିଥିବାରୁ ଓ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ଆକାଉଣ୍ଟକୁ ଅର୍ଥ ଆସୁଥିବାରୁ ଏନେଇ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଆଜି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ରାଜ୍ୟ ସଭାପତି ମନ୍ମେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସ୍ଥାନୀୟ ବାସଭବନରେ ପହଞ୍ଚି ଧନ୍ୟବାଦ ଜଣାଇଛନ୍ତି। ଚାଷୀମାନେ ସେମାନଙ୍କ ନିଜ ଜମିରେ ଚାଷ କରିଥିବା ଆଳୁ, ବାଇଗଣ, କୋବି, ବିଲାତି, କଦଳୀ, ନଡ଼ିଆ, ପାନ ଆଦି ଚାଷୀମାନେ ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଚାଷର ସନ୍ତକ ହଳଲଙ୍ଗଳ ପ୍ରଦାନ କରିଥିଲେ।

ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ ୨୪ ବର୍ଷ ଧରି ଶାସନ କରିବା ସମୟରେ ନବୀନ ପଟ୍ଟନାୟକ ଚାଷୀମାନଙ୍କ ସହ ପ୍ରତାରଣା କରିଥିଲେ। ୨୦୧୯ରେ ଧାନ କ୍ୱିଣ୍ଟାଲ୍ ପ୍ରତି ୧୦୦ ଟଙ୍କା ବୋନସ ଦେବାକୁ କହିଥିଲେ ହେଁ ତା' ଶାସନ କାଳ ଶେଷହେବା ପର୍ଯ୍ୟନ୍ତ ବି ଦେଇନଥିଲେ। ସେହିପରି ୩୧୪ ବ୍ଲକରେ ଶୀତଳଭଣ୍ଡାରର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଥିବା ବେଳେ ୩୫ ଭାଗ ଜମିକୁ ଜଳସେଚନ ସୁବିଧା ବି ଯୋଗାଇନାହାନ୍ତି। କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଥିରେ ବି ନବୀନ ଅବହେଳା କରିଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ୮ ମାସ ମଧ୍ୟରେ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଚଳିତ ବର୍ଷ ଧାନକିଣା କାରବାର ସାରା ରାଜ୍ୟରେ ସ୍ୱଚ୍ଛ ଓ ଶୃଙ୍ଖଳିତ ହୋଇଛି। ତେଣୁ ଗୋଟିଏ ପଟେ ନବୀନ ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ବେଳେ ମୋହନ ଜିଲୁ ଚାଷୀଙ୍କ ମନରେ ଆଶାର ସଞ୍ଚାର କରିଥିବା ଶ୍ରୀ ସାହୁ କହିଛନ୍ତି।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯଦୁମଣି ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ, ଅଶୋକ କୁମାର ରଥ, କୌଶିକ ଦାଶ, ଦୁଷ୍ମନ୍ତ ଜେନା, ଡ. ଜଗନ୍ନାଥ ମହାପାତ୍ର, ତପନ କୁମାର ବେହେରା, ବିଜୟ କୁମାର ପଣ୍ଡା, ଅଜୟ କୁମାର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପ୍ରଭାସ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ନାୟକ, ଶିବ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ଜେନା, ବିଶ୍ୱଜିତ ସ୍ୱାଇଁ, ଅଜୟ କୁମାର ସାହୁ, ଉପେନ୍ଦ୍ର ରାଉଳ, ଅମରେଶ୍ୱର ମିଶ୍ର, ସରୋଜକାନ୍ତ ସାହୁ, ପାଣ୍ଡବ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ହେବ ତ ଏମିତି



## ପାହାଡ଼ିଆ ରାସ୍ତାରେ ଚାଲିଚାଲି ଗଲେ, ଆଦିବାସୀଙ୍କ ଦୁଃଖ ଶୁଣିଲେ

ବୌଦ୍ଧ,୧୭।୨(ସଂଚାର ବ୍ୟୁରୋ): ଗାଁକୁ ନାହିଁ ରାସ୍ତା, ଗାଁ ଭିତରକୁ ଯିବାକୁ ହେଲେ, ଗୋଟିଏ କି ଦୁଇଟି ନୁହେଁ, ବରଂ ବାଟରେ ପଡେ ୫/୬ଟି ଜଙ୍ଗଲ। ପାହାଡ଼ ଚଢ଼ି ଚାଲି ଚାଲି ଯିବାକୁ ହୋଇଥାଏ। ନା ଅଛି ଭଲ ରାସ୍ତା ନା ପିଇବା ପାଇଁ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା। ଫଳରେ ପ୍ରାୟ ୬ରୁ ୭ଟି ଗ୍ରାମର ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି କିଛି ଆଦିବାସୀ ଅଧ୍ୟୁଷିତ ଗାଁ ରହିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଆଡେନିଗଡ଼ ପଞ୍ଚାୟତରେ। ତେବେ ସ୍ଥାନୀୟ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜଣେ ଉତ୍ତମ ଅଧିକାରୀର ପରିଚୟ ଦେଇ ଘାଟି ପାହାଡ଼ ରାସ୍ତା ଅତିକ୍ରମ କରି ପାଦରେ ଚାଲି ଚାଲି ଦୁର୍ଗମ ଅଞ୍ଚଳରେ ପହଞ୍ଚିଛନ୍ତି। ଏଥିସହ ସେ ଆଦିବାସୀମାନଙ୍କ ସହ କଥା ହୋଇ ସେମାନଙ୍କ ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ଅବ୍ୟଗତ ହୋଇଛନ୍ତି। ଅଧିକନ୍ତୁ ତୁରନ୍ତ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଆଲୋଚ୍ୟ ପଞ୍ଚାୟତରେ ଅନେକ ଗ୍ରାମ ରହିଛି, ଯେଉଁଠି ଆଜି ପର୍ଯ୍ୟନ୍ତ ସରକାରୀ ଯୋଜନା ବି ଠିକରେ ପହଞ୍ଚିପାରିନାହିଁ। ବଣ ଜଙ୍ଗଲର ଘାଟି ପାହାଡ଼ ରାସ୍ତା ଏସବୁ ଅଞ୍ଚଳର ମୁଖ୍ୟ ପ୍ରତିବନ୍ଧକ ହୋଇ ରହିଛି। କିନ୍ତୁ ଏବେ ଜିଲ୍ଲା ପ୍ରଶାସନ ଦୁର୍ଗମ ଅଞ୍ଚଳ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣି ଏହାର ସମାଧାନ ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛି। ଜିଲ୍ଲାରଏକ ଦୁର୍ଗମ ଗ୍ରାମ ହେଉଛି ସାବେରୀ। ଏହି ଗାଁରେ ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାପାଳ ପାଦରେ ଚାଲି ଚାଲି ପହଞ୍ଚିଛନ୍ତି। ଗତକାଲି ଭୋର୍‌ରୁ ଜିଲ୍ଲାପାଳ ଶ୍ରୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ହରଭଙ୍ଗା ବିଡିଓ ଶରତ ସେଠୀ, ତହସିଲଦାର ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ କୁଚୁଡା ଗ୍ରାମ ନିକଟରୁ ଘାଟି ପାହାଡ଼ ଚଢ଼ିବା ଆରମ୍ଭ କରିଥିଲେ। ସମତଳ ଭୂମିଠାରୁ ପ୍ରାୟ ୧୬ ଶହ ଫୁଟ ଉଚ୍ଚ ଜଙ୍ଗଲ ପାହାଡ଼ ଉପରେ ଥିବା ସାବେରୀରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ପାଦରେ ଚାଲି ଚାଲି ଯାଇ ପହଞ୍ଚିବା ପରେ ସେଠାକାର ଅଧିବାସୀମାନଙ୍କ ସକାଶେ ଏହା ପ୍ରଥମ ଘଟଣା ହୋଇଥିବାରୁ ସେମାନଙ୍କ ମନରେ ଅଫୁରନ୍ତ ଖୁସି ପରିଲକ୍ଷିତ ହୋଇଥିଲା। ରାସ୍ତାଘାଟ ନଥିବାରୁ ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ନେଇ ପାନୀୟ ଜଳ, ବିଦ୍ୟୁତ, ଅଙ୍ଗନବାଡି ଭଳି ମୌଳିକ ସୁବିଧା ବି ଆଜି ପର୍ଯ୍ୟନ୍ତ ପହଞ୍ଚିପାରିନାହିଁ। ଏପରିକି ଗାଁରେ ଆଜି ପର୍ଯ୍ୟନ୍ତ ସାଇକେଲ ଖଣ୍ଡେ ବି ପହଞ୍ଚିନଥିବା ଲୋକେ କହନ୍ତି। ପିଡିଏସ ଚାଉଳ ଓ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଏଠାକାର ଆଦିବାସୀମାନଙ୍କୁ ଦୀର୍ଘ ୧୦ କିମି ଜଙ୍ଗଲ ରାସ୍ତାକୁ ବିପଦପୂର୍ଣ୍ଣ ଭାବେ ପାର ହୋଇ ପଞ୍ଚାୟତ କାଯ୍ୟାଳୟରେ ପହଞ୍ଚିବାକୁ ପଡ଼ିଥାଏ। ଆଡ୍ଡେନିଗଡ ପଞ୍ଚାୟତର ଏହି ୧୨ ନମ୍ବର ୱାର୍ଡରେ ସାବେରୀ ଭଳି ଆଡ୍ଡାପାଜୁ, ଲେଙ୍ଗରପାଜୁ, ମଣ୍ଡାଳି, ସୁଲୁଗାଁ ଆଦି ଗାଁର ସରଳ ନିରୀହ ଗରିବ କନ୍ଧ ଆଦିବାସୀମାନେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ବସବାସ କରୁଛନ୍ତି।

ସେହିପରି ସାବେରୀ ଭଳି ଦୁର୍ଗମ ଗାଁରେ ପାନୀୟ ଜଳ ପାଇଁ ଗୋଟିଏ ଖୋଲା କୂଅରୁ ଉଭୟ ମଣିଷ ଓ ପଶୁ ପାଣି ପିଉଥିବାରୁ ଜିଲ୍ଲାପାଳ ତୁରନ୍ତ ସେଠାରେ ୩ଟି କୂପ ଖନନ କରିବା ସହ ଗାଁକୁ ସଂଯୋଗ ପାଇଁ ଘାଟିରେ ମନରେଗା ମାଧ୍ୟମରେ ମେଟାଲ, ମୋରମ ବିଛାଇ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲ୍ଲାପାଳ କେତେକ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ସହ ଅନେକଙ୍କୁ କମ୍ବଳ ମଧ୍ୟ ବାଣ୍ଟିଛନ୍ତି। ତେବେ ପୂର୍ବରୁ କୌଣସି ଜିଲ୍ଲାପାଳ ଅଗମ୍ୟ ଜଙ୍ଗଲରେ ପଡ଼ିରହିଥିବା ଆଦିବାସୀଙ୍କ କଥା ଚିନ୍ତା କରି ନଥିବା ବେଳେ ଶ୍ରୀ ପଣ୍ଡାଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଜିଲ୍ଲାପାଳ ହେବ ତ ଏମିତି ବୋଲି ଚର୍ଚ୍ଚା ହେଉଛି।

## ନିଃସନ୍ତାନଙ୍କୁ ଲୁଟୁଛନ୍ତି ସାଇବର ଠକ

କଟକ,୧୭।୨(ସଂଚାର ବ୍ୟୁରୋ): ସାଇବର ଅପରାଧୀଙ୍କର ଏକ ନୂଆ ଧରଣର ଗତିବିଧି ସାମ୍ନାକୁ ଆସିଛି। ନିଃସନ୍ତାନ ମହିଳାଙ୍କୁ ଗର୍ଭବତୀ କଲେ ପ୍ରଚୁର ଅର୍ଥ ରାଶି ମିଳିବ କହି ଠକୁଛନ୍ତି ସାଇବର ଠକ । ଏଥିପାଇଁ ଫେସ୍‌ବୁକ୍ କୁ ଏକ ଭଲ ମାଧ୍ୟମ ଭାବରେ ବାଛିଛନ୍ତି ସାଇବର ଠକ। ବିହାର ନୱାଡ଼ା ଜିଲ୍ଲାରୁ ଏହି ଗ୍ୟାଙ୍ଗ କାମ କରୁଥିବା ଜଣାପଡିଛି। ଫେସ୍‌ବୁକ୍‌ରେ ମାଳମାଳ ଠକ ଦମ୍ପତିଙ୍କ ଭିଡିଓ ଛାଡୁଛନ୍ତି ସାଇବର ଅପରାଧୀ ଗ୍ୟାଙ୍ଗ । ମହିଳାଙ୍କୁ ଗର୍ଭବତୀ କରାଇବାକୁ ଏହି ବିଜ୍ଞାପନରେ ଉଲ୍ଲେଖ କରାଯାଉଛି । ଯଦି କେହି ପୁରୁଷ ଜଣେ ନିଃସନ୍ତାନ ମହିଳାଙ୍କୁ ଗର୍ଭବତୀ କରାଇ ଦିଅନ୍ତି, ତେବେ ଏଥିପାଇଁ ତାଙ୍କୁ ୧୫ ଲକ୍ଷ ଟଙ୍କା ଯାଏଁ ଅର୍ଥ ଓ ଜାଗା ଘର ମଧ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଉଛି ।

## ବିଧାନସଭା ଖବର

### ବଢ଼ିଛି ଧର୍ତ୍ତବ୍ୟ ଅପରାଧ ପରିମାଣ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ରାଜ୍ୟରେ ଗତ ୨୦୨୩ ତୁଳନାରେ ୨୦୨୪ରେ ଧର୍ତ୍ତବ୍ୟ ଅପରାଧ ପରିମାଣ ବୃଦ୍ଧି ପାଇଛି। ଗତ ୨୦୨୩ରେ ୧ ଲକ୍ଷ ୯୯ ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଥିବା ବେଳେ ଗତବର୍ଷ ଏହି ସଂଖ୍ୟା ୨ ଲକ୍ଷ ୧୪ ହଜାର ୧୧୩ରେ ପହଞ୍ଚିଥିବା ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଜ୍ୟରେ ପୂର୍ବ ବର୍ଷ ତୁଳନାରେ ବଢ଼ିଛି ଧର୍ତ୍ତବ୍ୟ ଅପରାଧ ସଂଖ୍ୟା। ୨୦୨୩ ତୁଳନାରେ ୨୦୨୪ରେ ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବଢ଼ିଛି। ବର୍ଷେ ମଧ୍ୟରେ ୧୪୧୫୯ ଅପରାଧ ବୃଦ୍ଧି ପାଇଛି। ତେବେ ଜନସଂଖ୍ୟା ବୃଦ୍ଧି ସହ ମାମଲା ବୃଦ୍ଧି ଓ ଦ୍ରୁତ ଆର୍ଥିକ ବିକାଶ ଭଳି କାରଣ ପାଇଁ ମାମଲା ପଞ୍ଜିକରଣରେ ବୃଦ୍ଧି ଘଟିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୪ରେ ୬୪୩୭ଟି ମହିଳା ଓ ଶିଶୁ ଅପହରଣ, ବାଲ୍ୟ ବିବାହ ମାମଲା ରୁଜୁ ହୋଇଛି। ଏଥିରୁ ୬୦୯୭ ମାମଲାର ତଦନ୍ତ ଚାଲିଥିବାବେଳେ ୪୪ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ଏହାଛଡ଼ା ୧୧ଟି ମାମଲାର ଫାଇନାଲ୍ ରିପୋର୍ଟ ଦିଆଯାଇଥିବା ବେଳେ ୨୮୫ଟି ମାମଲାର ଫଇସଲା ସରିଛି। ଏଥିରେ ୩୯୯ ଜଣ ପୁରୁଷ ଓ ୧୪ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ୨୦୨୩ରେ ରାଜ୍ୟରେ ୧୬୮୫୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହା ୧୭୮୦୫ରେ ପହଞ୍ଚିଛି। ଏହାଛଡ଼ା ୨୦୨୩ରେ ୧୧୯୯୨ଟି ଦୁର୍ଘଟଣା ଓ ୨୮୨୬ଟି ଧର୍ଷଣ ମାମଲା ରୁଜୁ ହୋଇଥିବା ବେଳେ ଗତବର୍ଷ ଏହା ଯଥାକ୍ରମେ ୧୨୩୭୫ ଓ ୩୦୫୪ ଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ୮ ମାସରେ ୧୧୭ କୋଟିର ସମ୍ପତ୍ତି ଜବତ

ରାଜ୍ୟରେ ଗତ ୮ ମାସ ମଧ୍ୟରେ ବିଜେପି ସରକାର ଅମଳରେ ଦୁର୍ନୀତି ନିବାରଣ ବିଭାଗ ଅଧିକ ସକ୍ରିୟ ହୋଇଛି। ଏହି ସମୟ ମଧ୍ୟରେ ଅର୍ଥାତ୍ ଗତ ବର୍ଷ ଜୁନ୍ ୧୨ ତାରିଖଠାରୁ ଚଳିତ ବର୍ଷ ଜାନୁଆରୀ ୩୧ ତାରିଖ ମଧ୍ୟରେ ବିଭାଗ ପକ୍ଷରୁ ୫୦ ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମକଦ୍ଦମା ରୁଜୁ କରାଯାଇଛି। ଏହି ଚଢ଼ାଉରେ ୧୧୭ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଛି। ଏଥିମଧ୍ୟରୁ ୧୧ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କ ପାଖରୁ ୪ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା, ଘର, ପ୍ଲଟ, ଗାଡ଼ିମୋଟର ଓ ବ୍ୟାଙ୍କଜମା ଆଦି ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୫୧ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ୧୩ଟି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୯ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ବୋଲି ଗୃହରେ ଲିଖିତ ଉତ୍ତର ରଖିବା ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ୩୯୧୧ ଅଭିଯୋଗର ଫଏସଲା ହୋଇଛି

ଗତ ସାତ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୁଦାୟ ୮ଟି ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସିଧାସଳଖ ୮୭୩୭ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ୭୨,୮୫୦ଟି ଅଭିଯୋଗ ଅନଲାଇନ୍ ମାଧ୍ୟମରେ ଆଗତ ହୋଇଛି। ମିଳିଥିବା ଅଭିଯୋଗଗୁଡ଼ିକର ବିଭାଗୱାରୀ ତାଲିକା ଯଥାକ୍ରମେ ପରିଶିଷ୍ଟ 'କ' ଏବଂ ପରିଶିଷ୍ଟ 'ଖ'ରେ ସଂଲଗ୍ନ କରାଯାଇଛି। ଗତ ୭ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭାବେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଅଦ୍ୟାବଧି ୩୯୧୧ଟି ଅଭିଯୋଗର ଫଏସଲା ହୋଇଛି ଓ ଅନଲାଇନ୍ ମାଧ୍ୟମରେ ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଅଦ୍ୟାବଧି ୧୦,୨୨୫ଟି ଅଭିଯୋଗର ଫଏସଲା ହୋଇଛି। ଝାରସୁଗୁଡ଼ା ଜିଲ୍ଲାରୁ ଗତ ୭ ମାସ ମଧ୍ୟରେ ୪୦୬୧ଟି ଅଭିଯୋଗ ମିଳିଥିବା ବେଳେ ଏଥିରୁ ୨୮୬୪ଟି ଅଭିଯୋଗର ଫଏସଲା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି।

### 'ଆମ ବସ୍' ପ୍ରସଙ୍ଗରେ ପ୍ରଶ୍ନ ଉଠାଇଲେ ସୋଫିଆ

ବିଧାନସଭାରେ ବି ଉଠିଲା 'ଆମ ବସ୍' ଦୁର୍ଘଟଣା ପ୍ରସଙ୍ଗ। ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋଷ 'ଏହା ଆମ ବସ୍ ନା ମର୍ଡର୍ ବସ୍' ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଆମ ବସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ମଧ୍ୟ ସୋଫିଆ ପ୍ରଶ୍ନ କରିଛନ୍ତି। ଆମ ବସ ଡ୍ରାଇଭରଙ୍କ ସ୍କିଲ ଟେଷ୍ଟ ଠିକ ଭାବେ କରାଯାଉଛି ନା ନାହିଁ ବୋଲି ପ୍ରଶ୍ନ କରିବା ସହ ଏହି ବସ୍ ଚଳାଚଳ ପାଇଁ ଅଲଗା ରୁଟ୍ ବ୍ୟବସ୍ଥା କରାଯିବ କି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ କିଛିଦିନ ହେଲା ରାଜଧାନୀରେ ଆମ ବସ୍ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟାଇ ଆତଙ୍କ ସୃଷ୍ଟି କରିଚାଲିଛି। ନିକଟରେ ଏହି ବସ୍ ଚାଳକଙ୍କ ବେପରୁଆ ଚାଳନା ଯୋଗୁଁ ଜନୈକା ସ୍କୁଟି ଚାଳକ ମହିଳା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ତମାଣ୍ଡୋ ଥାନାର ଓଭରବ୍ରିଜ ତଳେ ମଧ୍ୟ ଏହି ଦୁର୍ଘଟଣା ଘଟିଥିବା ବେଳେ ସମ୍ପୃକ୍ତ ବସଟି ମହିଳାଙ୍କୁ ଧକ୍କା ଦେଇ ଶହେ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ସେଠାରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ଆଇଟି ବିଭାଗରେ ମାତ୍ର ୮ ଡିଗ୍ରୀଧାରୀ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ବିଭାଗରେ ମାତ୍ର ୮ ଜଣ ଆଇଟି ଡିଗ୍ରୀଧାରୀ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ମଧ୍ୟରେ ବିଭାଗର ପ୍ରମୁଖ ଶାସନ ସଚିବ ରହିଥିବାବେଳେ ଆଉ ଜଣେ ଆଇଟି ଡିଗ୍ରୀଧାରୀ ଅଧିକାରୀ ଡେପୁଟେସନରେ ଆସିଛନ୍ତି ବୋଲି ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ।

ଆଇଟି ବିଭାଗ ଓ ଏହା ଅଧିନରେ ଥିବା ଓକାକ୍‌ରେ କର୍ମଚାରୀଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଛନ୍ତି ଯେ ଏହି ବିଭାଗରେ ୨୮ ଜଣ ନିୟମିତ ଓ ଜଣେ ଡେପୁଟେସନରେ ଆସିଥିବା ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ମଧ୍ୟରୁ ୮ ଜଣ ହେଉଛନ୍ତି ଆଇଟି ଡିଗ୍ରୀଧାରୀ। ବିଭାଗର ପ୍ରମୁଖ ସଚିବ ଓ ଡେପୁଟେସନରେ ଆସିଥିବା ସ୍ୱତନ୍ତ୍ର ସଚିବ ବି. ଟେକ୍ ଡିଗ୍ରୀଧାରୀ ହୋଇଥିବାବେଳେ ଜଣେ ସେକ୍ସନଅଫିସର ଏମ. ଟେକ୍ ଡିଗ୍ରୀଧାରୀ ଓ ଆଉ ଜଣେ ଏମ୍‌ସିଏ ଡିଗ୍ରୀଧାରୀ ଅଛନ୍ତି। ତେବେ କାର୍ଯ୍ୟରତ ଆଉ ଦୁଇ ଜଣ ସେକ୍ସନ ଅଫିସର ଓ ଦୁଇ ଜଣ ସହକାରୀ ସେକ୍ସନ ଅଫିସର ବି. ଟେକ ଡିଗ୍ରୀଧାରୀ।

ତେବେ ଆଇଟି ବିଭାଗ ଅଧିନରେ ଥିବା ଓକାକ୍‌ର ଚାରି ମୁଖ୍ୟ ଅଧିକାରୀ ଡେପୁଟେସନରେ ଆସିଛନ୍ତି। ଏମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପରିଚାଳନା ନିର୍ଦ୍ଦେଶକ, ଓଏସ୍‌ଡି ଓ ପ୍ରଶାସକ ରହିଛନ୍ତି। ତେବେ ଓକାକ୍‌ରେ କାର୍ଯ୍ୟରତ ୨୯ ଜଣ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୮ ଜଣ ନିୟମିତ କର୍ମଚାରୀ ହୋଇଥିବା ବେଳେ ୨୧ ଜଣ ଠିକା କର୍ମଚାରୀ। ତେବେ ଏହି ସମସ୍ତ ୨୯ କର୍ମଚାରୀ ଆଇଟି ଡିଗ୍ରୀଧାରୀ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ପାଇଁ ସତର୍କତା

## ସକାଳୁଆ ପାଠପଢ଼ା ଓ ପରୀକ୍ଷା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଉଚ୍ଚଶିକ୍ଷା ବିଭାଗ ସତର୍କ ସୂଚନା ଜାରି କରିଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ, ସମସ୍ତ ଡିଗ୍ରୀ କଲେଜକୁ ଚିଠି ଲେଖି ସତର୍କତା ଅବଲମ୍ବନ କରିବା ସକାଶେ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ପାଠପଢ଼ା ଓ ପରୀକ୍ଷା ଆଦି ସକାଳୁଆ କରିବା ସକାଶେ କୁହାଯାଇଛି। ଏହାଛଡ଼ା ଗ୍ରୀଷ୍ମପ୍ରବାହରୁ ବର୍ତ୍ତିବା ପାଇଁ ଅପରାହ୍ଣରେ କୌଣସି ପ୍ରକାର ଆଉଟଡୋର୍ ଆକ୍ଟିଭିଟିକୁ ବାରଣ କରାଯାଇଛି। ସମସ୍ତ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜରେ ପିଇବା ପାଇଁ ସହ ଓଆରଏସ ମହଜୁଦ ରଖାଯିବ। ଶିକ୍ଷାନୁଷ୍ଠାନ ପରିସରରେ ଥିବା ଟ୍ୟୁବୱେଲ ଓ ପାଣିପମ୍ପକୁ କାର୍ଯ୍ୟକ୍ଷମ କିମ୍ବା ଆବଶ୍ୟକସ୍ଥଳେ ମରାମତି କରାଯିବ। କଲେଜ ଓ ପରୀକ୍ଷା କେନ୍ଦ୍ରରେ ଫାଷ୍ଟଏଡ ରହିବା ସୁନିଶ୍ଚିତ କରାଯିବ। ଶିକ୍ଷାନୁଷ୍ଠାନ ମୁଖ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇଁ ସଚେତନତା କରାଇବେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀର ପାଳନ ସୁନିଶ୍ଚିତ କରିବା ସକାଶେ ଏକ ସ୍କ୍ୱାଡ୍ ଗଠନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ମେଗା ପାନୀୟ ଜଳ ପ୍ରକଳ୍ପର ସୁରକ୍ଷା କର୍ମୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ



ଆନନ୍ଦପୁର,୧୭।୨(ସଂଚାର ବ୍ୟୁରୋ): ମେଗା ପାନୀୟ ଜଳ ପ୍ରକଳ୍ପର ସୁରକ୍ଷା କର୍ମୀଙ୍କ ମୃତଦେହ ଉଦ୍ଧାର ପରେ ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ । ଆନନ୍ଦପୁର ପୌରପରିଷଦ ୨ ନମ୍ବର ୱାର୍ଡ ପଦ୍ମପୁର ଗାଁର ଶୁକଦେବ ସାହୁ ସ୍ଥାନୀୟ ମେଗା ପାନୀୟ ଜଳପ୍ରକଳ୍ପରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ଥିଲେ । ଗତକାଲି ସନ୍ଧ୍ୟାରୁ ସେ ଘରୁ ସାଇକେଲ ଯୋଗେ ଆନନ୍ଦପୁର ବ୍ୟାରେଜ ନିକଟରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ଡ୍ୟୁଟି କରିବା ପାଇଁ ଆସି ଆଉ ଘରକୁ ଫେରି ନଥିଲେ। ସକାଳୁ ସହକର୍ମୀ ତାଙ୍କ ମୃତ ଦେହକୁ ପଛ ଗେଟ ତଥା ବୈତରଣୀ ନଦୀ କୂଳରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଓ ଗାଁ ଲୋକେ ଘଟଣା ସ୍ଥଳକୁ ଆସି ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନ୍ୟାୟ ଦାବିରେ ଗ୍ରାମବାସୀ ରାଜ୍ୟ ରାଜପଥ ୫୩ କୁ ଅବରୋଧ କରି ରାସ୍ତା ରୋକ କରିଛନ୍ତି । ସିସିଟିଭି କ୍ୟାମେରା ନଥିବାରୁ ଘଟଣାର ସତ୍ୟାସତ୍ୟ କିଛି ଜଣା ପଡ଼ିନାହିଁ ।

## ପେନସନ୍ ମାମଲାର ଶୁଣାଣି ୪ ସପ୍ତାହରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ସୁଶ୍ରୀ ଜାନକୀ ଦାସଙ୍କ ବୟସ ପ୍ରାୟ ୭୦ ବର୍ଷ। ୩୧ ବର୍ଷ ଧରି ସରକାରୀ ଚାକିରି କରିବା ପରେ ଗତ ୨୦୧୪ରେ ଅବସର ଗ୍ରହଣ କରିଛନ୍ତି। ସରକାରୀ ଚାକିରିରୁ ଅବସର ଗ୍ରହଣର ପ୍ରଥମ ଦିନରେ ହିଁ ପେନ୍‌ସନ୍ ମିଳିବ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର ଯେଉଁ ଘୋଷଣା କରାଯାଉଛି ତାହା ସତେ ଯେପରି ଏହି ଭିନ୍ନକ୍ଷମ ଅବିବାହିତା ମହିଳାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଏହି ଘଟଣାରେ ଓଡ଼ିଶା ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୪ ସପ୍ତାହ ଭିତରେ ଜାନକୀଙ୍କ ଯାତନାରେ ଯବନିକା ନପଡ଼ିଲେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ପଡ଼ିବ ବୋଲି ତାଗିଦ୍ କରିଛନ୍ତି।

୧୯୮୩ରେ ସ୍ୱାସ୍ଥ୍ୟ ବିଭାଗର ଚକ୍ଷୁ ଚିକିତ୍ସା ଶାଖାର ଜଣେ ସହକାରୀ ଭାବେ ଚାକିରି ଜୀବନ ଆରମ୍ଭ କରି ସେ ୨୦୧୪ ମସିହାରେ ସାଲେପୁର ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅବସର ଗ୍ରହଣ କରିଛନ୍ତି । ଜଣେ ଭିନ୍ନକ୍ଷମ ମହିଳା ବୋଲି ଜାଣି ସୁଦ୍ଧା ବିଭିନ୍ନ ସମୟରେ ତାଙ୍କୁ ଦୂରଦୂରାନ୍ତକୁ ବାରମ୍ବାର ବଦଳି କରାଯାଏ ବିଭିନ୍ନ ମହଲରେ ନେହୁରା ହେବା ପରେ ତାଙ୍କର ବଦଳି ଆଦେଶରେ ପରିବର୍ତ୍ତନ ହୁଏ। ଏହି ପ୍ରକ୍ରିୟାରେ ତାଙ୍କର କିଛିଦିନର ଛୁଟି ମଞ୍ଜୁର ହୋଇନାହିଁ। ଏହାକୁ ଆଳ କରି ତାଙ୍କର ବେତନ ଠିକଣା ଭାବେ ନିର୍ଦ୍ଧାରଣ କରାଯାଇନଥିବାରୁ ଅବସରଗ୍ରହଣ କରିବା ବେଳକୁ ସେ ଢେର କମ୍ ବେତନ ପାଉଥିଲେ। ଏହି ଆଧାରରେ ବହୁଦିନ ପରେ ତାଙ୍କୁ ପ୍ରୋଭିଜିନାଲ୍ ପେନ୍‌ସନ୍ ଦିଆଯାଇଥିଲେ ମଧ୍ୟ ନିୟମିତ ପେନ୍‌ସନ୍ ଓ ଅବସରକାଳୀନ ଆର୍ଥିକ ସୁବିଧାରୁ ଏଯାବତ ଅନେକ ମିଳିନାହିଁ କିମ୍ବା ତାଙ୍କ ବକେୟା ବେତନ ବି ଦିଆଯାଉ ନାହିଁ କି ସର୍ଭିସ୍ ବହିକୁ ନିୟମିତ କରାଯାଉନାହିଁ।

ଚାକିରିରେ ଥିବା ସମୟରେ ଓ ଅବସର ଗ୍ରହଣ କରିବା ପରେ ସୁଶ୍ରୀ ଜାନକୀ ଦାସ ଏ ସଂକ୍ରାନ୍ତରେ ବିଭିନ୍ନ ମହଲରେ ବାରମ୍ବାର ଗୁହାରି କରି ନିରାଶ ହେବାରୁ ଓଡ଼ିଶା ହାଇକୋର୍ଟରେ ନ୍ୟାୟ ଭିକ୍ଷା କରିଥିଲେ। ୨୦୨୪ ଏପ୍ରିଲ ୨୨ ତାରିଖରେ ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାବତ୍ କେହି କିଛି କର୍ଣ୍ଣପାତ ନକରିବାରୁ ସେ ପୁଣିଥରେ ଓଡ଼ିଶା ହାଇକୋର୍ଟରେ ପ୍ରସଂଗ ଉଠାଇଥିଲେ। ହାଇକୋର୍ଟର ଅନ୍ୟତମ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାଟିର ବିସ୍ତୃତ ଶୁଣାଣି କରି ୪ସପ୍ତାହ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବା ପାଇଁ ଗତ ୧୪ ତାରିଖରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ତ୍ରୁଟି ହେଲେ କର୍ତ୍ତୃପକ୍ଷ ଇଚ୍ଛାକୃତ ଭାବେ ଆଇନ୍ ଅଦାଲତଙ୍କ ଆଦେଶର ଅବମାନନା କରୁଛନ୍ତି ବୋଲି ଧରିନିଆଯାଇ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ କୁହାଯିବ ବୋଲି ତାଗିଦ କରିଛନ୍ତି। ଏହି ଶାରୀରିକ ଭିନ୍ନକ୍ଷମ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଇନ୍ ସହାୟତାର ହାତ ବଢ଼ାଇଛନ୍ତି ଅଭିଜ୍ଞ ଆଇନ୍‌ଜୀବୀ ପ୍ରହଲାଦ ସିଂହ ଓ ଅମୀୟ ଛାଟୋଇ। ବିଭାଗୀୟ ଅଧିକାରୀଙ୍କ ସକରାତ୍ମକ ଚିନ୍ତାଧାରା ରହିଲେ ଏଭଳି ଏକ ସମ୍ବେଦନଶୀଳ ପ୍ରସଂଗର ସମାଧାନ ସପ୍ତାହକ ଭିତରେ ହୋଇପାରିବ। ବଦଳିଜନିତ କାରଣରୁ ସେ ଯେତିକି ଦିନ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି ତାହାକୁ ଛୁଟି ଆକାରରେ ମଞ୍ଜୁର କରାଯାଇପାରିବ କିମ୍ବା ଏହି ସମମୟକୁ କାମ ନାହିଁ ତ ଦରମା ନାହିଁ ଭାବେ ଗ୍ରହଣ କରି ସେବା ପୁସ୍ତିକଟି ନିୟମିତ କରାଯିବା ସହିତ ତାଙ୍କ ବେତନ, ଇନ୍‌କ୍ରିମେଣ୍ଟ ଆଦି ଠିକଣା ଭାବେ ସ୍ଥିର କରାଯାଇ ନିୟମିତ ପେନ୍‌ସନରୁ ବଞ୍ôଚତ ଏହି ବୃଦ୍ଧାଙ୍କୁ କର୍ତ୍ତୃପକ୍ଷ ତ୍ୱରିତ ନ୍ୟାୟ ଦେଇପାରିବେ। ଆବେଦନକାରିଣୀ ସୁଶ୍ରୀ ଜାନକୀ ଦାସ କହିଛନ୍ତି ଯେ ଆଇନ୍ ଅଦାଲତ ଓ ଉଚ୍ଚ ପ୍ରଶାସନିକ ବ୍ୟବସ୍ଥା ଉପରେ ତାଙ୍କର ଭରସା ଅଛି ଓ ତାଙ୍କୁ ତ୍ୱରିତ ନ୍ୟାୟ ସରକାର ପ୍ରଦାନ କରିବେ ବୋଲି ସେ ଏବେ ବି ଆଶା ରଖିଛନ୍ତି । (ତଥ୍ୟ)

## ଏଚ୍‌ବିସିଆର୍‌ରେ ବିଶ୍ୱ ଶିଶୁ କର୍କଟ ଦିବସ



କଟକ,୧୭।୨(ସଂଚାର ବ୍ୟୁରୋ): ବିଶ୍ୱ ଶିଶୁ କର୍କଟ ଦିବସ ଉପଲକ୍ଷେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କଟକ (ଏଚବିସିଆର) ଓ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବଲ ଟ୍ରଷ୍ଟ, ଓଡ଼ିଶା (ବିସିଟିର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଦୀପକ ରାଉତରାୟ, ଆଡମିନଷ୍ଟ୍ରେଟିଭ୍ ଅଫିସର୍ ପ୍ରତିଭା ପୃଷ୍ଟି, ମସ୍ତିଷ୍କ ଓ ଗଳା ବିଭାଗ ମୁଖ୍ୟ ଡକ୍ଟର ପ୍ରମୋଦ ଚନ୍ଦ୍ର ପାଠୀ ଉପସ୍ଥିତ ଥିଲେ। ରଙ୍ଗୋଲି କାର୍ଯ୍ୟକ୍ରମ, ରାମ୍ପ୍ ଶୋ', କ୍ୟାନସର ବିଜୟୀ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଭିଜ୍ଞ ରୋଗୀ ପରାମର୍ଶଦାତା ମନସ୍ୱିନୀ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଆଶୋକ ବେହେରା, ଅରକ୍ଷିତ ସାହୁ, ସମାଜସେବୀ ଅଭିମନ୍ୟୁ ଦାସ, ଏନସିଟିର ସମ୍ପାଦକ ନାରାୟଣ ଭାଇ, ବିଷ୍ଣୁପ୍ରିୟା ଚାରିଟେବଲ୍ ଟ୍ରଷ୍ଟ ସମ୍ପାଦକ ପ୍ରିନ୍ସ ନନ୍ଦ, ଟ୍ରଷ୍ଟ ଅଧ୍ୟକ୍ଷ ରକ୍ତଦାତା ଇଂ. ବିମଳ ଚନ୍ଦ୍ର ଦାସ, ନରେଶ ବେହେରା, ଏଚବିସିଆର ଟିମର ଶକ୍ତି, ଶୁଭ, ଶର୍ମିଷ୍ଠା ଦିଦି, ଗାୟତ୍ରୀ ଦିଦି, ରମାକାନ୍ତ, ହସ୍ପିଟାଲର ବାପି ଭାଇ, ପେଡ୍ରିଆଟିକ ଅଙ୍କଲୋଜିର ମୁଖ୍ୟ ନୁସିଂ ଅଫିସର୍ ରତ୍ନ ଦିଦି, ନର୍ସିଂ ମୁଖ୍ୟ ବାସନ୍ତୀ ଦିଦି, ନର୍ସିଂ ସହାୟିକା କାଞ୍ଚନ ଦିଦି ସହଯୋଗ କରିଥିଲେ। ବିସିଟି ପରିବାର ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨ ଜଣ ପିଲାଙ୍କୁ ଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଓ୍ୱେକେନ ଟ୍ରଷ୍ଟ ପକ୍ଷରୁ ପିଲାମାନଙ୍କ ଉଦ୍ଦେଶ୍ୟରେ ଜର୍ମାନୀରୁ ଆସିଥିବା ମ୍ୟାଜିକ ପରିବେଷଣ କରାଯାଇଥିଲା। ଦି ହ୍ୟୁମାନିଟି ଗ୍ରୁପ୍ ମୁଖ୍ୟ ଦେବୀ ପ୍ରସାଦଙ୍କ ଦ୍ୱାରା ସମସ୍ତ କର୍କଟ ପିଲାଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ରୋଗୀ ପରାମର୍ଶଦାତା ସପନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ରାଜ୍ୟରେ ୬୬ ଆଇଏଏସ୍ ଓ ୬୯ ଆଇପିଏସ୍ ପଦବୀ ଫାଙ୍କା

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ରାଜ୍ୟରେ ଆଇଏଏସ ଓ ଆଇପିଏସ ମରୁଡ଼ି ଦେଖା ଦେଇଛି । ୬୬ଟି ଆଇଏଏସ ପଦବୀ ଖାଲିଥିବା ବେଳେ ଆଇପିଏସ ପଦବୀ ୬୯ଟି ଫାଙ୍କା ପଡିଛି । ବିଧାୟକ ଅରୁଣ ସାହୁ ବିଧାନସଭାରେ ପଚାରିଥିବା ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, "ଓଡିଶା କ୍ୟାଡରରେ ଅନୁମୋଦିତ ଆଇଏଏସ ପଦବୀ ସଂଖ୍ୟା ୨୪୮ ରହିଛି। ବର୍ତ୍ତମାନ ରାଜ୍ୟ କ୍ୟାଡରରେ ୧୮୨ ଜଣ ଆଇଏଏସ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ୬୬ ପଦବୀ ଖାଲି ରହିଛି । ଏହା ବ୍ୟତୀତ ୨ ଜଣ ଆଇଏଏସ ଅଧିକାରୀ ଆନ୍ତଃ ରାଜ୍ୟ ଡେପୁଟେସନରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଛନ୍ତି ।" ସେ ଆଉ ମଧ କହିଛନ୍ତି, "୨୨ ଜଣ ଆଇଏଏସ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି । କେନ୍ଦ୍ରୀୟ ଡେପୁଟେସନରେ ଥିବା ଓଡିଶା କ୍ୟାଡରର ଆଇଏଏସ ଅଧିକାରୀ ହେଲେ ତୁହିନକାନ୍ତି ପାଣ୍ଡେ, ନିତିନ ଚନ୍ଦ୍ରା, ସଂଜୀବ ଚୋପ୍ରା, ଗୁଡ଼ି ଶ୍ରୀବାସ୍ତବ, ସଂଜୟ ରସ୍ତୋଗି, ଚନ୍ଦ୍ରଶେଖର କୁମାର, ଅଶୋକ କୁମାର ମୀନା, ସନ୍ତୋଷ କୁମାର ଷଡ଼ଙ୍ଗୀ, ରଂଜନା ଚୋପ୍ରା, ସୁଶୀଲ କୁମାର ଲୋହାନି, ପ୍ରମୋଦ କୁମାର ମେହେର୍ଦ୍ଦା, ଡୋଡା ଭି ସ୍ୱାମୀ, ଦେବଜାନୀ ଚକ୍ରବର୍ତ୍ତୀ, କିଶନ କୁମାର, ନିତିନ ଭାନୁଦାସ ଜାବଲେ, ରୂପା ମିଶ୍ର, ରବୀନ୍ଦ୍ର ପ୍ରତାପ ସିଂ, ଏମ୍ ମୁଥୁକୁମାର, ଉଦୟ ନାରାୟଣ ଦାସ, ରେଘୁ ଜି, ଗାଭିଲ ପରାଗ ହର୍ଷଦ ଓ ଲିଙ୍ଗରାଜ ପଣ୍ଡା । ୫ ବର୍ଷରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ଡେପୁଟେସନରେ ଥିବା ଆଇଏଏସ ଅଧିକାରୀ ହେଉଛନ୍ତି ତୁହିନକାନ୍ତି ପାଣ୍ଡେ, ନିତିନ ଚନ୍ଦ୍ରା, ଗୁଡ଼ି ଶ୍ରୀବାସ୍ତବ, ସଂଜୟ ରସ୍ତୋଗି, ଚନ୍ଦ୍ରଶେଖର କୁମାର, ଡୋଡା ଭି ସ୍ୱାମୀ, ରୂପା ମିଶ୍ର, ରବୀନ୍ଦ୍ର ପ୍ରତାପ ସିଂ । ସେହିପରି ରାଜ୍ୟରେ ସମୁଦାୟ ଆଇପିଏସ ପଦବୀ ସଂଖ୍ୟା ୧୯୫ ରହିଛି । ତନ୍ମଧ୍ୟରୁ ୬୯ ଟି ପଦବୀ ଖାଲି ଅଛି । ୧୦ ଜଣ ଆଇପିଏସ ଅଧିକାରୀ ବର୍ତ୍ତମାନ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟର ପ୍ରାଧାନ୍ୟ-ଯେତେବେଳେ ତୁମେ ନିଜକୁ ନ୍ୟୁନ ବା ଶୂନ୍ୟ କରିଦେବ, ସେତେବେଳେ ତୁମ ଭିତରେ ପୂର୍ଣ୍ଣ ଈଶ୍ୱର ପ୍ରକଟ ହେବେ। ତେଣୁ ଯୋଗୀଜନ ଶୂନ୍ୟକୁ ସାଧନାର ମୂଳ କରିଥାଆନ୍ତି।

SANCHAR
ସଂଚାର



# ମୋଦିଙ୍କ ସଫଳ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳତାର ସହ ଆମେରିକା ଗସ୍ତ କରି ଫେରିଆସିଛନ୍ତି। ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହୋଇଛି ଏବଂ ପାରମ୍ପରିକ ସମ୍ପର୍କ ସୁଦୃଢ଼ ହେବାର ରାସ୍ତା ଉନ୍ମୁକ୍ତ ହୋଇଛି। ଟ୍ରମ୍ପଙ୍କ ଶାସନର ଦ୍ୱିତୀୟ ପାଳିର ମୋଦିଙ୍କର ଏହା ଥିଲା ପ୍ରଥମ ଆମେରିକା ଗସ୍ତ। କହିବା ବାହୁଲ୍ୟ ଯେ, ଉଭୟ ମୋଦି ଏବଂ ଟ୍ରମ୍ପଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଓ ବନ୍ଧୁତା ରହିଛି ଯାହାର ଝଲକ ଏବେ ସମସ୍ତେ ଦେଖିଲେ। ଦୀର୍ଘଦିନ ପରେ ପରସ୍ପରକୁ ଭେଟିବା ପରେ ଦୁଇ ବନ୍ଧୁ ଯେପରି ପରସ୍ପରକୁ ଆଲିଙ୍ଗନ କଲେ ତାହା ବେଶ ଉପଭୋଗ୍ୟ ଥିଲା। ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୟୁ ଆର ଗ୍ରେଟ ବୋଲି କହିବା ବାସ୍ତବରେ ଉଲ୍ଲେଖନୀୟ। ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ବେଳେ ଅନେକ ପ୍ରସଙ୍ଗ ଉଠିଛି। ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବଢ଼ିବ ବୋଲି ନିଷ୍ପତ୍ତି ହୋଇଛି। ବିଶେଷ କରି ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗ ବୃଦ୍ଧି ନିଷ୍ପତ୍ତି ବର୍ତ୍ତମାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ଦୁଇ ଦେଶ ମଧ୍ୟରେ ଏକ ୧୦ ବର୍ଷିୟା ଚୁକ୍ତି ହେବ। ଚୁକ୍ତି ମୁତାବକ ଭାରତକୁ ଆମେରିକା ଅତ୍ୟାଧୁନିକ ଲଢ଼ୁଆ ବିମାନ ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ ସହ ଉନ୍ନତ ଡିଫେନ୍ସ ଟେକ୍ନୋଲୋଜି ପ୍ରଦାନ କରିବ। ଏହା ଦ୍ୱାରା ଭାରତର ସାମରିକ ଶକ୍ତି ନିଶ୍ଚିତ ଭାବେ ବୃଦ୍ଧି ପାଇବ। ଏଥିନେଇ ପାକିସ୍ତାନ ଉଦବିଗ୍ନ ହେବା ବେଶ ହାସ୍ୟାସ୍ପଦ। କାରଣ ଭାରତ ନିଜ ସାମରିକ ଶକ୍ତିର କେବେ ଦୁରୁପଯୋଗ କରିନାହିଁ ବା କରିବ ନାହିଁ। ଭାରତର ସାମରିକ ଶକ୍ତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ଭାରତର ଚାରିପଟେ ଅନେକ ଶକ୍ତିଶାଳି ଶତ୍ରୁ ଅଛନ୍ତି। ଭାରତର ଭୌଗଳିକ କ୍ଷେତ୍ର ଉପରେ ସେମାନଙ୍କର ଲୋଲୁପ ଦୃଷ୍ଟି ରହିଛି। ତେଣୁ ଏହାର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିବାର ଆବଶ୍ୟକତା ରହିଛି। ଏଥିରେ ପାକିସ୍ତାନ ବିଚଳିତ ହେବାର କିଛି କାରଣ ନାହିଁ। ଭାରତର ସାମରିକ ଶକ୍ତି ବୃଦ୍ଧି ଦକ୍ଷିଣ ଏସିଆରେ ଅଶାନ୍ତି ଏବଂ ଉତ୍ତେଜନା ସୃଷ୍ଟି କରିବ ବୋଲି ପାକିସ୍ତାନ ଯାହା କହୁଛି ତାହା ଭିତ୍ତିହୀନ। ପାକିସ୍ତାନ ଏହି ଦୃଷ୍ଟିଭଙ୍ଗୀ ଚୀନ ପ୍ରତି ହେବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ୨୦୩୦ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୫୦୦ ବିଲିୟନ ଡଲାର ଛୁଇଁବ। ତୈଳ ଏବଂ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେହିପରି ମୋଦି-ଟ୍ରମ୍ପ ଆଲୋଚନା ବେଳେ ସୀମାପାର ଆତଙ୍କବାଦ ସମ୍ପର୍କରେ ମଧ ବେଶ ଚର୍ଚ୍ଚା ହୋଇଥିଲା ଏବଂ ଉଭୟ ଦେଶ ସବୁ କ୍ଷେତ୍ରରେ ଆତଙ୍କବାଦକୁ ବିରୋଧ



କରିବା ସହିତ ଏହାର ବିଲୋପ ପାଇଁ ମିଳିତ ଉଦ୍ୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତ-ଆମେରିକା ମିଳିତ ବିବୃତିରେ ଜୈସ-ଇ-ଅହମ୍ମଦ, ଲସ୍କର-ଇ-ତୋଇବା ଭଳି ଆତଙ୍କୀ ସଙ୍ଗଠନକୁ ବିଶ୍ୱ ସମୁଦାୟ ଲାଗି ବିପଦ ବୋଲି କୁହାଯିବା ସହିତ ଏଥିଲାଗି ପାକିସ୍ତାନକୁ ଦୋଷାରୋପ କରାଯାଇଛି। ଏହାର ପ୍ରତିବାଦ କରିଛି ପାକିସ୍ତାନ। ଆତଙ୍କବାଦ ନେଇ ଭାରତ-ଆମେରିକା ମିଳିତ ବିବୃତି ଏକପାଖିଆ ଏବଂ ବିଭ୍ରାନ୍ତିକର ବୋଲି ଇସଲାମାବାଦ ପକ୍ଷରୁ କୁହାଯାଇଛି। କହିବା ବାହୁଲ୍ୟ ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳିରେ ମଧ ପାକିସ୍ତାନ ବିରୋଧରେ ଆମେରିକାର ଆଭିମୁଖ୍ୟ ଦୃଢ଼ ହୋଇଥିଲା। ପାକିସ୍ତାନକୁ ଆମେରିକାର ସାମରିକ ସହାୟତା ବନ୍ଦ ହୋଇଯାଇଥିଲା। ଏବେ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ପରେ ପୁନର୍ବାର ପାକିସ୍ତାନ ଆତଙ୍କିତ ହୋଇଛି। ତେବେ ପାକିସ୍ତାନ ଉଦବିଗ୍ନ ହେବାର ମୁଖ୍ୟ କାରଣ ହେଲା ଭାରତକୁ ଆମେରିକାର ସାମରିକ ସହାୟତା। ଏହା ଦ୍ୱାରା ଭାରତ ସହିତ ସାମରିକା ମୁକାବିଲାରେ ପାକିସ୍ତାନ ବହୁ ପଛକୁ ଚାଲିଯିବ। କିନ୍ତୁ ସାମରିକ କ୍ଷେତ୍ରରେ ଆମେରିକାର ସହଯୋଗ ନମିଳିଲେ ମଧ ଭାରତ ଏ କ୍ଷେତ୍ରରେ ପାକିସ୍ତାନଠାରୁ ବହୁ ଆଗରେ। ଏବେ ଭାରତର ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି ପାଇଛି ଏବଂ ଭାରତ ଏଥିରେ ଏକରକମ ଆତ୍ମନିର୍ଭରଶୀଳ ବୋଲି କୁହାଯାଇପାରିବ। ତେଣୁ ଆମେରିକା ସହଯୋଗ କରୁ କି ନକରୁ ଭାରତର ମୁକାବିଲାରେ ପାକିସ୍ତାନ ସମର୍ଥ ନୁହେଁ। ପ୍ରତିରକ୍ଷା କ୍ଷେତ୍ର ବ୍ୟତିତ ମହାକାଶ ବିଜ୍ଞାନ, ଆଇଟି, କୃଷି ଉତ୍ପାଦନ ଏବଂ ତୈଳ ତଥା ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଭାରତ-ଆମେରିକା ସହଯୋଗ ବଢ଼ିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଆମେରିକାରରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। କିନ୍ତୁ ଆମେରିକାରେ ବସବାସ କରୁଥିବା ଅନେକ ଭାରତୀୟ ଏବେ ଆତଙ୍କରେ ରହିଛନ୍ତି। ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ଭାରତୀୟମାନଙ୍କୁ କଏଦୀଙ୍କ ଭଳି ବହିଷ୍କାର କରାଯାଉଛି। ଏହା ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଟ୍ରମ୍ପଙ୍କ ସହ ଆଲୋଚନା ବେଳେ ମୋଦି ଏହି କଥା ଉଠାଇବାର ଥିଲା। ତେବେ ବେଆଇନଭାବେ ବସବାସ କରୁଥିବା ଲୋକଙ୍କୁ ବହିଷ୍କାର କରାଯିବାର ଯଥାର୍ଥତା ରହିଛି। ଭାରତ ସରକାରଙ୍କ ଦାୟିତ୍ୱ ହେଲା ମାନବ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମାନବ ଚାଲାଣକାରୀ ଦଲାଲ କିଛି ଲୋକଙ୍କୁ ଶୋଷଣ କରୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଶିକ୍ଷା, ନିଯୁକ୍ତି ବା ବ୍ୟବସାୟ ପାଇଁ ପ୍ରତିଦିନ ଶହ ଶହ ଭାରତୀୟ ବିଦେଶକୁ ଚାଲିଯାଉଛନ୍ତି। ସେମାନଙ୍କ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ନାହିଁ। ଯାହା ବି ଅଛି ସେଥିରେ ସେମାନେ ସନ୍ତୁଷ୍ଟ ନୁହଁନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ ଉପଯୁକ୍ତ କର୍ମନିଯୁକ୍ତି ମିଳିବା ମଧ ସମ୍ଭବ ନୁହେଁ। କିନ୍ତୁ ଅନେକଙ୍କୁ ଏଠାରେ ଶ୍ରମ ଭିତ୍ତିକ କାମ ମିଳିପାରିବ। ମଧ୍ୟପ୍ରାଚ୍ୟରେ ହଜାର ହଜାର ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିର ସୁଯୋଗ ରହିଛି। ଭାରତ ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଅନେକ ବିଦେଶରେ ଅଧିକ ରୋଜଗାର ପାଇଁ ଯାଉଛନ୍ତି। ସେଥିରେ କିଛି ଅସୁବିଧା ନାହିଁ। ଏହା ଦ୍ୱାରା ଭାରତକୁ ପ୍ରଚୁର ବୈଦେଶିକ ମୁଦ୍ରା ମଧ ଆସୁଛି। କିନ୍ତୁ ଯେଉଁମାନେ ବିଦେଶ ଯାଉଛନ୍ତି ସେମାନେ ଦଲାଲଙ୍କ ମାଧମରେ ନଯାଇ ସଠିକ ରାସ୍ତାରେ ଯିବା ଉଚିତ। ଏ ସମ୍ପର୍କରେ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ହେବା ଉଚିତ। ଟ୍ରମ୍ପଙ୍କ ସହ ମୋଦିଙ୍କ ଉତ୍ତମ ସମ୍ପର୍କ ରହିଛି। ତେଣୁ ଏହି ପ୍ରସଙ୍ଗରେ ଭାରତ ସରକାର ପ୍ରୟାସ କରିବା ଉଚିତ। ମୋଦିଙ୍କ ଏହି ଗସ୍ତ ନେଇ ବିରୋଧୀ କିଛି ପ୍ରଶ୍ନ ଉଠାଇଛନ୍ତି। ଏହାର ଜବାବ ସେମାନଙ୍କୁ ମିଳିସାରିଥିବ। ପ୍ରଧାନମନ୍ତ୍ରୀ ମୋଦି କେବଳ ରାଷ୍ଟ୍ରପତି ଟ୍ରମ୍ପ ନୁହେଁ, ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକେଲ ସୁଲ୍‌ଜ, ଇଣ୍ଟେଲିଜେନ୍ସ ମୁଖ୍ୟ ତୁଲସୀ ଗବାର୍ଡ, ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ବିବେକ ରାମସ୍ୱାମୀ ଏବଂ ଟେସଲା ମୁଖ୍ୟ ଏଲନ୍ ମସ୍କଙ୍କ ସହ ମଧ ଆଲୋଚନା କରିଛନ୍ତି। ଭାରତରେ ପୁଞ୍ଜିନିବେଶ ଲାଗି ଏହା ରାସ୍ତା ଫିଟାଇବ ବୋଲି ଆଶା କରାଯାଉଛି। ଭାରତର ବିଶାଳ ବଜାର ଉପରେ ମସ୍କଙ୍କ ନଜର ରହିଛି। ଭାରତ ଏହାକୁ ହାତଛଡ଼ା କରିବା ଅନୁଚିତ।

# ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ଛାୱା'



ଗୋଲଖ ଚନ୍ଦ୍ର ଦାସ

ସ୍ୱରାଜ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ, ସ୍ୱରାଜ ବଂଚିଛି... ଏହି ସଂଳାପ 'ଛାୱା' ଚଳଚିତ୍ର ଦେଖିସାରି ପ୍ରେକ୍ଷାଳୟରୁ ବାହାରୁଥିବା ଯୁବପୀଢ଼ିମାନଙ୍କ ମୁହଁରୁ ଏହା ଶୁଣାଯାଉଥିଲା। ଏହି ସଂଳାପଟି ସମଗ୍ର ଥିଏଟରରେ ପ୍ରତିଧ୍ୱନିତ ହେଉଥିଲା। ଏହି ସଂଳାପ ଫିଲ୍ମର ଆତ୍ମାକୁ ପ୍ରତିଫଳିତ କରେ ଏବଂ ଏହା ସମସ୍ତଙ୍କୁ ପ୍ରେରଣା ଯୋଗାଇଛି। ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଛାୱା' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏବଂ ପ୍ରଥମ ଦିନରେ ହିଁ ଏହାକୁ ଜବରଦସ୍ତ ସଫଳତା ମିଳିଛି। ଏହି ଫିଲ୍ମରେ ଭିକି କୌଶଳ, ରଶ୍ମିକା ମନ୍ଦାନ୍ନା ଏବଂ ଅକ୍ଷୟ ଖାନ୍ନା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଏବଂ ସେମାନଙ୍କର ଚମତ୍କାର ଅଭିନୟ ଦର୍ଶକଙ୍କୁ ବହୁତ ପସନ୍ଦ ଆସୁଛି।

ଇତିହାସରେ ଆମେ ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ିଛୁ, କିନ୍ତୁ ତାଙ୍କ ପୁଅ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବିଷୟରେ ଆମେ ଅଧିକ ପଢ଼ିପାରୁନାହୁଁ। ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କ ଚଳଚ୍ଚିତ୍ର 'ଛାୱା' ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବୀରତ୍ୱକୁ ଚିତ୍ରଣ କରିଛି, ଯାହା ଯୋଗୁଁ ତାଙ୍କର ନାମ ଛାୱା (ସିଂହ ଛୁଆ) ରଖାଯାଇଥିଲା। ଯିଏ ନଅ ବର୍ଷ ପର୍ଯ୍ୟନ୍ତ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଜୀବନକୁ ନିୟନ୍ତ୍ରଣରେ ରଖିଥିଲେ। ଯାହାଙ୍କ ଗର୍ଜନରେ ମରାଠାମାନେ ମୋଗଲ ସୁଲତାନତକୁ ଚ୍ୟାଲେଞ୍ଜ କରିବା ପାଇଁ ଏକତ୍ରିତ ହୋଇଥିଲେ। ଲକ୍ଷ୍ମଣଙ୍କ ଚଳଚ୍ଚିତ୍ରର କାହାଣୀ ପ୍ରସିଦ୍ଧ ମରାଠୀ ଔପନ୍ୟାସିକ ଶିବାଜୀ ସାୱନ୍ତଙ୍କ ମରାଠୀ ଉପନ୍ୟାସ 'ଛାୱା' ଉପରେ ଆଧାରିତ।

ଛତ୍ରପତି ଶିବାଜୀ ମହାରାଜଙ୍କ ମୃତ୍ୟୁ ପରେ'ଛାୱା' ର କାହାଣୀ ସୃଷ୍ଟି ହେଉଛି। ଶିବାଜୀ ଶିବଲୋକ ଯିବା ପରେ ସମ୍ଭାଜୀ ରାୟଗଡ଼ର ସିଂହାସନ ପାଇଥିଲେ। ଏହି ଫିଲ୍ମଟି ସମ୍ଭାଜୀ ଏବଂ ଔରଙ୍ଗଜେବଙ୍କ ନଅ ବର୍ଷର ଜୀବନ ଉପରେ ଆଧାରିତ। ୧୬୮୦ ରୁ ୧୬୮୯ ସମୟର ଏହି କାହାଣୀ ଦୁଃଖଦ ଏବଂ ଦୁଃଖଦ ଅପେକ୍ଷା ଅଧିକ ଭୟଙ୍କର। ମୋଗଲ ସାମ୍ରାଜ୍ୟର ସମ୍ରାଟ ଔରଙ୍ଗଜେବ ଅନୁଭବ କରନ୍ତି ଯେ ଏବେ ଦାକ୍ଷିଣାତ୍ୟରେ ତାଙ୍କୁ ପରାସ୍ତ କରିବା ପାଇଁ ଆଉ କେହି ନାହାନ୍ତି। ସେ ଏବେ ଏକାକୀ ମରାଠାମାନଙ୍କୁ ଶାସନ କରିପାରିବେ। କିନ୍ତୁ ସେ ଏହି କଥା ଜାଣି ନଥିଲେ ଯେ ଛତ୍ରପତି ଶିବାଜୀ ମହାରାଜଙ୍କ ୨୪ ବର୍ଷୀୟ ନିର୍ଭୀକ ଏବଂ ସାହସୀ ପୁଅ ସମ୍ଭାଜୀ ଓରଫ ଛାୱା (ଭିକି କୌଶଳ) ତାଙ୍କ ପିତାଙ୍କ ସ୍ୱରାଜ ସ୍ୱପ୍ନକୁ ଆଗକୁ ବଢାଇବାକୁ ଦୃଢ଼ ସଂକଳ୍ପବଦ୍ଧ। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସମ୍ଭାଜୀଙ୍କ ପତ୍ନୀ (ରଶ୍ମିକା ମନ୍ଦାନ୍ନା) ମଧ ତାଙ୍କ ସାହସୀ ରାଜାଙ୍କ ସହିତ ଛିଡ଼ା ହୋଇଛନ୍ତି। ସମ୍ଭାଜୀ ତାଙ୍କର ସେନାପତି, ସାର୍ ଲସ୍କର ଓରଫ ହାମ୍ବିରାବ ମୋହିତେ (ଆଶୁତୋଷ ରାଣା) ଏବଂ ସାହସୀ ସୈନିକମାନଙ୍କ ସହିତ, ଔରଙ୍ଗଜେବଙ୍କ ସୁଲତାନତର ଏକ ଗୁରୁତ୍ୱପୂର୍ଣ୍ଣ ଗଡ଼ ବୁରହାନପୁର ଉପରେ ଆକ୍ରମଣ କରନ୍ତି। ଏହା ପରେ ହିଁ ଔରଙ୍ଗଜେବ, ତାଙ୍କ ଝିଅ (ଡାଏନା ପେଂଟ) ଏବଂ ବିଶାଳ ମୋଗଲ ସେନା ସମ୍ଭାଜୀଙ୍କ ସାହସିକତା ବିଷୟରେ ଜାଣିପାରିଲେ। ଏହି ପ୍ରଥମ ବିଜୟ ପରେ ସମ୍ଭାଜୀ ଏବଂ ତାଙ୍କର ଶକ୍ତିଶାଳୀ ସେନା ନଅ ବର୍ଷ ଧରି ଔରଙ୍ଗଜେବଙ୍କ ସୁଲତାନତର ବିଭିନ୍ନ ଦୁର୍ଗ ଉପରେ ଆକ୍ରମଣ କରି ତାଙ୍କର ରଣନୀତିକୁ ନଷ୍ଟ କରିଦେଲେ। ଏହାପରେ ସମ୍ଭାଜୀ ଔରଙ୍ଗଜେବଙ୍କ ପାଇଁ ଏତେ କଂଟା ପାଲଟି ଯାଇଥିଲେ ଯେ ସେ ତାଙ୍କର ସମସ୍ତ କୂଟନୈତିକ ଚାଲ ସତ୍ତ୍ୱେ ତାଙ୍କୁ ହଟାଇ ପାରିଲେ ନାହିଁ। କିନ୍ତୁ ତା'ପରେ ମହାବୀର ସମ୍ଭାଜୀ, ଯିଏ ସିଂହ ଗର୍ଜନ ପରି ନିର୍ଭୀକ ଏବଂ ପବନ ପରି ଚତୁର ଥିଲେ, ତାଙ୍କ ନିଜ ଲୋକଙ୍କ ଦ୍ୱାରା ବିଶ୍ୱାସଘାତକତାର ଶୀକାର ହେଲେ। ସମ୍ଭାଜୀଙ୍କୁ ବନ୍ଦୀ କରିବା ପାଇଁ ଔରଙ୍ଗଜେବ ଦିଲ୍ଲୀ ଛାଡିଛନ୍ତି। ସଙ୍ଗମେଶ୍ୱରରେ ଅପେକ୍ଷା କରି ରହିଥିବା ତାଙ୍କର ପରମ ଶତ୍ରୁ ଔରଙ୍ଗଜେବ ସମ୍ଭାଜୀଙ୍କୁ ଗିରଫ କରନ୍ତି। ଔରଙ୍ଗଜେବଙ୍କ ହାତରେ ସମସ୍ତ ଆତ୍ମାକୁ ଆନ୍ଦୋଳିତ କରୁଥିବା ଶାରୀରିକ ନିର୍ଯାତନା ପରେ, 'ଛାୱା' କ'ଣ ତାଙ୍କ ଶତ୍ରୁ ନିକଟରେ ଆତ୍ମସମର୍ପଣ କରିବେ? ଏହା ଜାଣିବା ପାଇଁ ଆପଣଙ୍କୁ ଫିଲ୍ମ ଦେଖିବାକୁ ପଡିବ।

ସମ୍ଭାଜୀଙ୍କୁ ସମଗ୍ର ସିନେମାରେ କେବଳ ଲଢ଼ୁଥିବା ଦେଖାଯାଇଛି। ସେ ହତ୍ୟା କରିବାରେ କୌଣସି ଦ୍ୱିଧା ଦେଖାନ୍ତି ନାହିଁ ଏବଂ ଯୁଦ୍ଧ କରିବା ପାଇଁ ଅନେକ ଥର ନିଜର ଛଦ୍ମବେଶ ପରିବର୍ତ୍ତନ କରୁଥିବାର ଦେଖାଯାଏ। ଔରଙ୍ଗଜେବଙ୍କୁ ଅପମାନିତ କରିବା ପାଇଁ ତାଙ୍କୁ ଏଠାରେ ବାରମ୍ବାର ଔରଙ୍ଗ ନାମରେ ଡକାଯାଉଛି। ତାଙ୍କ ପୁଅ ଆକବର ସମ୍ଭାଜୀଙ୍କ ସାହାଯ୍ୟ ପାଇଁ ବାରମ୍ବାର ନିବେଦନ କରୁଥିବା ଦେଖାଯାଇଛି। ସେ ସ୍ୱରାଜର ପତାକା ଉତ୍ତୋଳନ କରିବାରେ ସମ୍ଭାଜୀଙ୍କୁ ସମର୍ଥନ କରିବାକୁ ମଧ ଚାହାଁନ୍ତି। କେବଳ ଔରଙ୍ଗଜେବ ଯିଏ ତାଙ୍କ ପିତା ସମ୍ରାଟଙ୍କୁ ବନ୍ଦୀ ଅବସ୍ଥାରେ ହତ୍ୟା କରିଥିଲେ, ସେ ତାଙ୍କ ରାସ୍ତାରେ ପ୍ରତିବନ୍ଧକ। ଝିଅଟି ଔରଙ୍ଗଜେବଙ୍କଠାରୁ ଅଧିକ ନିଷ୍ଠୁର; ସେ ବନ୍ଦୀ ସମ୍ଭାଜୀଙ୍କୁ ନିର୍ଯାତନା ଦେଇ ହତ୍ୟା କରିବାରେ ଆନନ୍ଦ ପାଏ। ଏହି ଚଳଚ୍ଚିତ୍ରର କ୍ଲାଇମାକ୍ସ ଅତ୍ୟଧିକ ଭୟଙ୍କର। ଫିଲ୍ମର କ୍ଲାଇମାକ୍ସ ଆହୁରି ଦୁଇ-ତିନୋଟି କଥା କହେ। ପ୍ରଥମତଃ, ଜୀବନ କେବଳ ସେତିକି ଯେତିକି ଆମେ ବଂଚିବାକୁ ଏବଂ ସମ୍ମାନର ସହିତ ବଞ୍ଚିବାକୁ ଚାହୁଁ। କାହା ଆଗରେ ଆଣ୍ଠୁ ମାଡ଼ି ଭିକ୍ଷା ମାଗିବା ଅପେକ୍ଷା ମୃତ୍ୟୁ ଭଲ। ସେଥିପାଇଁ ଔରଙ୍ଗଜେବଙ୍କ ଝିଅ କୁହନ୍ତି, ସେ ତାଙ୍କ ମୃତ୍ୟୁର ଉତ୍ସବ ପାଳନ କରି ଚାଲିଗଲେ ଏବଂ ତାଙ୍କ ଜୀବନ ପାଇଁ ଶୋକ କରିବା ପାଇଁ ଆମକୁ ଛାଡ଼ିଗଲେ। ଦ୍ୱିତୀୟତଃ, ସମ୍ଭାଜୀଙ୍କ




ପତ୍ନୀଙ୍କ ଦୁଇ ଭାଇ ବିଶ୍ୱାସଘାତକ ବୋଲି ଜଣାପଡ଼ିଲା ଏବଂ କେବଳ ଏହି ଦୁଇ ଭାଇ ନୁହେଁ, ମରାଠା ସାମ୍ରାଜ୍ୟର କେତେଜଣ ସୁବେଦାର ମଧ ସମ୍ଭାଜୀଙ୍କ ସହିତ ବିଶ୍ୱାସଘାତକତା କରିଥିଲେ। ତୃତୀୟ କଥା ଯାହା ବହୁତ କମ୍ ଲୋକ ଜାଣନ୍ତି ତାହା ହେଉଛି ଶିବାଜୀ ଦ୍ୱିତୀୟ ବିବାହ କରିଥିଲେ। ଏବଂ ତାଙ୍କର ଦ୍ୱିତୀୟ ପତ୍ନୀ ସୋୟରାବାଇ ଯେକୌଣସି ମୂଲ୍ୟରେ ସମ୍ଭାଜୀଙ୍କ ଅନ୍ତ ଦେଖିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ସେ ଔରଙ୍ଗଜେବଙ୍କୁ ଏକ ଚିଠି ମଧ ଲେଖିଥିଲେ।

'ଛାୱା' ଚଳଚ୍ଚିତ୍ର ଦେଖିବା ପାଇଁ ଦର୍ଶକଙ୍କ କୌତୁହଳ କ'ଣ ହୋଇପାରେ ସେ ବିଷୟରେ ପ୍ରତ୍ୟେକ ଦର୍ଶକଙ୍କ ମତ ଭିନ୍ନ ଭିନ୍ନ ହୋଇପାରେ। ଏହି ଫିଲ୍ମକୁ ଶେଷ ପର୍ଯ୍ୟନ୍ତ ଦେଖିବା ପାଇଁ ବହୁତ ସାହସ ଆବଶ୍ୟକ। ଏହି ଫିଲ୍ମ ଦେଖିବାର କାରଣ ହେଉଛି ପୂଜ୍ୟ ଶିବାଜୀଙ୍କ ପୁତ୍ର ସମ୍ଭାଜୀଙ୍କ କାହାଣୀ। ମରାଠୀରେ ସିଂହ ଛୁଆକୁ 'ଛାୱା' କୁହାଯାଏ। ଯଦି ଆପଣ ଶିବାଜୀ ସାୱନ୍ତଙ୍କ ଦ୍ୱାରା ଲିଖିତ ପୌରାଣିକ ଉପନ୍ୟାସ 'ମୃତ୍ୟୁଞ୍ଜୟ' ଏବଂ 'ଯୁଗନ୍ଧର' ପଢ଼ିଛନ୍ତି, ତେବେ ଆପଣ ଅନୁଭବ କରିବେ ଯେ ସେ ତାଙ୍କ ବର୍ଣ୍ଣନାକୁ ତଥ୍ୟ ସହିତ ମିଶ୍ରଣ କରିବାର କଳାରେ ପାରଙ୍ଗମ ହୋଇଛନ୍ତି। ଏପରି ପରିସ୍ଥିତିରେ ତାଙ୍କ ଐତିହାସିକ ଉପନ୍ୟାସ 'ଛାୱା' ଉପରେ ଆଧାରିତ ଏହି ଚଳଚ୍ଚିତ୍ରର କାହାଣୀ କେତେ ତାଙ୍କର, ଚଳଚ୍ଚିତ୍ର ନିର୍ମାତାମାନେ ସେମାନଙ୍କ କଳ୍ପନାରୁ କେତେ ଯୋଡିଛନ୍ତି ଏବଂ ଏହାର ତଥ୍ୟ କେତେ ସଠିକ୍ ତାହା କେହି କହିପାରିବେ ନାହିଁ।

ଅଭିନେତା ଭିକି କୌଶଳଙ୍କ ଅଭିନୟ ବିଷୟରେ ଯଦି ଆଲୋଚନା କରିବା ତେବେ ତାଙ୍କର ପ୍ରତ୍ୟେକ ଆଲୋଚନାରେ 'ଛାୱା' ଫିଲ୍ମର ଉଲ୍ଲେଖ ନିଶ୍ଚିତ ଭାବରେ ରହିବ। ଐତିହାସିକ ଚରିତ୍ରରେ ଅଭିନୟ କରିବା ପାଇଁ ଭିକିଙ୍କର ଆଗ୍ରହ, ଯାହା ପାଇଁ ସେ ତାଙ୍କର ଶରୀର ଏବଂ ରୂପକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରନ୍ତି, ଏଥର ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ଏହାର ସୁଯୋଗ ନେଇଛନ୍ତି। ଭିକି କୌଶଳ ସମ୍ଭାଜୀଙ୍କ ଚରିତ୍ରରେ ଜୀବନ୍ତତା ଆଣିଛନ୍ତି, ଯେପରି ସେ ପୂର୍ବରୁ ସର୍ଦ୍ଦାର ଉଧମ ସିଂହ ଏବଂ ସାମ ମାନେକଶଙ୍କ ଜୀବନୀରେ ଅଭିନୟ କରିଥିଲେ। 'ଛାୱା' ଚଳଚ୍ଚିତ୍ରଟି ସେହି ମୁଖ୍ୟ ବିନ୍ଦୁଗୁଡ଼ିକ ଉପରେ ନିର୍ମିତ ଯେଉଁଠାରେ ସମ୍ଭାଜୀଙ୍କୁ ଲଢୁଥିବା ଦେଖାଯାଇଛି।

ଯେତେବେଳେ ସମ୍ଭାଜୀ ଯୁଦ୍ଧ କରୁନାହାଁନ୍ତି, ସେ ତାଙ୍କ ପିଲାଦିନର ଭୟଙ୍କର କଥା ସ୍ୱପ୍ନ ଦେଖୁଛନ୍ତି କିମ୍ବା ତାଙ୍କ ସ୍ତ୍ରୀ ୟେସୁବାଇଙ୍କ ସହିତ ଶ୍ରୀ ଏବଂ ସଖୀ ଶ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା କରୁଥିବାର ଦେଖାଯାଉଛି।

ରଶ୍ମିକା ମନ୍ଦାନ୍ନା 'ଛାୱା' ଚଳଚ୍ଚିତ୍ରରେ ମରାଠା ରାଣୀ ୟେସୁବାଇଙ୍କ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମରେ ଦିବ୍ୟା ଦତାଙ୍କ ଚରିତ୍ର ତାଙ୍କ ଅପେକ୍ଷା ଅଧିକ ଜୀବନ୍ତ। ଶିବାଜୀଙ୍କ ଦ୍ୱିତୀୟ ପତ୍ନୀ ସୋୟରାବାଇ ଭୂମିକାରେ ଅଭିନୟ କରୁଥିବା ଦିବ୍ୟା ତାଙ୍କ ପୁଅକୁ ମହାରାଜା କରିବାକୁ ବ୍ୟାକୁଳ। ଫିଲ୍ମରେ ସହାୟକ କଳାକାରଙ୍କ ମଧ୍ୟରେ ବିନୀତ ସିଂହ ସର୍ବୋତମ କାମ କରିଛନ୍ତି। ସେ ସମ୍ଭାଜୀଙ୍କ ଦରବାର କବି। କବି କଳଶ ମଧ କ୍ଲାଇମାକ୍ସରେ ଯୁଦ୍ଧ ଲଢ଼ିଥିଲେ ଏବଂ ସମ୍ଭାଜୀଙ୍କ ବ୍ୟତୀତ ଔରଙ୍ଗଜେବଙ୍କ ଦ୍ୱାରା ବନ୍ଦୀ ହୋଇଥିବା ଦ୍ୱିତୀୟ ମରାଠା ଥିଲେ। ଆଶୁତୋଷ ରାଣାଙ୍କୁ ନିଜସ୍ୱ ଭୂମିକା ମିଳିଲା ନାହିଁ। ସେନାପତି ପଦବୀରେ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସ୍ଥାନରେ ଯୁଦ୍ଧ ସଂରଚନା କରିବାର ଦେଖାଯାଇ ନଥିଲା। ଏହା ଦେଖାଯାଉଛି ଯେପରି ଡାଏନା ପେଂଟିଙ୍କୁ ଅକ୍ଷୟ ଖାନ୍ନାଙ୍କ ସହିତ ରଖାଯାଇଛି କେବଳ ଫ୍ରେମକୁ ସନ୍ତୁଳିତ କରିବା ପାଇଁ। ଏବଂ ଅକ୍ଷୟ ଖାନ୍ନା ତାଙ୍କ କପାଳରେ ଥିବା କୃତ୍ରିମ ମୁହଁର କୁଂଚନ ଏବଂ ନମାଜ ଚିହ୍ନ ସହିତ ବହୁତ ରଙ୍ଗ ଯୋଡିଛନ୍ତି। ହିନ୍ଦୀ ସିନେମାରେ ଶକ୍ତିଶାଳୀ ଖଳନାୟକଙ୍କ ଅଭାବ ପୂରଣ କରିବାରେ ଏହି ପରୀକ୍ଷଣ ଏକ ନୂତନ ମୋଡ଼ ଆଣିପାରିବ। ଫିଲ୍ମକୁ ସଫଳ କରିବାରେ ପୃଷ୍ଠଭୂମି ସଙ୍ଗୀତର ଏକ ପ୍ରମୁଖ ଭୂମିକା ରହିଛି। ଏହି ଚଳଚିତ୍ରରେ ଏ.ଆର. ରେହମାନଙ୍କ ସଂଗୀତର ଯାଦୁ ରହିଛି।

ଫିଲ୍ମ ଦେଖିବା ପାଇଁ ଥିଏଟରରେ ପ୍ରବଳ ଭିଡ଼ ହେଉଛି। ସିନେମା ଦେଖିସାରି ଫେରୁଥିବା ଦର୍ଶକଙ୍କଠାରୁ ମତାମତ ନେବାପରେ ଜଣାପଡୁଛି ଯେ, ସମସ୍ତେ ଏହାକୁ ପ୍ରଶଂସା କରୁଛନ୍ତି। ଫିଲ୍ମ ଦେଖିବା ପରେ ବାହାରକୁ ଆସିଥିବା ଅର୍ଜୁନ ନାୟକ କହିଥିଲେ ଯେ ଏହା ଏହି ବର୍ଷର ସର୍ବୋତମ ଫିଲ୍ମ। ଏହା ପୂର୍ବରୁ ମୁଁ 'ସ୍କାଏ ଫୋର୍ସ' ଦେଖିଥିଲି, କିନ୍ତୁ 'ଛାୱା'ରେ ରୋମାଂଚ ବହୁତ ଅଧିକ। ବାଙ୍ଗୀରପୋଷିରୁ ଭୁବନେଶ୍ୱରକୁ ସିନେମା ଦେଖିବାକୁ ଆସିଥିବା ସସ୍ମିତା ଏହି ସମୟରେ କହିଛନ୍ତି, ଭିକି କୌଶଳଙ୍କ ଶରୀର ଭାଷା ଏବଂ ସଂଳାପ ପରିବେଷଣ ଏତେ ଚମତ୍କାର ଯେ ଏହା ଅନୁଭବ ହେଲା ଯେପରି ଆମେ ଇତିହାସର ସେହି ଯୁଗରେ ପହଁଚିଛୁ। ପୂରା ଫିଲ୍ମ ସମୟରେ ଆମେ ଏପରି ଅନୁଭବ କରିନଥିଲୁ ଯେ ଆମେ କୌଣସି ସିନେମା ହଲରେ ବସିଛୁ।

ଅଧିବକ୍ତା ସଂଜୟ ପତ୍ରୀ ଫିଲ୍ମର ନିରପେକ୍ଷତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ଛାୱା'କୁ ବହୁତ ସନ୍ତୁଳିତ ଭାବରେ ତିଆରି କରାଯାଇଛି। କୌଣସି ଦିଗକୁ ଅତ୍ୟଧିକ ଉଚ୍ଚ କିମ୍ବା ଅତ୍ୟଧିକ ନିମ୍ନ ଭାବରେ ଦେଖାଯାଇ ନାହିଁ, ଯାହା ଏହାକୁ ଆହୁରି ପ୍ରଭାବଶାଳୀ କରିଛି। ଚଳଚିତ୍ରଟିକୁ ଧ୍ୟାନପୂର୍ବକ ଦେଖନ୍ତୁ, କ୍ଲାଇମାକ୍ସ ବହୁତ ଲମ୍ବା ଏବଂ ଯଦି ଆପଣ ଏହି ସମୟରେ ନର୍ଭସ ଅନୁଭବ କରୁଛନ୍ତି, ତେବେ ବାହାରକୁ ଯାଇ କିଛି ତାଜା ପବନ ନେବାକୁ ଭୁଲନ୍ତୁ ନାହିଁ।

ଘିଗିଡିଆ, ବାରୁଅ, କେନ୍ଦ୍ରପଡା
ମୋବାଇଲ୍: ୯୮୬୧୦୨୮୫୫୩

# ଜୀବନ-ଯନ୍ତ୍ରଣାର ଦୋ'ଛକିରେ ସୁଖର ସନ୍ଧାନ-୧

ପଙ୍କଜ କୁମାର ପାଣିଗ୍ରାହୀ

*ମଣିଷର ବିକଶିତ ଭାବଧାରାରେ*
*ସୁଖ ସନ୍ଧାନର ଦିଗନ୍ତ ବାରିବା*
*ଅତ୍ୟନ୍ତ ଦୁଃସାଧ ବିଷୟ ହୋଇପଡିଛି*
*ଆଜିର କୁହୁଡି ପହଁରା ନୀତିରେ !*
*ମରୀଚିକାରେ ଜଳର ଅନ୍ୱେଷଣକରି କରି, ମଧ ଭାଗରେ*
*ସମାଧି ପାଲଟି ଯାଉଛି ଜୀବନ ଯନ୍ତ୍ରଣାରେ*
*ସନ୍ଦିଗ୍ଧ ମଣିଷ! କାରଣ କ'ଣ... ??!!*



ଜୀବନ ଆଉ ଯନ୍ତ୍ରଣା, ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡିତ ହୋଇ ରହିଥାଏ ପ୍ରତ୍ୟେକ ମଣିଷର। ଆଜିର ଅତ୍ୟାଧୁନିକ ମଣିଷ ଗୋଟିଏ ରାସ୍ତାରେ ଜୀବନ ଅତିବାହିତ କରୁଥିବା ବେଳେ ଅନ୍ୟ ଦିଗରେ ଯନ୍ତ୍ରଣାମୟ ପରିସ୍ଥିତିର ମୁକାବିଲା କରିବା ପାଇଁ ସଂଘର୍ଷରତ। ସୁଖୀ ମଣିଷଟିଏ ଖୋଜିବାକୁ ବାହାରିଲେ ହୁଏତ ବ୍ରହ୍ମାଣ୍ଡ ସରିଯିବ... ! ଜୀବନକୁ କେଉଁ ମାର୍ଗରେ ବ୍ୟବହାର କରି ଚାଲିଛେ ଆମେ ଯେ ଆନନ୍ଦ ଅନୁଭବର କୌଣସି ମାର୍ଗ ଦିଶୁନାହିଁ ବରଂ ଦିନକୁ ଦିନ କେବଳ ଯନ୍ତ୍ରଣା ଜଡିତ ହୋଇ କଲବଲ ହେଉଛି ଆଜିର ମଣିଷ ? ଆସନ୍ତୁ ବିଚାର କରି ଦେଖିବା...

ଜୀବନ ଏକ ପ୍ରକୃତିଦତ୍ତ ପ୍ରକ୍ରିୟା ଯାହା ମଣିଷ ସମେତ ଆହୁରି ଲକ୍ଷ ଲକ୍ଷ ପ୍ରାଣୀଙ୍କ ସରଂଚନାକୁ ନିଦର୍ଶନ କରିଥାଏ। ପ୍ରକୃତି ପ୍ରାଣୀଜଗତକୁ ପ୍ରାକୃତିକ ଭାବେ ସୃଷ୍ଟି କରି ପ୍ରତ୍ୟେକ ଏକକ ଜୀବକୁ ଏକ ନିର୍ଦ୍ଦିଷ୍ଟ ସମୟ ପରେ ତା କୋଳରେ ଲୀନ କରି ଦେଇ ପୁଣି ଏକ ନୂତନ ଜୀବନ ସଂଚାର କରିବା ନିୟମ ରଖିଥିବା ସମସ୍ତେ ଜାଣନ୍ତି। ମଣିଷ ସମେତ ପ୍ରାୟତଃ ସମସ୍ତ ଚରାଚର ଜୀବଜଗତ ସେମାନଙ୍କ ଗୁଣ, ଧର୍ମ ଜନିତ ଜୀବନ ବିତାଇ କୌଣସି ଗୋଟିଏ ଦିନ ପ୍ରକୃତି କୋଳକୁ ପ୍ରତ୍ୟାବର୍ତ୍ତନ କରିଥା'ନ୍ତି ଯାହାର କୌଣସି ନିଶ୍ଚିତ ଧାର୍ଯ୍ୟ, ବିକଳ୍ପ ନଥାଏ। କିଏ କେତେଦିନ ଜୀବନରେ ବଂଚି ରହିବ ଏବଂ କାହିଁକିର ଉତ୍ତର ନାହିଁ କାହାରି ପାଖରେ। ମଣିଷ କେବଳ କିଛି ସ୍ମୃତି ଓ ଭାବନା କ୍ଷମତା ସମ୍ପନ୍ନ ଜୀବଟିଏ ଯିଏ ପ୍ରକୃତିର ଅନେକ କଥା ବୁଝିବାରେ ସମର୍ଥ ହୋଇ ପାରୁଛି। ସେହି ବୁଝିବା ଭିତରେ କେତେକ ସଂସ୍କାର ମୂଳକ ଜୀବନଚର୍ଯ୍ୟା ଆପଣେଇ ନେଇଛେ ଆମେ ଯାହା ଅନ୍ୟାନ୍ୟ ପ୍ରାଣୀ ଜଗତରେ ଦେଖିବାକୁ ମିଳେ ନାହିଁ। ମାନବିକ ଗୁଣ, ଧର୍ମ, ଆଚରଣ ଗୁଡିଏ ଆମ ଜୀବନରେ ସ୍ୱତଃପ୍ରବୃତ୍ତ (ପ୍ରାକୃତିକ) ଭାବେ ଜଡିତ ରହିଥିବା ବେଳେ ଅତିମାନବୀୟ ଆଚରଣ ଗୁଡିଏ ସମାଜର କେତେକ ସଂସ୍କୃତ ମଣିଷଙ୍କ ଠାରୁ ଶିକ୍ଷା ଲାଭ କରି ଅଚରିଥା'ନ୍ତି କେତେକ। ଆଉ କେତେକ ସେଗୁଡିକୁ ଗ୍ରହଣ କରିବାରେ ଅସମର୍ଥ ରହି ଅନେକ ଅମାନବୀୟ ଚରିତ୍ର ପ୍ରବାହ କରିଥା'ନ୍ତି ସମାଜରେ ଯାହାଙ୍କୁ ଆମେ ଅମଣିଷ ବୋଲି ବିଚାରିଥାଉ। ଅନ୍ତତଃ ପକ୍ଷେ ନିଜର ହେଉ କି ସାମାଜିକ କ୍ଷେତ୍ରରେ ସାମୁହିକ ସ୍ୱାର୍ଥକୁ ଆଘାତ ପହଂଚାଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ମଣିଷଙ୍କୁ ଅମଣିଷ ବୋଲି କୁହାଯାଇ ଥାଏ। ଆଜି ସମୟରେ ସେହିଭଳି ମଣିଷ ବ୍ୟାପକ ପରିମାଣରେ ଦେଖିବାକୁ ମିଳୁଛନ୍ତି ଯେଉଁମାନେ ସମାଜରେ କିଛି ଶିକ୍ଷା ଗ୍ରହଣ କରି ନିଜକୁ ଚତୁର କରି ପାରିଛନ୍ତି। ସେହି ଚତୁରଙ୍କୁ ସାମାଜିକ କ୍ଷେତ୍ର ଠାରୁ ଦୁରେଇ ରଖାଗଲେ ସମାଜରେ କିଛି ନୂତନତ୍ୱ/ ପରିବର୍ତ୍ତନ ସମ୍ଭବ ହେବ ଯାହା ହେଉନାହିଁ। ତେଣୁ ସେହି ଚତୁର ଗୋଷ୍ଠୀ ସମାଜର ନିର୍ବୋଧଙ୍କୁ ପ୍ରତାରିତ କରି ରଖି ଶୋଷଣର ଶିକାର କରି ଚାଲିଥିବା ପରିପ୍ରେକ୍ଷୀରେ ସାଧାରଣ ମଣିଷଙ୍କ ଜୀବନ ପଥରେ ଯନ୍ତ୍ରଣା ଏକ



ବିଶାଳ ପ୍ରାଚୀର ସଦୃଶ୍ୟ ଦଣ୍ଡାୟମାନ ହୋଇ ସମସ୍ତଙ୍କୁ ବିଭାଜିତ କରି ଚାଲିଛି! ଜୀବନର ସ୍ରୋତ ଦୁଇଟି ଦିଗରେ ପରିଚାଳିତ ହେଉଥିବା ବେଳେ ଯନ୍ତ୍ରଣା ଅନୁଭବ ଦୁଇଟି କାରଣରୁ କରିଥାଏ ମଣିଷ। ଜୀବନ ନଈର ଡଙ୍ଗାଟି କେତେବେଳେ ଅନୁକୂଳରେ ଚାଲିଥାଏ ତ ଆଉ କେତେବେଳେ ପ୍ରତିକୂଳରେ। ଅନୁକୂଳରେ ଚାଲିଲେ ମଣିଷର ଦୁଃଖ ଲାଘବ ହେଉଥିବା ବେଳେ ପ୍ରତିକୂଳମୁଖି ହୋଇ ମଣିଷ ଅତ୍ୟନ୍ତ ଦୁଖୀ ହେଉଥିବା ବିଭୀଷିକା ପ୍ରାୟତଃ ସମସ୍ତଙ୍କୁ ଘେରି ରହିଛି। କାରଣ ଖୋଜନ୍ତି ନାହିଁ କେହି! ଖୋଜି ବାହାର କରିପାରନ୍ତି ନାହିଁ କେତେକ! ଯିଏ କାରଣ ଗୁଡିକ ଜାଣିପାରନ୍ତି ସେମାନଙ୍କୁ ସାମାଜିକ ପ୍ରତିବଦ୍ଧତା ବିଶୃଙ୍ଖଳିତ କରିବାରେ ସହଭାଗିତା କରିଥା'ନ୍ତି ଅନେକ ପାର୍ଶ୍ୱବର୍ତ୍ତୀ ବନ୍ଧୁ ପରିଜନ! କହିବାକୁ ଗଲେ ସବୁ ଜାଣିଶୁଣି ମଧ ଅନୈତିକତା ତଥା ଦୁଃଖ ବିଭୀଷିକାର ଶିକାର ହେବା ଠାରୁ ଦୁରେଇ ରହିବା ସମ୍ଭବ ହେଉନାହିଁ ଆଜିର ମଣିଷ ପାଖରେ।

ପ୍ରାକୃତିକ ନୈତିକତା ତଥା ମାନବିକ ଗୁଣ, ଧର୍ମ ଗୁଡିକୁ ଆଚରି ନିଜର ଜୀବନ ଶୈଳୀକୁ ସରଳ କରି ବଂଚିବା ଚିନ୍ତନ ମଣିଷକୁ ଅନୁକୂଳଗାମୀ କରିଥାଏ। ମନୁଷ୍ୟକୃତ କୃତ୍ରିମ ଜୀବନ ଶୈଳୀ ହେତୁ ସଦାସର୍ବଦା ଦୁଖୀ ହୋଇ ରହୁଥିବା ଚେତନା ଜ୍ଞାନ ରହିତ ନିର୍ବୋଧ ମଣିଷ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର। ମଣିଷ ବଂଚିରହିବା ପାଇଁ ଯେଉଁସବୁ ପ୍ରାକୃତିକ ଉତ୍ସ ତଥା ଜୀବନ ଧାରଣ ଶୈଳୀର ଆବଶ୍ୟକତା ରହିଥାଏ ସେଗୁଡିକ ପ୍ରାୟତଃ କାହାକୁ ଶିଖାଇବା ଆବଶ୍ୟକ ନାହିଁ, ବରଂ ସମସ୍ତେ ନିଜେ ନିଜେ ଶିଖିଥାନ୍ତି ଚତୁଃର୍ପାଶ୍ୱର୍ର ପରିବେଶରୁ। କି'ନ୍ତୁ ଅନେକ କୃତ୍ରିମ ସାମାଜିକ ବିଭୀଷିକା ସୃଷ୍ଟି କରି ବ୍ୟବସାୟୀକ ଦୃଷ୍ଟିଭଙ୍ଗୀରେ ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରିଥା'ନ୍ତି ବିଭିନ୍ନ ଶ୍ରେଣୀର ଚତୁର ଯାହାଙ୍କୁ ବୁଝିବା ଅତ୍ୟନ୍ତ ଦୁଃସାଧ ବ୍ୟାପାର। ଉପସ୍ଥିତ ସମୟରେ ମଣିଷ ସମାଜରେ ଉପଲବ୍ଧ ସବୁ ପ୍ରକାର ମନୁଷ୍ୟକୃତ କୃତ୍ରିମ ଜୀବନ ଶୈଳୀ ଗୁଡିକ ମଣିଷକୁ ଅହରହ ଅଶାନ୍ତିରେ ବଂଚିବା ପାଇଁ ବାଧ କରୁଅଛି। ସାଧାରଣ ନିର୍ବୋଧ ସେଗୁଡିକର ଷଡ଼ଯନ୍ତ୍ରକୁ ବୁଝିନପାରି ନିଜର ଉନ୍ନତି ବୋଲି ବିଚାରି ମାନସିକ ସ୍ତରରେ ଦୁଖୀ ହୋଇ ରହୁଥିବା ମଧ ଜାଣି ପାରୁନାହାନ୍ତି। ମନୁଷ୍ୟକୃତ ଅପ୍ରାକୃତିକ ଶୈଳୀ ଗୁଡିକ ମଣିଷକୁ ପ୍ରତିକୂଳମୁଖୀ କରି ଅହରହ ଅଶାନ୍ତିରେ ବଂଚିବା ପରିବେଶ, ପରିସ୍ଥିତି ସୃଷ୍ଟି କରୁଥିଲେ ମଧ ସାଧାରଣ ନିର୍ବୋଧ ସେଇଥିରୁ ନିବୃତ୍ତ ରହିବା ପରିବର୍ତ୍ତେ ସେଗୁଡିକୁ ଜୀବନର ଅବିଚ୍ଛେଦ୍ୟ ଅଂଶ ଭଳି ବିଚାରୁଛନ୍ତି ନିତ୍ୟ।

ଠିକ୍ ସେହିଭଳି ଜୀବନର ଗତିପଥରେ ମଣିଷ ଦୁଇଟି କାରଣରୁ ଯନ୍ତ୍ରଣା ଅନୁଭବ କରିଥାଏ। ଗୋଟିଏ ହେଲା ଭୟ ଏବଂ ଅନ୍ୟଟି କ୍ଷୟ। ମଣିଷ ମସ୍ତିଷ୍କରେ ଭୟ ସୃଷ୍ଟି ହେବା ଏକ ପ୍ରାକୃତିକ ସାରାଂଚନା ଯାହା ଅନ୍ୟାନ୍ୟ ଜୀବ ମାନଙ୍କ ମଧ୍ୟରେ ମଧ ପ୍ରତିଫଳିତ ହୋଇଥାଏ। ପ୍ରାକୃତିକ ଭାବେ ଭୟର କାରଣ କେତେବେଳେ ଶାରୀରିକ ବ୍ୟାଧି ତ ଆଉ କେତେବେଳେ କେବଳ ମୃତ୍ୟୁ ହୋଇଥାଏ ଯାହା ପ୍ରାୟତଃ ଅନ୍ୟ କେତେକ ଜୀବଜଗତରେ ମଧ ଦେଖିବାକୁ ମିଳେ। କି'ନ୍ତୁ ବିଭିନ୍ନ ମନୁଷ୍ୟକୃତ ଭୟର ବିଭୀଷିକା ଗୁଡିକ ଅନ୍ୟାନ୍ୟ ଜୀବଜଗତରେ ନଥାଏ। କ୍ଷୟର କାରଣ କେବଳ ମଣିଷ ସମାଜରେ ଉପଲବ୍ଧ ଯାହା ପ୍ରକୃତିର ଅନ୍ୟାନ୍ୟ ଜୀବଜଗତରେ ନାହିଁ। କ୍ଷୟ ଅର୍ଥାତ ନିଜର ଅର୍ଜିତ ଧନ, ସମ୍ପତ୍ତିର କ୍ଷୟ। ଏହି ଦୁଇଟି କାରଣ ହେତୁ ମଣିଷ ସବୁବେଳେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖିବାକୁ ମିଳେ ଅଧିକାଂଶ କ୍ଷେତ୍ରରେ। ଏହା ବ୍ୟତୀତ ମଣିଷର ସୂକ୍ଷ୍ମ ଚେତନା ଜନିତ ଭାବବିହ୍ୱଳତା କାରଣରୁ କେତେକାଂଶରେ ଦୁଃଖ ଅନୁଭବ କରୁଥିବା ଏକ ସାଧାରଣ ବିଷୟ ଯାହା ହୁଏତ ସମସ୍ତେ ଅନୁଭବ କରିଥା'ନ୍ତି ଜୀବନ କାଳ ମଧ୍ୟରେ।

ଭୌତିକବାଦୀ ମଣିଷ ହିଁ ଧର୍ମର ପରାକାଷ୍ଠା ହୋଇଥା'ନ୍ତି। ନିର୍ବିକାର ପୂଜାର୍ଚ୍ଚନା ଉପରେ କୌଣସି ପ୍ରାଧାନ୍ୟତା ନରଖି ମାନବ ଧର୍ମ ପାଳନ କରନ୍ତି। ଲୁଣ୍ଠିତ, ପ୍ରତାରିତ, ନିର୍ଯାତିତ ହୋଇ ଜୀବନ ବଂଚିବାର ସ୍ୱାଦ ହୁଏତ କିଛି ଭିନ୍ନ ଯାହା ଓଡ଼ିଆ ଖୁବ ଭଲଭାବେ ବୁଝିଛନ୍ତି ! ଜଣେ ମଣିଷର ପରିସ୍ଥିତି କ'ଣ ବି ହୋଇଯାଉ, ଶୁଣିବାକୁ ଏଠି କେହି ନାହାନ୍ତି ! ନିଜ ସମସ୍ୟା ନିଜେ ବୁଝ! କି ପରିସ୍ଥିତି ଆମ ରାଜ୍ୟ/ଦେଶର??!! (କ୍ରମଶଃ)

ୟୁଟ୍ୟୁବ-ସାମାଜିକ ଜନମ (ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ମୋବାଇଲ୍: ୯୪୩୭୩୨୪୯୧୭

## ଦାନ ପ୍ରସଙ୍ଗରେ: ଶିରିଡ଼ି ଓ ବୈଷ୍ଣୋଦେବୀ ମନ୍ଦିରକୁ ଟପିଲା ରାମ ମନ୍ଦିର



**ନୂଆଦିଲ୍ଲୀ,୧୭।୨:** ଅଯୋଧା ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପରେ ଏହି ପବିତ୍ର ସ୍ଥାନ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି। ମହାକୁମ୍ଭ ହେତୁ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଦର୍ଶନ ପାଇଁ ରାମ ମନ୍ଦିରକୁ ଆସୁଛନ୍ତି। ପ୍ରାଣପ୍ରତିଷ୍ଠା ଦିନଠାରୁ ଭକ୍ତମାନେ ସେମାନଙ୍କର ପ୍ରିୟ ରାମଲାଲାଙ୍କ ପାଇଁ ହୃଦୟରୁ ଦାନ କରୁଛନ୍ତି। ଦାନ ପାଇବା ଦୃଷ୍ଟିରେ ରାମ ମନ୍ଦିର ଦେଶର ତୃତୀୟ ବୃହତ୍ତମ ଧାର୍ମିକ ସ୍ଥାନ ପାଲଟିଛି। ୨୨ ଜାନୁଆରୀ ୨୦୨୪ରେ ଅଯୋଧାରେ ନୂତନ ଭାବରେ ନିର୍ମିତ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ପ୍ରାୟ ୧୩ କୋଟି ଲୋକ ଅଯୋଧାକୁ ଦର୍ଶନ ପାଇଁ ଆସିଛନ୍ତି। ବାର୍ଷିକ ଦାନ ଦୃଷ୍ଟିରୁ ରାମ ମନ୍ଦିର ସ୍ୱର୍ଣ୍ଣ ମନ୍ଦିର, ବୈଷ୍ଣୋ ଦେବୀ ଏବଂ ସିରିଡ଼ି ସାଇ ମନ୍ଦିରକୁ ପଛରେ ପକାଇଦେଇଛି। ରାମ ମନ୍ଦିରରେ ବାର୍ଷିକ ଦାନ ୭୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆକଳନ ଅନୁଯାୟୀ, ମହାକୁମ୍ଭର ଏକ ମାସରେ ୧୫ କୋଟିରୁ ଅଧିକ ମୂଲ୍ୟର ଦାନ ସଂଗ୍ରହ କରାଯାଇଛି। ରାମ ମନ୍ଦିର ଭକ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହି କାରଣରୁ ଆଜି ଅଯୋଧା ରାମ ମନ୍ଦିର ଧାର୍ମିକ ଦାନ ଗ୍ରହଣ କରୁଥିବା ଭାରତର ୧୦ଟି ଗୁରୁତ୍ୱପୂର୍ଣ୍ଣ ମନ୍ଦିର ତାଲିକାରେ ତୃତୀୟ ସ୍ଥାନରେ ପହଞ୍ଚିଛି। ବର୍ତ୍ତମାନ ଅଯୋଧାରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସଂଖ୍ୟା ଦୁଇ ରୁ ପାଞ୍ଚ ଲକ୍ଷ ମଧରେ ରହିଛି। ସାଇ ଭକ୍ତମାନଙ୍କ ପାଇଁ ସିରିଡ଼ି ସାଇ ମନ୍ଦିର ହେଉଛି ଭାରତର ମୁଖ୍ୟ ସ୍ଥାନ। ଏକ ରିପୋର୍ଟ ଅନୁଯାୟୀ, ସିରିଡ଼ିରେ ବାର୍ଷିକ ଦାନ ପ୍ରାୟ ୪୦୦-୪୫୦ କୋଟି ଟଙ୍କା ହୋଇଥିବାବେଳେ ବୈଷ୍ଣୋ ଦେବୀ ମନ୍ଦିରକୁ ବାର୍ଷିକ ଦାନ ପ୍ରାୟ ୪୦୦ କୋଟି ଟଙ୍କା ମିଳିଥାଏ।

## ସ୍ତ୍ରୀ, ମା ଓ ପୁଅକୁ ବିଷ ଦେଇ ଝୁଲି ପଡିଲେ ଯୁବକ

**ବେଙ୍ଗାଲୁରୁ, ୧୭।୨:** ବନ୍ଦ ଘରୁ ଗୋଟିଏ ପରିବାର ୪ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଜଣେ ଝୁଲନ୍ତା ଅବସ୍ଥାରେ ଅନ୍ୟ ୩ ଜଣ ତଳେ ପଡିଥିବା ଦେଖିବାକୁ ମିଳିଛି। ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଛି କର୍ଣ୍ଣାଟକ ମହୀଶୂରରେ ଏକ ଆପାର୍ଟମେଣ୍ଟରୁ ଗୋଟିଏ ପରିବାରର ୪ ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି। ପରିବାର ସଦସ୍ୟଙ୍କୁ ବିଷ ଦେଇ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମହୀଶୂରର ବିଶ୍ୱେଶ୍ୱରାୟ ନଗରରେ ଥିବା ଏକ ଆପାର୍ଟମେଣ୍ଟରୁ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ୪୫ ବର୍ଷୀୟ ଚେତନ, ତାଙ୍କର ୧୫ ବର୍ଷୀୟ ପୁଅ କୁଶଲ, ସ୍ତ୍ରୀ ରୂପାଲି (୪୩) ଓ ବୃଦ୍ଧା ମାଆ ପ୍ରିୟମ୍ବଦା (୬୨)। ଆଜି ଭୋର ୪ଟାରୁ ଚେତନ ଆମେରିକାରେ ରହୁଥିବା ତାଙ୍କ ଭାଇ ଭରତଙ୍କୁ ଫୋନ୍ କରିଥିଲେ। ଆମେ ଆତ୍ମହତ୍ୟା କରିବାକୁ ଯାଉଥିବା କହି ଫୋନ୍ କାଟି ଦେଇଥିଲେ। ଏହାଶୁଣି ଡରିଯାଇଥିଲେ ଭରତ। ତୁରନ୍ତ ଚେତନଙ୍କ ଶଶୁର ଘରକୁ ଫୋନ୍ କରି ଜଣାଇଥିଲେ। ଚେତନଙ୍କ ଶାଶୂ ଘଟଣାସ୍ଥଳରେ ପହଞ୍ଚିବା ପରେ ସବୁ କିଛି ସରି ଯାଇଥିଲା। ଆଖି ଆଗରେ ପଡିଥିଲା ଝିଅ, ଜ୍ୱାଇଁ ନାତି ଓ ସମୁଦୁଣୀଙ୍କ ମୃତଦେହ। ଆତ୍ମହତ୍ୟା କରିବା ପୂର୍ବରୁ ଯୁବକ ଜଣଙ୍କ ପରିବାରକୁ ବିଷ ଦେଇ ଝୁଲିପଡିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ମିଳିଥିବା ପ୍ରାଥମିକ ରିପୋର୍ଟରୁ ଏହା ସନ୍ଦେହ କରାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ହସଖୁସି ଭରା ପରିବାର କାହିଁକି ଏପରି ନିଷ୍ପତ୍ତି ନେଲେ ତାହା ପ୍ରଶ୍ନ ହୋଇ ରହିଛି। ମହୀଶୂର ସିଟି କମିଶନର ସୀମା ଲଟକର, ଡିସିପି ଜାହ୍ନବୀ ଏବଂ ବିଦ୍ୟାରଣ୍ୟପୁରମ ଥାନା ଇନ୍ସପେକ୍ଟର ମୋହିତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ବିଦ୍ୟାରଣ୍ୟପୁରମ ଥାନା ମାମଲା ରୁଜ୍ଜୁ ହୋଇଛି।

## ୨୨ରୁ ଅନ୍ତର୍ଜାତୀୟ କଳାକାରଙ୍କ ସଙ୍ଗମ

**ନୂଆଦିଲ୍ଲୀ ୧୭।୨:** ପ୍ରୟାଗରାଜ ମହାକୁମ୍ଭରେ ଫେବ୍ରୁଆରୀ ୨୨-୨୩ରେ ଆୟୋଜିତ ହେବ ଅନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବର ୧୦ମ ସଂସ୍କରଣ। ଇଣ୍ଡିଆନ୍ କାଉନସିଲ ଫର କଲଚରାଲ୍ ରିଲେସନ୍(ଆଇସିସିଆର) ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ୧୨ଟି ଦେଶର ୧୪୨ କଳାକାର ନିଜ କଳାର ପ୍ରଦର୍ଶନ କରିବେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜୟବୀର ସିଂହ କହିଛନ୍ତି,ସାଂସ୍କୃତିକ ଉତ୍ସବ ସମୟରେ ଅନ୍ତର୍ଜାତୀୟ କଳାକାରମାନଙ୍କର ପ୍ରତିନିଧିମଣ୍ଡଳ ଫେବ୍ରୁଆରୀ ୧୮-୨୩ ଯାଏ ଲକ୍ଷ୍ନୌ ଓ ପ୍ରୟାଗରାଜ ଯାତ୍ରା କରିବେ। ଲକ୍ଷ୍ନୌର ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନରେ ଫେବ୍ରୁଆରୀ ୧୯-୨୦ରେ ସାଂସ୍କୃତିକ କାର୍ଯ୍ୟକ୍ରମର ଅଭ୍ୟାସ କରିବେ ସେମାନେ। ଏହାପରେ ପ୍ରୟାଗରାଜରେ ଫେବ୍ରୁଆରୀ ୨୨-୨୩ରେ ନିଜର ପ୍ରସ୍ତୁତି ଦେବେ। ଏହି ପ୍ରସ୍ତୁତି ଗଙ୍ଗା ପେଣ୍ଡାଲ ଓ ମହାକୁମ୍ଭର ଅନ୍ୟ ମଞ୍ଚରେ ହେବ। କାର୍ଯ୍ୟକ୍ରମରେ ଦକ୍ଷିଣ ଆଫ୍ରିକା, ମଙ୍ଗୋଲିଆ, ଭିଏତନାମ, ଫିଜି, ମାଲେସିଆ, କିର୍ଗିଜସ୍ତାନ, ରୁଷ୍, ର୍ୱାଣ୍ଡା, ବାଂଲାଦେଶ, ମାଲେସିଆ ଓ ଫିଲିପାଇନ୍ସ ପ୍ରଭୃତି ଦେଶର କଳାକାରଙ୍କୁ ଦେଖିବାକୁ ମିଳିବ।

## ପୃଥିବୀକୁ ଧକ୍କା ଦେବ ଶକ୍ତିଶାଳୀ ଉଲକାପିଣ୍ଡ !

**ନୂଆଦିଲ୍ଲୀ, ୧୭।୨:** ପୃଥିବୀକୁ ଧକ୍କା ଦେବାକୁ ଯାଉଛି ଏକ ଶକ୍ତିଶାଳୀ ଉଲକାପିଣ୍ଡ। ଏହାର ପ୍ରଭାବ ଏତେ ଶକ୍ତିଶାଳୀ ଯେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶ ଧ୍ୱଂସ ହେବା ନେଇ ଆଶଙ୍କା ବଢ଼ିଛି। ଏପରି ଖବର ଦେଇଛନ୍ତି ବିଶ୍ୱର କିଛି ଅନେକ ଅନ୍ତରୀକ୍ଷ ଅନୁସନ୍ଧାନ ଏଜେନ୍ସି। ଏ ସମ୍ପର୍କରେ ଅନ୍ତରୀକ୍ଷ ଅନୁସନ୍ଧାନ ଏଜେନ୍ସିଙ୍କ କହିବାନୁଯାୟୀ, ଆଜିକୁ ପାଖାପାଖି ୭ ବର୍ଷ ପରେ ମହାକାଶରୁ ପୃଥିବୀ ପ୍ରତି ଏକ ବଡ଼ ବିପଦ ଆସିବାର ସମ୍ଭାବନା ରହିଛି। ବିଶ୍ୱରେ ଥିବା ଅନ୍ତରୀକ୍ଷ ଅନୁସନ୍ଧାନ ଏଜେନ୍ସିମାନେ ଏହି ବିପଦର ମୁକାବିଲା କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି। ନାସା ହେଉ କି ଚୀନ୍; ଏହି ବିପଦକୁ ମୁକାବିଲା କରିବା ପାଇଁ ସୁରକ୍ଷାବଳଙ୍କୁ ମଧ ପ୍ରସ୍ତୁତ କରୁଛନ୍ତି। କୁହାଯାଉଛି ୨୦୩୨ରେ ପୃଥିବୀକୁ ଧକ୍କା ଦେବ ଉଲକାପିଣ୍ଡ। ଏପର୍ଯ୍ୟନ୍ତ ପୃଥିବୀରେ ଉଲକାପିଣ୍ଡ ପଡିବାର ବିପଦ କମ ଅଛି। କିନ୍ତୁ ଯଦି ଏହା ସତ ହୁଏ ତେବେ କ୍ଷତି ବହୁତ ହୋଇପାରେ। ଧକ୍କା ଦିଏ କେଉଁ କେଉଁ ଦେଶରେ ଏହା ବ୍ୟାପକ ଧ୍ୱଂସଲୀଳା ସୃଷ୍ଟି କରିବ? ୱାଇଆର୍୪ ଉଲକାପିଣ୍ଡର ପୂରା ନାମ ୨୦୨୪ରେ ରଖାଯାଇଥିଲା। ଏହି ଉଲକାପିଣ୍ଡକୁ ଅପୋଲୋ-ଟାଇମ୍ ଭାବେ ଚିହ୍ନଟ କରାଯାଇଥିଲା। ଯେତେବେଳ ଆଟଲାସ ଦ୍ୱାରା ଏହି ଉଲକାପିଣ୍ଡକୁ ନେଇ ଚେତାବନୀ ଜାରି କରାଗଲା ସେତେବେଳେ ସାରା ବିଶ୍ୱର ଅନ୍ତରୀକ୍ଷ ଏଜେନ୍ସିମାନଙ୍କରେ ହଇଚଇ ସୃଷ୍ଟି ହୋଇଥିଲା।

### ଦିଲ୍ଲୀ ରେଳଷ୍ଟେସନ ଦଳାଚକଟା ପରେ ରେଳବାଇର ବଡ଼ ନିଷ୍ପତ୍ତି

# ୨୬ ଫେବୃଆରୀ ପର୍ଯ୍ୟନ୍ତ ପ୍ଲାଟଫର୍ମ ଟିକେଟ ବିକ୍ରି ବନ୍ଦ

**ନୂଆଦିଲ୍ଲୀ, ୧୭।୨:** ନୂଆଦିଲ୍ଲୀର ରେଳ ଷ୍ଟେସନରେ ଦଳାଚକଟା ପରେ ପୁଣିଥରେ ଲୋକଙ୍କ ଭିଡ଼ ଦେଖି ରେଳ ଅଧିକାରୀ ପ୍ଲାଟଫର୍ମ ଟିକେଟ ବିକ୍ରି ବନ୍ଦ କରିଦେଇଛନ୍ତି। ଭିଡ଼କୁ ଦେଖି ରେଳ ଅଧିକାରୀ କହିଛନ୍ତି କି, ଦଳାଚକଟା ପରିସ୍ଥିତି ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଷ୍ଟେସନରେ ଭିଡ଼ କମ୍ ଦେଖି ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। କିନ୍ତୁ ଗହଳି ପରେ ପୁଣି ପ୍ଲାଟଫର୍ମ ଟିକେଟ ଦେବା ବନ୍ଦ କରିଦିଆଯାଇଛି। ଆଗାମୀ ୭ ଘଣ୍ଟା ପର୍ଯ୍ୟନ୍ତ କୌଣସି ଟିକେଟ ମିଳିବ ନାହିଁ। ନୂଆଦିଲ୍ଲୀ ରେଳୱେ ଷ୍ଟେସନରେ ଶନିବାର ରାତିରେ ଦଳାଚକଟା ପରେ ଅନେକ ପରିବର୍ତ୍ତନ କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆଗାମୀ ଗୋଷଟ ସପ୍ତାହ ପର୍ଯ୍ୟନ୍ତ ଦିଲ୍ଲୀ ରେଳୱେ ଷ୍ଟେସନରେ ସନ୍ଧ୍ୟା ୪ଟାରୁ ରାତି ୧୧ଟା ଭିତରେ କୌଣସି ପ୍ରକାରର ପ୍ଲାଟଫର୍ମ ଟିକେଟ ମିଳିବ ନାହିଁ। ଅର୍ଥାତ୍ ୭ ଘଣ୍ଟା ଯାଏଁ ପ୍ଲାଟଫର୍ମ ଟିକେଟ ବିକ୍ରି ଉପରେ ରୋକ ଲଗାଯାଇଛି। ଉତ୍ତର ରେଳୱେର ସିପିଆରଓ ହିମାଂଶୁ ଶେଖର ଉପାଧ୍ୟାୟ ସୂଚନା ଦେଇଛନ୍ତି। ମହାକୁମ୍ଭ ଯୋଗୁଁ ଷ୍ଟେସନରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଏଭଳି କରାଯାଇଛି। ସନ୍ଧ୍ୟା ଏବଂ ରାତି ସମୟରେ ପ୍ଲାଟଫର୍ମକୁ ଅଧିକ ଯାତ୍ରୀ ଆସୁଥିବାରୁ ନିୟନ୍ତ୍ରଣ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଅଧିକାଂଶ ଯାତ୍ରୀଙ୍କୁ ଘରଲୋକ ଛାଡିବାକୁ ଆସନ୍ତି। ତେଣୁ ଭିଡ଼ ଅଧିକ ହୋଇଯାଏ। ତେଣୁ ଆଗାମୀ ୨୬ ତାରିଖ ଯାଏଁ ପ୍ଲାଟଫର୍ମ ଟିକେଟ ବିକ୍ରି ଉପରେ ରୋକ୍ ଲାଗିଛି। ସୂଚନାଯୋଗ୍ୟ, ପ୍ରୟାଗରାଜ ଯିବାକୁ ଥିବା ଯାତ୍ରୀଙ୍କ ଅସମ୍ଭାଳ ଭିଡ ଯୋଗୁ ନୂଆ ଦିଲ୍ଲୀ ଷ୍ଟେସନରେ ଦଳା ଚକଟା ହୋଇଥିଲା। ଏଥିରେ ୧୮ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧରେ ୯ଜଣ ମହିଳା, ୪ଜଣ ପୁରୁଷ ଓ ୩ ଜଣ ଶିଶୁ ରହିଥିଲେ। ଆହତ ମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତିରେ ପ୍ରତି ଘଂଟାରେ ପ୍ରାୟ ୧୫୦୦ ଜେନେରାଲ ଟିକେଟ୍ ବିକ୍ରି ହୋଇ ଯାଇଥିବାରୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା।



## ରେଳ ଷ୍ଟେସନ୍ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ଥାୟୀ ହୋଲ୍ଡିଂ ଜୋନ୍ ଏଆଇର ଉପଯୋଗ

**ନୂଆଦିଲ୍ଲୀ, ୧୭।୨:** ଦିଲ୍ଲୀ ରେଳ ଷ୍ଟେସନରେ ଶନିବାର ରାତିରେ ଘଟିଥିବା ଭୟଙ୍କର ଦଳାଚକଟା ପରେ ଅତିରିକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ତତ୍ପର ହୋଇଛି ପ୍ରଶାସନ। ଇଣ୍ଡିଆ ଟୁଡେ ଟିଭିକୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ୬୦ଟି ଅଧିକ ଟ୍ରାଫିକ୍ ଥିବା ରେଳ ଷ୍ଟେସନରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାୟୀ ହୋଲ୍ଡିଂ ଜୋନ୍ ନିର୍ମାଣ କରିବେ ଏବଂ ଭିଡ଼ ଏବଂ ସଙ୍କଟ ପରିଚାଳନା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରିବେ। ନୂଆଦିଲ୍ଲୀ ରେଳ ଷ୍ଟେସନରେ ମହାକୁମ୍ଭ ଭକ୍ତଙ୍କ ପ୍ରୟାଗରାଜ ଅଭିମୁଖେ ଟ୍ରେନ୍ ଧରିବା ସମୟରେ ହଠାତ୍ ଭିଡ଼ ଯୋଗୁଁ ଦଳାଚକଟା ଘଟି ୧୮ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂତ୍ର ଅନୁଯାୟୀ, ସ୍ଥାନୀୟ ଅଧିକାରୀମାନେ ପରିସ୍ଥିତିଗତ ସଚେତନତା ଏବଂ ସଙ୍କଟ ପରିଚାଳନା ଉପରେ ତାଲିମ ପାଇବେ। ଦିଗଦର୍ଶନ ସହାୟତା ପାଇଁ ଯାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ହୋଲ୍ଡିଂ ଅଞ୍ଚଳଆଡ଼କୁ ମାର୍ଗଦର୍ଶନ କରିବା ପାଇଁ ତୀର ଏବଂ ବିଭାଜକ ସୃଷ୍ଟି କରାଯିବ। ଉଲ୍ଲେଖଯୋଗ୍ୟ, ମହାକୁମ୍ଭ ପାଇଁ ପ୍ରୟାଗରାଜ ଅଭିମୁଖେ ଯାଉଥିବା ଦୁଇଟି ଟ୍ରେନ୍‌ରେ ଏକ ସମୟରେ ହଜାର ହଜାର ଯାତ୍ରୀ ଚଢ଼ିବାକୁ ଯାଉଥିବା ବେଳେ ଶନିବାର ରାତି ପ୍ରାୟ ୧୦ଟା ବେଳେ ଏହି ଦଳାଚକଟା ହୋଇଥିଲା। ଟ୍ରେନ୍ ବିଳମ୍ବ ଏବଂ ସୂଚନାକୁ ନେଇ ଦ୍ୱନ୍ଦ୍ୱ ଭିତରେ ସ୍ଥିତି ନିୟନ୍ତ୍ରଣ ପାଇଁ ଆବ୍ୟକ ସୁରକ୍ଷା କର୍ମଚାରୀ ମଧ ନଥିଲେ। ରେଳ ମନ୍ତ୍ରଣାଳୟ ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଦୁର୍ଘଟଣାର କାରଣ ଅନୁସନ୍ଧାନ କରିବା ଏବଂ ଏଭଳି ସ୍ଥିତିର ପ୍ରତିକାର ବ୍ୟବସ୍ଥା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିଛି।

## ଦିଲ୍ଲୀରେ ଭୂକମ୍ପ: ବିଚଳିତ ନ ହେବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୭।୨:** ରାଜଧାନୀ ଦିଲ୍ଲୀର ଏନ୍‌ସିଆର୍ ସମେତ ସମଗ୍ର ଉତ୍ତର ଭାରତରେ ଆଜି ଭୋର୍ ପ୍ରାୟ ୫ଟା ୩୬ ମିନିଟ୍ ସମୟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ କେନ୍ଦ୍ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪.୦ ଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଧୌଲାକୁଆଁ ନିକଟସ୍ଥ ଦୁର୍ଗାବାଇ ଦେଶମୁଖ କଲେଜ ଅଫ ସ୍ପେଶାଲ ଏଜୁକେସନ ଥିଲା। ତେବେ ଟେକ୍ଟୋନିକ ପ୍ଲେଟ୍‌ର ଚଳନ କାରଣରୁ ଏହି ଭୂକମ୍ପ ଅନୁଭୂତ ହୋଇଥିବା କୁହାଯାଉଛି। ତେବେ ଭୂକମ୍ପ ଝଟ୍‌କାରେ କୋଠାବାଡ଼ି ଥରି ଉଠିଥିଲା। ଫଳରେ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ଗଛରେ ବସିଥିବା ପକ୍ଷୀମାନେ ମଧ୍ୟ ଖୁବ୍ ଜୋର୍‌ରେ ଶବ୍ଦ କରି ଉଡ଼ିବାକୁ ଲାଗିଥିଲେ। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ନୂଆଦିଲ୍ଲୀରେ ଭୂମିଠାରୁ ପାଞ୍ଚ କିମି ତଳେ ଥିଲା। ଏହି ଭୂକମ୍ପର ସର୍ବାଧିକ ପ୍ରଭାବ ଦିଲ୍ଲୀ-ଏନସିଆରରେ ଅଧିକ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ-ଏନସିଆର ସହ ଉତ୍ତରପ୍ରଦେଶର ମୁରାଦାବାଦ, ସାହାରନପୁର, ଅଲୱାର, ମଥୁରା ଏବଂ ଆଗ୍ରାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ହରିୟାଣାର କୁରୁକ୍ଷେତ୍ର, ହିସାର, କେଥଲ ଓ ବିହାରର ସିୱାନରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା। ତେବେ ଏହି ଭୂକମ୍ପରେ କୌଣସି ପ୍ରକାରର କ୍ଷୟକ୍ଷତି ନେଇ ସୂଚନା ନାହିଁ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ପୁଲିସ ଏକ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରିଛି। ଦିଲ୍ଲୀ ପୁଲିସ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛି, "ଆଶା କରୁଛି ଆପଣମାନେ ସମସ୍ତେ ସୁରକ୍ଷିତ ଅଛନ୍ତି।" ଯେକୌଣସି ଜରୁରୀକାଳୀନ ସହାୟତା ପାଇଁ ୧୧୨ ଡାଏଲ୍ କରି ଆମ ସହ ଯୋଗାଯୋଗ କରନ୍ତୁ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ' ମାଧ୍ୟମରେ ସମସ୍ତେ ସୁସ୍ଥ ଥିବା ନେଇ ଆଶା କରିଛନ୍ତି। ମୋଦି ଲେଖିଛନ୍ତି ଯେ ଦିଲ୍ଲୀରେ ଭୂକମ୍ପ ଅନୁଭୂତ ହୋଇଛି। ସମସ୍ତଙ୍କୁ ସୁରକ୍ଷିତ ରହିବା ସହ ବିଚଳିତ ନ ହେବା ପାଇଁ ପରାମର୍ଶ ଦେଉଛି। ଏଥିସହ ସରକାର ଏହି ଘଟଣା ଉପରେ ନଜର ରଖିଛନ୍ତି ବୋଲି ମୋଦି ଉଲ୍ଲେଖ କରିଛନ୍ତି। ଭୂକମ୍ପ ସମ୍ପର୍କରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ୍ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, "ମୁଁ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି।"



## ଭାରତରେ 'ମତଦାନ' ପାଇଁ ଆମେରିକାର ୨୧ ନିୟୁତ ଡଲାର ପାଣ୍ଠି ରଦ୍ଧ



**ନୂଆଦିଲ୍ଲୀ, ୧୭।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ନୂଆ ପ୍ରଶାସନ ବଜେଟ୍ ହ୍ରାସ କରିବା ପରେ ଭାରତ ଓ ବାଂଲାଦେଶ ସମେତ ଅନେକ ଦେଶ ପାଇଁ ବିଭିନ୍ନ ପାଣ୍ଠି ରଦ୍ଧ କରିଛି। ଏଲନ୍ ମସ୍କଙ୍କ ନେତୃତ୍ୱାଧୀନ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ରବିବାର ଘୋଷଣା କରିଛି ଯେ ଭାରତରେ ମତଦାନ ହାର ବୃଦ୍ଧି ପାଇଁ ପୂର୍ବରୁ ୨୧ ନିୟୁତ ଡଲାର ପାଣ୍ଠି ବ୍ୟବସ୍ଥା କରାଯାଇଥିଲା ଏବଂ ଏବେ ଏହାକୁ ରଦ୍ଧ କରାଯାଇଛି। ଏହା ସହିତ ବାଂଲାଦେଶର ରାଜନୈତିକ ବ୍ୟବସ୍ଥା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୯ ନିୟୁତ ଡଲାରର ଏକ ପାଣ୍ଠିକୁ ମଧ୍ୟ ରଦ୍ଧ କରିବାକୁ ଆମେରିକା ନିଷ୍ପତ୍ତି ନେଇଛି। ଆମେରିକାର ଏହି ଘୋଷଣା ପରେ ପୂର୍ବରୁ ବାଇଡେନ ସରକାର ସମୟରେ ଭାରତର ନିର୍ବାଚନୀ ପ୍ରକ୍ରିୟାରେ କିଭଳି ବାହ୍ୟ ହସ୍ତକ୍ଷେପ ହେଉଥିଲା ତାହା ସ୍ପଷ୍ଟ ହୋଇଛି ବୋଲି କୁହାଯାଉଛି। ବିଜେପି ଏହି ମାମଲାରେ କଂଗ୍ରେସ ପାର୍ଟି ଏବଂ ଆମେରିକୀୟ ବିଲିୟନେୟାର ଭାରତ ବିରୋଧୀ ଜର୍ଜ ସୋରସ୍‌ଙ୍କୁ ଦାୟୀ କରି କଡ଼ା ସମାଲୋଚନା କରିଛି। ଆମେରିକା ଏବେ ନେଇଥିବା ପଦକ୍ଷେପ ଯୋଗୁଁ ଭାରତର ନିର୍ବାଚନ ପ୍ରକ୍ରିୟାରେ ବାହ୍ୟ ହସ୍ତକ୍ଷେପ ବନ୍ଦ ହେବ ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି। ଏହା ସହିତ ବାଂଲାଦେଶରେ ମଧ୍ୟ ଶେଖ୍ ହସିନାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବା ପଛରେ ଆମେରିକାର ହାତ ଥିବା ଅଭିଯୋଗ ହୋଇଛି। ବାଂଲାଦେଶକୁ ଅସ୍ଥିର କରିବା ପାଇଁ ଆମେରିକା ପାଣ୍ଠି ଯୋଗାଇଥିବା ହସିନାଙ୍କ ଦଳର ନେତାମାନେ କହିଛନ୍ତି।

ମସ୍କଙ୍କ ନେତୃତ୍ୱାଧୀନ ବିଭାଗ 'ଏକ୍ସ'ରେ ପାଣ୍ଠି ରଦ୍ଧ ଘୋଷଣା କରିବା ପରେ ଏଭଳି ପାଣ୍ଠି କେଉଁ ଉଦ୍ଦେଶ୍ୟରେ ପ୍ରକୃତରେ ବ୍ୟୟ ହେଉଥିଲା ଏବଂ କେଉଁମାନେ ଏହାର ନିୟନ୍ତ୍ରଣ କରୁଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଭାରତ ପାଇଁ ଧାର୍ଯ୍ୟ କରାଯାଇଥିବା ୨୧ ନିୟୁତ ଡଲାର ଦେଶର ନିର୍ବାଚନରେ ଭୋଟରଙ୍କ ଭାଗୀଦାରି ବୃଦ୍ଧି କରିବା ପାଇଁ ବିଶେଷ ଭାବେ ଲକ୍ଷ୍ୟ ରଖାଯାଇଥିଲା ବୋଲି ଦର୍ଶାଯାଇଥିବା ବେଳେ ପ୍ରକୃତରେ ଏହା ବାହ୍ୟ ହସ୍ତକ୍ଷେପ ଏବଂ ଭାରତକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବିଜେପି କହିଛି। ଉଲ୍ଲେଖଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବାର କିଛି ଦିନ ପରେ ଏହି ଘୋଷଣା କରାଯାଇଛି ଏବଂ ଦୁଇ ନେତା ଆମେରିକା-ଭାରତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି।

## ବିଜେପି ପାଖରେ ନାହାଁନ୍ତି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଅତିଶୀ

**ନୂଆଦିଲ୍ଲୀ:** ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳର ୧୦ ଦିନ ପରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିନାହିଁ ବିଜେପି। ଏନେଇ ଆମ ଆଦମୀ ପାର୍ଟିର ବିଧାୟକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅତିଶୀ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ଦିଲ୍ଲୀ ନିର୍ବାଚନର ଫଳାଫଳ ଘୋଷଣା ହେବାର ୧୦ଦିନ ବିତିଗଲାଣି କିନ୍ତୁ ବିଜେପି ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦ ସମ୍ପର୍କରେ ନିଷ୍ପତ୍ତି ନେଇପାରି ନାହିଁ। ଦିଲ୍ଲୀବାସୀ ଆଶା କରିଥିଲେ ଯେ ବିଜେପିର ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ସେମାନଙ୍କ ପାଇଁ କାମ କରିବା ଆରମ୍ଭ କରିବେ। ହେଲେ ତାହା ଏପର୍ଯ୍ୟନ୍ତ ହୋଇନାହିଁ। ସୋମବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଅତିଶୀ ବିଜେପି ଉପରେ କଟାକ୍ଷ କରି କହିଛନ୍ତି ଯେ, "ଦିଲ୍ଲୀ ନିର୍ବାଚନର ଫଳାଫଳ ଘୋଷଣା ହେବାର ୧୦ ଦିନ ହୋଇଗଲାଣି। ଆଜି ୧୭ ତାରିଖ। ଦିଲ୍ଲୀବାସୀ ଆଶା କରୁଥିଲେ ଯେ ଭାରତୀୟ ଜନତା ପାର୍ଟି ୯ ତାରିଖରେ ତାଙ୍କର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବ ଏବଂ ୧୦ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହା ପରେ ଦିଲ୍ଲୀବାସୀଙ୍କ ପାଇଁ କାମ ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ। କିନ୍ତୁ ଦିଲ୍ଲୀବାସୀଙ୍କ ଅପେକ୍ଷାର ଅନ୍ତ ହୋଇପାରିନାହିଁ। ୪୮ ଜଣ ବିଧାୟକଙ୍କର ଏକମାତ୍ର କାମ ହେଉଛି ଦିଲ୍ଲୀର ଲୋକମାନଙ୍କୁ ଲୁଟିବା ଏବଂ ଦିଲ୍ଲୀର ଟଙ୍କା ନିଜ ନିଜ ମଧ୍ୟରେ ବାଣ୍ଟିବା। ଦିଲ୍ଲୀରେ ସରକାର ଚଳାଇବା ପାଇଁ, ତାଙ୍କ ପାଖରେ ଏପରି ଜଣେ ବି ବ୍ୟକ୍ତି ନାହାନ୍ତି ଯାହାକୁ ସେ ଚୟନ କରି ମୁଖ୍ୟମନ୍ତ୍ରୀ କରିପାରିବେ।"ସେ ଆହୁରି କହିଛନ୍ତି, "ପ୍ରଧାନମନ୍ତ୍ରୀ ତାଙ୍କର ୪୮ଜଣ ବିଧାୟକଙ୍କ ମଧ୍ୟରୁ କାହାକୁ ମଧ୍ୟ ବିଶ୍ୱାସ କରନ୍ତି ନାହିଁ। ସେ ଜାଣନ୍ତି ଯେ ଏହି ୪୮ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ବି ସରକାର ଚଳାଇବାର କ୍ଷମତା ରଖନ୍ତି ନାହିଁ। ଯଦି କେହି ମୁଖ୍ୟମନ୍ତ୍ରୀ ହେବାକୁ ସକ୍ଷମ ନୁହଁନ୍ତି, ତେବେ ଦିଲ୍ଲୀକୁ କିପରି ଚଳାଇବେ? ଦିଲ୍ଲୀବାସୀଙ୍କ ପାଇଁ ତାଙ୍କର କୌଣସି ଦୃଷ୍ଟିକୋଣ ନାହିଁ।"

## ପ୍ରବଳ ବର୍ଷା ଯୋଗୁଁ ଆମେରିକାରେ ବନ୍ୟା ସ୍ଥିତି, ୯ ମୃତ

**ୱାଶିଂଟନ, ୧୭।୨:** ଆମେରିକାର ବିଭିନ୍ନ ସ୍ଥାନରେ ପ୍ରବଳ ତୁଷାରପାତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷା ଲୋକଙ୍କ ସମସ୍ୟା ବଢ଼ାଇଛି। ବଦଳୁଥିବା ପାଣିପାଗ କାରଣରୁ ଅତିକମରେ ୯ ଜଣଙ୍କର ଜୀବନ ଚାଲିଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀ ଜଳସ୍ତର ବଢ଼ିଯାଇଛି। ରାସ୍ତାଘାଟରେ ପାଣି ଭରିଯାଇଛି। ପାଣି ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ବନ୍ୟା ପରିସ୍ଥିତି ଉପୁଜିଥିବାରୁ ଫସିଥିବା ଲୋକଙ୍କୁ ସ୍ଥାନାନ୍ତରଣ କରିବାକୁ କାମ ଜାରି ରହିଛି। ଅନେକ ଲୋକ ପାଣିରେ କାରରେ ଫସିଥିବା କାରଣରୁ ହୋଇଛି। ଏମାନଙ୍କ ମଧରେ ଜଣେ ମା' ଏବଂ ୭ ବର୍ଷୀୟ ପିଲା ରହିଛି। ତେଣୁ ସ୍ଥାନୀୟ ଲୋକଙ୍କୁ ନ ବାହାରିବା ଏବଂ ସୁରକ୍ଷିତ ରହିବାକୁ ଅପିଲ୍ କରାଯାଇଛି। ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ସ୍ଥାନୀୟ ଗଭର୍ଣ୍ଣର କହିଛନ୍ତି। ବର୍ଷା ପବନ ଯୋଗୁଁ ବିଦ୍ୟୁତ ଲାଇନ ପ୍ରଭାବିତ ହୋଇଛି। ଉତ୍ତର ସହରର କିଛି ଘର ନଷ୍ଟ ହୋଇଛି। ସମସ୍ତଙ୍କୁ ଏହି ଅଞ୍ଚଳରୁ ଦୂରେଇ ରହିବାକୁ କୁହାଯାଇଛି। ତେବେ ପ୍ରବଳ ବର୍ଷା ଯୋଗୁଁ ଟେନେସୀର ଓବେୟନ କାଉଣ୍ଟିରେ ଏକ ଡ୍ୟାମ ଭାଙ୍ଗିବା ଯୋଗୁଁ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି।



ସୂଚନାଯୋଗ୍ୟ, ନିକଟରେ ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟ ନାଗରିକଙ୍କୁ ଆମେରିକା ପ୍ରଶାସନ ସ୍ୱଦେଶ ଫେରାଇ ଦେଉଛି। ପ୍ରଥମେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେରିକାରୁ ୧୦୪ ଅବୈଧ ପ୍ରବାସୀ ଭାରତୀୟମାନଙ୍କୁ ନେଇ ଫେରିଥିବା ବିମାନକୁ ଅମୃତସରରେ ଅବତରଣ କରାଯାଇଥିଲା। ଆଉ ୧୧୯ ପ୍ରବାସୀ ଭାରତୀୟଙ୍କୁ ଏକ ବିମାନ ଅମୃତସର ବିମାନବନ୍ଦରରେ ଅବତରଣ କରିଥିଲା। ଆମେରିକାରୁ ନିର୍ବାସିତ ଭାରତୀୟମାନଙ୍କୁ ମେକ୍ସିକୋ-ଆମେରିକା ସୀମାରୁ ଧରାଯାଇଥିଲା। ଏହି ଭାରତୀୟମାନେ ଅବୈଧ ଭାବରେ ଭାରତ ଛାଡ଼ିଥିଲେ। କିନ୍ତୁ ସେମାନେ ଡଙ୍କି ରୁଟ୍ ଜରିଆରେ ଆମେରିକାରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ।

# ଯୁଦ୍ଧ ପାଇଁ ଉପଯୁକ୍ତ ନୁହେଁ ଚୀନ୍ ସେନା: ରିପୋର୍ଟ

**ବେଜିଂ, ୧୭।୨:** ଚୀନ୍‌କୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଭାବରେ ବିବେଚନା କରାଯାଇଥାଏ। ଏହା ପାଖରେ ଏକ ଶକ୍ତିଶାଳୀ ସେନା ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଅଛି। ଚୀନ୍ ସେନା ବିଷୟରେ ଏହି ଧାରଣାକୁ ଏକ ନୂତନ ରିପୋର୍ଟ ଦ୍ୱାରା ଚ୍ୟାଲେଞ୍ଜ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ ସେନା ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ନୁହନ୍ତି। ଆମେରିକୀୟ ଥିଙ୍କ ଟ୍ୟାଙ୍କ ରାଣ୍ଡ କର୍ପରର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଚୀନ୍‌ର ଶାସକ ଦଳ ଯୁଦ୍ଧ ପାଇଁ ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ପରିବର୍ତ୍ତେ କ୍ଷମତାରେ ରହିବା ପାଇଁ ସୈନ୍ୟବାହିନୀକୁ ଉନ୍ନତ କରୁଛି। ଏପରି ପରିସ୍ଥିତିରେ, ଯେତେବେଳେ ସୁଯୋଗ ଆସିବ, ଚୀନ୍ ସେନା ଯୁଦ୍ଧକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସିଏନଏନ ଅନୁଯାୟୀ, ଆମେରିକୀୟ ଥିଙ୍କ ଟ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି)ର ସେନାକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ କ୍ଷମତା ଉପରେ ନିଜର କବଜା ବଜାୟ ରଖିବା, କୌଣସି ବାହ୍ୟ ଶତ୍ରୁ ସହିତ ଲଢ଼ିବା ନୁହେଁ। ରିପୋର୍ଟର ଲେଖକ, ଟିମୋଥି ହିଥ୍, ଯୁକ୍ତି ଦେଇଛନ୍ତି ଯେ, ଚୀନ୍ ସେନା (ପିଏଲଏ) ସି ଜିନପିଙ୍ଗ ଏବଂ ସିସିପି ଶାସନକୁ ବଜାୟ ରଖିବା ଉପରେ ଧ୍ୟାନ ଦେଉଛି। ଚୀନ୍‌ର ସାମରିକ ଆଧୁନିକୀକରଣ ସିସିପି ଶାସନର ଆକର୍ଷଣ ଏବଂ ବିଶ୍ୱସନୀୟତାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ. ପିଏଲଏ ଏହାର ତାଲିମ ସମୟର ୪୦ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ବିଷୟଗୁଡ଼ିକରେ ବିତାଇଥାନ୍ତି। ହିଥ୍ କୁହନ୍ତି, ଏହି ସମୟକୁ ଯୁଦ୍ଧରେ ଦକ୍ଷତା ହାସଲ କରିବା ପାଇଁ ବ୍ୟବହାର କରାଯାଇପାରିବ କିନ୍ତୁ ପ୍ରକୃତରେ ସେପରି ନୁହେଁ। ଆଧୁନିକ ଯୁଦ୍ଧ ପାଇଁ ପିଏଲଏ କେତେ ପ୍ରସ୍ତୁତ ସେ ବିଷୟରେ ପ୍ରଶ୍ନ ଉଠୁଛି। ପିଏଲଏ ୟୁନିଟର ନେତୃତ୍ୱ ମଧ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଯେଉଁମାନେ ଯୁଦ୍ଧ କ୍ଷମତା ଅପେକ୍ଷା ଦଳ ପ୍ରତି ଆନୁଗତ୍ୟ ଉପରେ ଗୁରୁତ୍ୱ ଦିଅନ୍ତି। ରିପୋର୍ଟରେ ଏହା ମଧ କୁହାଯାଇଛି ଯେ, ଆମେରିକା ଏବଂ ଚୀନ୍ ମଧରେ ପାରମ୍ପରିକ ଯୁଦ୍ଧର ସମ୍ଭାବନା ବହୁତ କମ୍। ପେଣ୍ଟାଗନର ଯୋଜନାକାରୀମାନେ କ୍ଷେପଣାସ୍ତ୍ର ଏବଂ ବୋମା ବ୍ୟତୀତ ଚୀନ୍ ବିପଦର ଏକ ବ୍ୟାପକ ପରିସର ଉପରେ ଧ୍ୟାନ ଦେବା ଉଚିତ। ତଥାପି, କିଛି ବିଶେଷଜ୍ଞ ରିପୋର୍ଟର ନିଷ୍କର୍ଷ ସହିତ ଏକମତ ନୁହଁନ୍ତି। ସେ କହିଛନ୍ତି ଯେ,ସି ଜିନପିଙ୍ଗ ତାଙ୍କର ସର୍ବୋଚ୍ଚ ସାମରିକ ଲକ୍ଷ୍ୟକୁ ସ୍ପଷ୍ଟ କରିଛନ୍ତି। ଲକ୍ଷ୍ୟ ହେଉଛି ତାଇୱାନକୁ କବଜା କରିବା, ଏବଂ ଚୀନ୍‌ମାନେ ଏଥିପାଇଁ ପ୍ରସ୍ତୁତ। ହିଥ୍ ଚୀନ୍‌ର ବର୍ଦ୍ଧିତ ଆଧୁନିକ ଅସ୍ତ୍ରଶସ୍ତ୍ର ଭଣ୍ଡାର ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ରିପୋର୍ଟରେ କୁହାଯାଇଛି ଯେ, ଇତିହାସ ବାରମ୍ବାର ଦେଖାଇଛି ଯେ, ସେନା ପ୍ରାୟତଃ ଯୁଦ୍ଧରେ ସେମାନଙ୍କର ଉନ୍ନତ ଅସ୍ତ୍ରଶସ୍ତ୍ରକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାରେ ବିଫଳ ହୁଏ। ରିପୋର୍ଟରେ ୟୁକ୍ରେନ ଯୁଦ୍ଧର ଉଦାହରଣ ଦିଆଯାଇଛି, ଯେଉଁଠାରେ ଏକ ଉନ୍ନତ ଅସ୍ତ୍ରଶସ୍ତ୍ର ବିଶିଷ୍ଟ ସେନା ବିଜୟ ହାସଲ କରିବାରେ ବିଫଳ ହୋଇଛି। ହିଥ୍ କହିଛନ୍ତି ଯେ, ଚୀନ୍ ସେନା ଯୁଦ୍ଧରେ ଏହାର ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାରେ ସଫଳ ହେବ କି ନାହିଁ ତାହା ସନ୍ଦେହଜନକ।

ଚୀନ୍ ସେନା ମଧ ସୈନିକ ଅଭାବ ଏବଂ ଦୁର୍ନୀତି ସହିତ ସଂଘର୍ଷ କରୁଛି। ଏକ ସାମ୍ପ୍ରତିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ସେନା ଏବଂ ସରକାରଙ୍କ ବରିଷ୍ଠ ସ୍ତର ମଧରେ ବ୍ୟାପକ ଦୁର୍ନୀତି ବିରୋଧୀ ଅଭିଯାନ ସି ଜିନପିଙ୍ଗଙ୍କ ପ୍ରତିରକ୍ଷା ନିର୍ମାଣରେ ବାଧା ସୃଷ୍ଟି କରୁଛି। ଏହା ସେନାର କାର୍ଯ୍ୟକ୍ଷମ କ୍ଷମତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ହିଥ୍ ମଧ ଏହା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି।



# ଡବ୍ଲ୍ୟୁପିଏଲ୍: ଦିଲ୍ଲୀ ବିପକ୍ଷରେ ଆର୍‌ସିବିର ସହଜ ବିଜୟ



ଭଦୋଦରା,୧୭।୨(ସଂଚାର ବ୍ୟୁରୋ): ଚଳିତ ମହିଳା ଆଇପିଏଲ୍ (ଡବ୍ଲ୍ୟୁପିଏଲ୍)ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି) ସହଜ ବିଜୟ ହାସଲ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇ ଦିଲ୍ଲୀ ୧୯.୩ ଓଭର୍‌ରେ ୧୪୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେମିମା ରଡରିଗ୍ସ ୪ଟି ଚୌକା ଓ ୨ଟି ଛକା ସହ ସର୍ବାଧିକ ୩୪ ରନ୍ କରିଥିବା ବେଳେ ସାରା ବ୍ରାଇସ୍ ୨୩ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ରେଣୁକା ସିଂହ ଠାକୁର ୨୩ ରନ୍‌ରେ ୩ଟି ୱିକେଟ୍ ନେଇଥିବାବେଳେ ଜର୍ଜିଆ ୱେୟାରହାମ୍ ୩ଟି, କିମ୍ ଗାର୍ଥ ଓ ଏକତା ବିଷ୍ଟ ୨ଟି ଲେଖାଏଁ ସଫଳତା ପାଇଥିଲେ। ବ୍ୟାଟିଂରେ ଦଳ ୧୬.୨ ଓଭର୍‌ରେ ମାତ୍ର ୨ଟି ୱିକେଟ୍ ହରାଇ ୧୪୬ ରନ୍ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଅଧିନାୟିକା ସ୍ମୃତି ମନ୍ଧାନା ମାତ୍ର ୪୭ ବଲ୍‌ରେ ୧୦ଟି ଚୌକା ଓ ୩ଟି ଛକା ସହ ୮୧ ରନ୍ କରିଥିବାବେଳେ ତାଙ୍କ ଯୋଡ଼ିଦାର ଡାନିଏଲ୍ ୱାଟ୍-ହେଜ୍ ୭ଟି ଚୌକା ସହ ୪୨ ରନ୍ କରିଥିଲେ। ଦିଲ୍ଲୀ ପକ୍ଷରୁ ଶିଖା ପାଣ୍ଡେ ଓ ଅରୁନ୍ଧତୀ ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ରେଣୁକାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# ସ୍ପେନ୍‌ଠୁ ଭାରତର ପ୍ରତିଶୋଧ ପାଲଟା ମୁକାବିଲାକୁ ୨-୦ରେ ଜିତିଲା



**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ହାରିଥିବା ଭାରତ ରବିବାର ବିଜୟ ସହ ଲୟକୁ ଫେରିଛି। ଶନିବାର ୧-୩ ଗୋଲ୍‌ରେ ସ୍ପେନ୍‌ଠୁ ହାରିଥିବା ଏହି ଦଳ ରବିବାର ପାଲଟା ମ୍ୟାଚ୍‌କୁ ୨-୦ ଗୋଲ୍‌ରେ ଜିତି ନେଇଛି। ଭାରତ ଏହି ବିଜୟ ସହ ସ୍ପେନ୍‌ଠୁ ମଧୁର ପ୍ରତିଶୋଧ ନେଇଛି। ପ୍ରଥମ ମ୍ୟାଚ୍ ପରାଜୟ ପରେ ଚାପରେ ଥିବା ଭାରତ ରବିବାର ଆରମ୍ଭରୁ ହିଁ ଆକ୍ରମଣ କରିଥିଲା। ହେଲେ ପ୍ରଥମ କ୍ୱାର୍ଟର୍ ଶେଷ ହେବାକୁ ଆଉ ମାତ୍ର ୯ ସେକେଣ୍ଡ ଥିଲା ବେଳେ ବ୍ୟାକ୍ ଟୁ ବ୍ୟାକ୍ ଦୁଇଟି ପେନାଲ୍‌ଟି କର୍ଣ୍ଣର ପାଇଥିଲେ ମଧ ଗୋଲ୍ କରିପାରି ନଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ତେବେ ତୃତୀୟ କ୍ୱାର୍ଟରରେ ଭାରତ ଦୁଇଟି ଗୋଲ୍ ଲଦି ବିଜୟ ଦିଗରେ ଅଗ୍ରସର ହୋଇଥିଲା। ଦିଲ୍‌ପ୍ରୀତ ସିଂହଙ୍କ ଏକ ପାସ୍‌କୁ ତଳେ ଶୋଇ ଚମତ୍କାର ଢଙ୍ଗରେ ମନଦୀପ ସିଂହ (୩୨ ମିନିଟ୍) ସ୍ପେନ୍ ଗୋଲ୍‌ପୋଷ୍ଟ୍‌କୁ ବଲ୍ ପଠାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାର ୭ ମିନିଟ୍‌ରେ ଗୁରଜାଣ୍ଟ ସିଂହଙ୍କ ପାସ୍‌କୁ ଦିଲ୍‌ପ୍ରୀତ ସିଂହ ଗୋଲ୍ କରିଦେଇଥିଲେ। ଶେଷ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବାରୁ ୨-୦ରେ ବିଜୟ ବାନା ଉଡ଼ାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାରୁ ୩ ଖେଳାଳି ଅମିତ ରୋହିଦାସ, ନୀଲମ ସଂଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ଘରୋଇ ପଡ଼ିଆରେ ନିଜ ଯାଦୁ ଦେଖାଇଥିଲେ। ମନଦୀପ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଚାମ୍ପିଅନ୍ସ ଟ୍ରଫି: ପ୍ରଥମ ସେମି ଓ ଭାରତ ମ୍ୟାଚ୍‌ର ବଳକା ଟିକେଟ୍ ବିକ୍ରି ଆରମ୍ଭ

**ଦୁବାଇ, ୧୭।୨:** ଆଜି ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମି ଫାଇନାଲ୍ ଏବଂ ଭାରତର ୩ଟି ଗ୍ରୁପ୍ ମ୍ୟାଚ୍‌ର ବଳକା ଟିକେଟ ବିକ୍ରି କରାଯାଇଛି। ପ୍ରଶଂସକମାନେ ଭାରତୀୟ ସମୟ ୧.୩୦ରେ ଏହି ମ୍ୟାଚ୍ ଗୁଡ଼ିକର ଟିକେଟ୍ କିଣିଛନ୍ତି। ଆଇସିସି ପକ୍ଷରୁ କୁହାଯାଇଛି ଯେ, ଭାରତ ଆସନ୍ତା ୨୦ ତାରିଖରେ ପ୍ରଥମ ଗ୍ରୁପ୍-ବି' ମ୍ୟାଚ୍ ବାଂଲାଦେଶ ସହ ଖେଳିବ। ଏହି ମ୍ୟାଚ୍‌ର ଟିକେଟ୍ ଏବେବି ଉପଲବ୍ଧ ରହିଛି। ସେହିପରି ଭାରତ ୨୩ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଏବଂ ମାର୍ଚ୍ଚ ୨ ତାରିଖରେ ନ୍ୟୁଜିଲାଣ୍ଡକୁ ସାମ୍ନା କରିବ। ସୋମବାର ଏହି ୩ଟି ମ୍ୟାଚ୍‌ର ବଳକା ଟିକେଟ୍ ବିକ୍ରି ହୋଇଛି। ଭାରତ ଫାଇନାଲ୍‌କୁ ଗଲେ ପ୍ରଥମ ସେମି ଫାଇନାଲ୍ ଦୁବାଇରେ ଖେଳାଯିବ। ଏହି ମ୍ୟାଚ୍‌ର କିଛି ଟିକେଟ୍ ବଳକା ରହିଛି। ପ୍ରଶଂସକମାନେ ମଧ ପ୍ରଥମ ସେମି ଫାଇନାଲ୍ ପାଇଁ ଟିକେଟ୍ କିଣି କିଣିଛନ୍ତି। ପ୍ରଥମ ସେମି ଫାଇନାଲ୍ ଶେଷ ହେବା ପରେ ଫାଇନାଲ୍ ମ୍ୟାଚ୍ ପାଇଁ ଟିକେଟ୍ ଉପଲବ୍ଧ ହେବ।

## ପ୍ରଥମ ମ୍ୟାଚ୍ ଖେଳିବେ ରୌଫ୍

**କରାଚୀ,୧୭।୨:** ପାକିସ୍ତାନ ଫାଷ୍ଟ ବୋଲର ହାରିସ ରୌଫ ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇଛନ୍ତି। ତେଣୁ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚ୍‌ରେ ଖେଳିବା ନେଇ ବଡ଼ ସୂଚନା ମିଳିଛି। ଫଳରେ ଚାମ୍ପିୟନ୍ସ ଟ୍ରଫର ଓପନିଂ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ପାଇଁ ଆସିଛି ଖୁସି ଖବର। ଚଳିତ ତ୍ରିରାଷ୍ଟ୍ରୀୟ ସିରିଜରେ ହାରିସଙ୍କ ଛାତି ନିମ୍ନ ଭାଗ ମାଂସପେଶୀରେ ସମସ୍ୟା ଦେଖା ଦେଇଥିଲା। ହାରିସ ହେଉଛନ୍ତି ପାକିସ୍ତାନ ଅନ୍ୟତମ ପ୍ରମୁଖ ବୋଲର। ମିଡଲ ଓଭରରେ ଉଇକେଟ ନେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି। ଆଘାତପ୍ରାପ୍ତ ଥିବା ସତ୍ତ୍ୱେ ଚୟନକର୍ତ୍ତାମାନେ ହାରିସଙ୍କୁ ଦଳରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ତାଙ୍କର ବିକଳ୍ପ ଭାବେ ଆକିଫ୍ ଜାଭେଦଙ୍କୁ ରଖିଥିଲେ। ହାରିସ ୪୬ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଖେଳି ୮୩ ଉଇକେଟ ଅକ୍ତିଆର କରିଛନ୍ତି। ଏହାଛଡ଼ା ୭୯ ଅନ୍ତର୍ଜାତୀୟ ଟି୨୦ରେ ସେ ୧୧୦ ଉଇକେଟ ହାସଲ କରିଛନ୍ତି। ସେ ନିଜକୁ ଜଣେ ହ୍ୱାଇଟ୍ ବଲ ସ୍ପେଶାଲିଷ୍ଟ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ପାକିସ୍ତାନର ପୂର୍ବତନ ପେସ୍ ବୋଲର ମହମ୍ମଦ ଅମିର ଶନିବାର ଏକ ଟିଭି ଚ୍ୟାନେଲକୁ ତାଙ୍କର ଏକ ସାକ୍ଷାତ୍‌କାରରେ ଚାମ୍ପିୟନ୍ସ ଟ୍ରଫି ଦୃଷ୍ଟିରୁ ହାରିସଙ୍କ ଫିଟ୍‌ନେସକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ପେସ୍ ବୋଲର ଜଣକ ଯଦି ପାର୍ଶ୍ୱ ଯନ୍ତ୍ରଣାର ଶିକାର ହୋଇଥାନ୍ତି ତେବେ ତାଙ୍କୁ ସୁସ୍ଥ ହେବା ଲାଗି ୫ରୁ ୬ ସପ୍ତାହ ସମୟ ଲାଗିବ।

**ମୁମ୍ବାଇ ଇଣ୍ଡିଆନ୍ସକୁ ଝଟ୍‌କା**

# ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରୁ ହାର୍ଦ୍ଦିକ ପାଣ୍ଡ୍ୟା ଆଉଟ୍

**ମୁମ୍ବାଇ, ୧୭।୨:** ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ୨୦୨୪ରେ ମୁମ୍ବାଇର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ମୁମ୍ବାଇ ଦଳ ଆଇପିଏଲ ୨୦୨୪ରେ ଭଲ ପ୍ରଦର୍ଶନ କରିପାରି ନଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଦଳ ପାଞ୍ଚ ଥର ଆଇପିଏଲ ଟାଇଟଲ ଜିତିଥିବା ଆଗାମୀ ସିଜିନ୍‌ରେ ହାର୍ଦ୍ଦିକ ପୁଣି ଥରେ ଟାଇଟଲ ଜିତିବାକୁ ଚେଷ୍ଟା କରିବେ।କିନ୍ତୁ ଏହା ପୂର୍ବରୁ ତାଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି। ସେ ସିଏସକେ ବିପକ୍ଷରେ



ମ୍ୟାଚ୍ ଖେଳିପାରିବେ ନାହିଁ। ମୁମ୍ବାଇ ଦଳ ଆଇପିଏଲ ୨୦୨୪ର ଶେଷ ମ୍ୟାଚ୍ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷରେ ଖେଳିଥିଲା ଏବଂ ଏହି ମ୍ୟାଚରେ ମୁମ୍ବାଇ ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ଇମ୍ପାକ୍ଟ ଖେଳାଳି ସମେତ ପ୍ଲେଇଂ ଇଲେଭେନର ଖେଳାଳିମାନଙ୍କୁ ୧୨ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫିର୫୦ ପ୍ରତିଶତ ଜରିମାନା କରାଯାଇଥିଲା। ସେହିପରି, ଆଇପିଏଲ ୨୦୨୪ରେ ମୁମ୍ବାଇ ଦଳ ତିନିଥର ସର୍ବନିମ୍ନ ଓଭର ରେଟ୍ ବଜାୟ ରଖିବାରେ ବିଫଳ ହୋଇଥିଲା। ଏହି କାରଣରୁ ଅଧିନାୟକ ହାର୍ଦ୍ଦିକଙ୍କୁ ମଧ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଥିଲା। ଗତ ସିଜନରେ ମୁମ୍ବାଇ ଶେଷ ମ୍ୟାଚ୍ ଖେଳିସାରିଥିଲା।ତେଣୁ ଆଗାମି ସିଜିନ୍‌ରେ ହାର୍ଦ୍ଦିକଙ୍କ ଉପରେ ପ୍ରଥମ ମ୍ୟାଚ୍‌ରେ ଏହି ପ୍ରତିବନ୍ଧକ ଲାଗୁ ହେବ।

ହାର୍ଦ୍ଦିକ ପାଣ୍ଡ୍ୟା ଏପର୍ଯ୍ୟନ୍ତ ୧୩୭ଟି ଆଇପିଏଲ ମ୍ୟାଚ୍ ଖେଳି ମୋଟ ୨୫୨୫ ରନ୍ କରିଛନ୍ତି, ଯେଉଁଥିରେ ତାଙ୍କ ନାମରେ ୧୦ଟି ଅର୍ଦ୍ଧଶତକ ରହିଛି।ଏହା ସହ ସେ ୬୪ଟି ୱିକେଟ ନେବାରେ ମଧ ସଫଳ ହୋଇଛନ୍ତି। ଏବେ ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଅନୁପସ୍ଥିତି ଯୋଗୁଁ, ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଦାୟିତ୍ୱ ନେଇପାରନ୍ତି।ସେ ଭାରତୀୟ ଟି-୨୦ ଦଳର ଅଧିନାୟକ ଏବଂ ତାଙ୍କର ଅଭିଜ୍ଞତା ମୁମ୍ବାଇ ପାଇଁ ଉପଯୋଗୀ ହୋଇପାରେ। ଆଇପିଏଲ ୨୦୨୪ରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ଭଲ ପ୍ରଦର୍ଶନ କରିପାରି ନଥିଲା ଏବଂ ପଏଣ୍ଟ ଟେବୁଲରେ ଶେଷ ସ୍ଥାନରେ ରହିଥିଲା। ମୁମ୍ବାଇ ମାତ୍ର ୪ଟି ମ୍ୟାଚ୍ ଜିତିଥିଲା ଏବଂ ୧୦ଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲା ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଚାରପତି ବିଭାଗ ବିଜୟୀ



**ବାମନାଳ, ୧୭।୨:** ପୁରୀ ଜିଲ୍ଲା ନିମାପଡ଼ା ବାରବାଟି ପଡ଼ିଆ ଠାରେ ରବିବାର ନିମାପଡ଼ା ବିଚାର ବିଭାଗ ଓ ଆଇନଜୀବୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଇନଜୀବୀ ସଂଘର ବ୍ୟାଟିଙ୍ଗ କରି ୨୦ ଓଭରରେ ୧୧୮ ରନ୍ କରିଥିବାବେଳେ ତାର ଜବାବରେ ନିମାପଡ଼ା କୋର୍ଟ ବିଚାରପତି ବିଭାଗ ଟିମ୍ ୧୬ ଓଭରରେ ୧୨୨ ରନ୍ କରି ବିଜୟୀ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜଜ୍ ସୌମେକ୍ ପାତ୍ର,ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ଅମିତ୍ କୁମାର ବାରିକ ଅଂଶ ଗ୍ରହଣ କରିଥିବା ବେଳେ ଅତିଥିଭାବେ ସିଭିଲ ଜଜ୍ ଜୁନିଅର ଡିଭିଜନ ସୌମ୍ୟା ରାଓ, ଜେ ଏମ ଏଫ୍ ସି ସୌରଭ ସାଗର ପ୍ରଧାନ, ସବ-ଜଜ୍ ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ରେ ମ୍ୟାନ୍ ଅଫ ଦି ମ୍ୟାଚ୍ ବିଚାର ବିଭାଗ ଦଳର ସୂର୍ଯ୍ୟକାନ୍ତ ସାହୁ ହୋଇଥିବା ବେଳେ ବେଷ୍ଟ ବୋଲର ଭାବେ ଆଇନଜିବି ସଂଘର ପ୍ରବୋଧ ପରିଡ଼ା ବିବେଚିତ ହୋଇଥିଲେ।

## ପୁଣି ଜର୍ମାନୀକୁ ହରାଇଲା ସ୍ପେନ୍

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ସ୍ପେନ୍ ମହିଳା ଦଳର ବିଜୟ ଧାରା ଜାରି ରହିଛି। ଗତ ସଂସ୍କରଣ ରୌପ୍ୟ ବିଜେତା ଦଳ ଜର୍ମାନୀ ବିପକ୍ଷ ଦୁଇ ମ୍ୟାଚ୍‌କୁ ସ୍ପେନ୍ ସାମନ ୨-୧ ବ୍ୟବଧାନରେ ବିଜୟ ହାସଲ କରିଛି। ଏଥିସହ ଜର୍ମାନୀ ବିପକ୍ଷରେ ପୂରା ପଏଣ୍ଟ୍ ପକେଟସ୍ଥ କରିଛି। ମ୍ୟାଚ୍‌ର ପଞ୍ଚମ ମିନିଟ୍‌ରେ ହିଁ ସ୍ପେନ୍ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ସୋଫିଆ ରୋଗୋସ୍କିଙ୍କ ଚମତ୍କାର ଫିଲ୍ଡ ଗୋଲ୍‌ରେ ଏହି ଅଗ୍ରଣୀ ପାଇଥିଲା ସ୍ପେନ୍। ତେବେ ଦ୍ୱାଦଶ ମିନିଟ୍‌ରେ ଆଇନା କ୍ରିସକେନ୍ ଫିଲ୍ଡ ଗୋଲ୍ ଦେଇ ସ୍ଥିତି ସାମନ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା ବେଳେ ତୃତୀୟ କ୍ୱାର୍ଟରରେ ସ୍ପେନ୍ ପୁଣି ଆଗୁଆ ହୋଇଥିଲା।

**ପାକିସ୍ତାନର ହୀନମନ୍ୟତା**

# ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ହଟାଇଲା ଭାରତର ପତାକା

**ଇସଲାମାବାଦ,୧୭।୨:** ଚାମ୍ପିୟନ୍ସ ଟ୍ରଫି ୧୯ ଫେବୃଆରୀରୁ ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ କରାଚୀରେ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ମଧରେ ଖେଳାଯିବ। ୧୯୯୬ ବିଶ୍ୱକପ ପରେ ଏହା ପ୍ରଥମ ଥର ପାଇଁ ପାକିସ୍ତାନ ଏକ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି।

ସୁରକ୍ଷା କାରଣରୁ ଭାରତୀୟ ଦଳ ପାକିସ୍ତାନରେ ଏହାର ମ୍ୟାଚ ଖେଳିବ ନାହିଁ। ଟିମ ଇଣ୍ଡିଆ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଏହି ସମୟରେ, ଆଉ ଏକ ବଡ଼ ବିବାଦ ଦେଖାଦେଇଛି।

ଆଇସିସି ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ, ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି କରାଚୀର ନ୍ୟାସନାଲ ଷ୍ଟାଡିୟମର, ଯେଉଁଥିରେ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ପତାକା ଉତ୍ତୋଳନ କରାଯାଇଛି, କିନ୍ତୁ ଏଥିରେ ଭାରତୀୟ ପତାକା ନାହିଁ।



ଏହି ଭିଡିଓ ସାମ୍ନାକୁ ଆସିବା ପରେ ଏବେ ବିବାଦ ଆରମ୍ଭ ହୋଇଛି। ଏଥିରେ ଅନେକ ପ୍ରଶଂସକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ପଛର କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ, କିନ୍ତୁ ବିଶ୍ୱାସ କରାଯାଉଛି ଯେ ଟିମ ଇଣ୍ଡିଆ ଦୁବାଇରେ ଏହାର ମ୍ୟାଚ ଖେଳିବ, ସେଥିପାଇଁ ଭାରତୀୟ ପତାକା ଉତ୍ତୋଳନ କରାଯାଇ ନାହିଁ। ଏ ସମ୍ପର୍କରେ ପିସିବି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ। ଚାମ୍ପିୟନ୍ସ ଟ୍ରଫି ଆୟୋଜନ ନେଇ ପାକିସ୍ତାନରେ ସୁରକ୍ଷା ନେଇ ବିସିସିଆଇ ପ୍ରଶ୍ନ ଉଠାଇଥିଲା। ସୁରକ୍ଷା କାରଣ ଦର୍ଶାଇ ବିସିସିଆଇ ଦଳକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଏହା ପରେ, ଆଇସିସି ଏବଂ ପିସିବି ଏହି ଟୁର୍ଣ୍ଣାମେଣ୍ଟକୁ ଏକ ହାଇବ୍ରିଡ ମଡେଲରେ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ। ଏହାପରେ ଆଇସିସି ତା'ର ବିବୃତ୍ତିରେ କହିଛି ଯେ ଭାରତ ତା'ର ସମସ୍ତ ଲିଗ ମ୍ୟାଚ ଦୁବାଇରେ ଖେଳିବ। ସେହିପରି, ଯଦି ଭାରତ ସେମିଫାଇନାଲ କିମ୍ବା ଫାଇନାଲରେ ପ୍ରବେଶ କରେ, ତେବେ ଏହି ମ୍ୟାଚ ଗୁଡ଼ିକ ଦୁବାଇରେ ମଧ ଖେଳାଯିବ। ବିସିସିଆଇ, ପିସିବି ଏବଂ ଆଇସିସି ମଧରେ ହୋଇଥିବା ଚୁକ୍ତି ଅନୁଯାୟୀ, ପାକିସ୍ତାନ କ୍ରିକେଟ ଦଳ ଭାରତରେ ହେବାକୁ ଥିବା ଆଇସିସି ଇଭେଣ୍ଟଗୁଡ଼ିକରେ ମଧ ଏହାର ମ୍ୟାଚ ଖେଳିବ ନାହିଁ। ସେ ମଧ ଏକ ନିରପେକ୍ଷ ସ୍ଥାନରେ ତାଙ୍କର ମ୍ୟାଚ ଖେଳିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ...

ପ୍ରଦାନ କରିବା ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୫ ବର୍ଷ ମଧ୍ୟରେ ୧୧୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବାର ପ୍ରସ୍ତାବ ରହିଛି। ସୁଦକ୍ଷା ଯୋଜନା, ସରକାରୀ ଆଇଟିଆଇ ଏବଂ ପଲିଟେକ୍ନିକରେ ଝିଅମାନଙ୍କ ନାମଲେଖା ବୃଦ୍ଧି, ଅନ୍ତର୍ଭୁକ୍ତିକରଣ ଓ ଆର୍ଥିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବାକୁ ୨୬ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। କମ୍ପ୍ରେହେନ୍‌ସିଭ କ୍ୟାନସର କେୟାର ପ୍ଲାନ ଅଧୀନରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ପୂର୍ବକ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସା ସେବା ଯୋଗାଇବାକୁ ଲକ୍ଷ୍ୟ ରହିଛି। ୨୦୨୫-୨୬ ବର୍ଷ ପାଇଁ ଏହି ଯୋଜନା ଅଧୀନରେ ୨୧୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୋଭିଡ ମହାମାରୀ କାରଣରୁ ପିତା ବା ମାତା କିମ୍ବା ଉଭୟଙ୍କୁ ହରାଇଥିବା ପିଲାମାନଙ୍କୁ ସୁରକ୍ଷା ଦେବା ତଥା ସେମାନଙ୍କ ଯତ୍ନ ନେବା ପାଇଁ ସରକାର ଯଶୋଦା ଅଧୀନରେ ଆଶୀର୍ବାଦ ନାମକ ଉପଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏଥସକାଶେ ୮୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରଶାସନର ସବୁ ସ୍ତରରୁ ଦୁର୍ନୀତି ଦୂର କରିବାକୁ ରାଜ୍ୟ ସରକାର ସବୁସ୍ତରର ଟେକ୍ନୋଲୋଜିର ବ୍ୟବହାର କରିବେ। ଏହି ବ୍ୟବସ୍ଥାକୁ ୱାର୍କ ପାସ୍‌ବୁକ କୁହାଯିବ ଓ ଏହା ସମସ୍ତ ବିଭାଗ ପାଇଁ କାର୍ଯ୍ୟକାରୀ ହେବ। ଆସନ୍ତା ବର୍ଷ ପ୍ରଥମ ପର୍ଯ୍ୟାୟରେ ସମସ୍ତ ଇଞ୍ଜିନିୟରିଂ ବିଭାଗରେ ଏହାକୁ ଲାଗୁ କରାଯିବ। ପରବର୍ତ୍ତୀ ସମୟରେ ସମସ୍ତ ବିଭାଗରେ ଏହି ପ୍ରକ୍ରିୟା ଲାଗୁ ହେବ। ୫ ବର୍ଷ ମଧ୍ୟରେ ଖାଲି ପଡ଼ିଥିବା ୧.୫ ଲକ୍ଷ ସରକାରୀ ପଦବୀକୁ ପୂରଣ କରିବା ପାଇଁ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ଦର ବିକାଶ ପାଇଁ ୧୦୭ କୋଟି ଓ ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ୨୧୦ କୋଟିର ବ୍ୟୟବରାଦ କରାଯାଇଛି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବାବଦରେ ମଧ୍ୟ ୩୦୦ କୋଟିର ବ୍ୟୟବରାଦ କରାଯାଇଛି। ଗୋପବନ୍ଧୁ ସମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ରାଜ୍ୟରେ କାର୍ଯ୍ୟରତ କର୍ମଜୀବୀ ସାମ୍ବାଦିକ ଓ ଦିଲ୍ଲୀରେ ଓଡ଼ିଶାର କର୍ମଜୀବୀ ସାମ୍ବାଦିକମାନଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମ ଯୋଗାଇ ଦିଆଯାଉଛି। ୩ ବର୍ଷରୁ କମ୍ ବୟସର ପିଲାଙ୍କ ବିକାଶ ପାଇଁ ସରକାର 'ଆମ କୁନି ପିଲା ଅଭିଯାନ' କାର୍ଯ୍ୟକାରୀ କରାଯାଉଛି। ଏହା ଏକ ଗୃହଭିତ୍ତିକ ଓ ପିତାମାତା ନେତୃତ୍ୱାଧୀନ ପ୍ରାରମ୍ଭିକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ। ପ୍ରାରମ୍ଭିକ ଶୈଶବ ବିକାଶର ଗୁରୁତ୍ୱ, ସେମାନଙ୍କର ଶିକ୍ଷା ଓ ସାମଗ୍ରିକ ବିକାଶ ସମ୍ପର୍କରେ ପିତାମାତା ତଥା ଅଭିଭାବକମାନଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ। ୨୦୨୫-୨୬ ବଜେଟ୍‌ରେ ଏହି ଯୋଜନା ପାଇଁ ୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସରକାର ସ୍କୁଲ ଶିକ୍ଷା କ୍ଷେତ୍ରରେ ୩୧ ହଜାର କୋଟି ଟଙ୍କାରୁ ଅଧିକ ବ୍ୟବସ୍ଥା କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ। ଏହା ମଧ୍ୟ ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ଆବଣ୍ଟନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟର ପରମ୍ପରା ଦ୍ୱାରା ଅନୁପ୍ରାଣିତ। ପଞ୍ଚାୟତ ସ୍ତରରେ ସାମଗ୍ରିକ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା। ପ୍ରାୟ ୭ ହଜାର ପ୍ରାଥମିକ ବିଦ୍ୟାଳୟର ଉନ୍ନତି କରାଯାଇ ସେଗୁଡିକୁ ଉନ୍ନତ ଭିତ୍ତିଭୂମି, ଶିକ୍ଷଣ ସମ୍ବଳ ଓ ଜୀବନ-ଦକ୍ଷତା ଶିକ୍ଷାରେ ସମର୍ଥ କରାଯିବ। ଯାହା ପିଲାଙ୍କ ଭାଷାଗତ ଓ ଗାଣିତିକ ଦକ୍ଷତାର ବିକାଶ କରିବା ସହ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ କରିବ। ଏହି ଯୋଜନା ପାଇଁ ଚଳିତ ବଜେଟ୍‌ରେ ୨୨୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ସେହିପରି ପଞ୍ଚସଖୀ ଶିକ୍ଷା ସେତୁ ଅଭିଯାନରେ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ ଓ କର୍ପୋରେଟ୍ ସଂସ୍ଥାର ସ୍ୱେଚ୍ଛାକୃତ ଅବଦାନ ପରିମାଣର ୨ ଗୁଣା ଅନୁଦାନ ପ୍ରଦାନ କରାଯିବ। ଏଥିରେ ଉନ୍ନତ ଶ୍ରେଣୀଗୃହ, ପୃଥକ ଶୌଚାଳୟ, ମଧ୍ୟାହ୍ନଭୋଜନ ହଲ୍, ରୋଷେଇ ଘର, ମୁକ୍ତାକାଶ ପ୍ରେକ୍ଷାଳୟ, ପ୍ରାର୍ଥନା ଗୃହ, ପାନୀୟ ଜଳର ସୁବିଧା ଓ ଖେଳ ପଡ଼ିଆ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ୧୪୦ କୋଟି ଟଙ୍କା ରଖାଯାଇଛି। ଛାତ୍ରଛାତ୍ରୀଙ୍କ ପୁଷ୍ଟି ସାଧନ ସୁନିଶ୍ଚିତ କରିବା, ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ୍ କରିବାକୁ ନିଷ୍ପତ୍ତି ହୋଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସପ୍ତାହକୁ ଗୋଟିଏ ଲେଖାଏଁ ଅତିରିକ୍ତ ଅଣ୍ଡା ଓ ୩ଟି ପ୍ରୋଟିନ୍-ଆଇରନ୍ ଭରପୂର ଲଡୁ ଦିଆଯିବ। ରୋଷେୟା ତଥା ସହାୟିକାମାନଙ୍କ ମାସିକ ପାରିତୋଷିକ ରାଶିକୁ ବୃଦ୍ଧି କରାଯିବ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୧୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ଅଧୀନରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ସାଇକେଲ ଯୋଗାଇ ଦେବାକୁ ୧୯୩ କୋଟି ଟଙ୍କା ଓ ୨୦୨୫-୨୬ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ୟୁନିଫର୍ମ ଯୋଗାଇ ଦେବାକୁ ୧୯୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନବମ ଶ୍ରେଣୀର ଛାତ୍ରଛାତ୍ରୀ ପାଇବେ ମାଗଣା ସାଇକେଲ। ମଧ୍ୟାହ୍ନଭୋଜନରେ ଲଡୁ ପାଇବେ ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନଭୋଜନରେ ସପ୍ତାହକୁ ଗୋଟେ ଅତିରିକ୍ତ ଅଣ୍ଡା ମିଳିବ। ଏଥିସହ ୩ଟି ପ୍ରୋଟିନ ଓ ଆଇରନ ଲଡୁ ବି ମିଳିବ।

ପାରାଦ୍ୱୀପରେ ନିର୍ମାଣ ହେବାକୁ ଥିବା ଗ୍ରୀନ ଫିଲଡ ବିମାନ ବନ୍ଦର ପାଇଁ ବଜେଟରେ ୩୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହି ପାଣ୍ଠିକୁ ଜମି ଅଧିଗ୍ରହଣ ଓ ନିର୍ମାଣ ଖର୍ଚ୍ଚରେ ବ୍ୟବହାର କରାଯିବ। ଯୋଗାଯୋଗରେ ଉନ୍ନତି ଆଣିବା ଓ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମଣିଷ ଓ ସାମଗ୍ରୀ ପରିବହନକୁ ସୁରକ୍ଷିତ ତଥା ନିରାପଦ କରିବା ପାଇଁ ସରକାର ପ୍ରାୟ ୧୦ ହଜାର ନୂଆ ଡ୍ରାଇଭରଙ୍କୁ ତାଲିମ ଦେବେ। ଏଥିସହ ବର୍ତ୍ତମାନ କାର୍ଯ୍ୟ କରୁଥିବା ୫୦ ହଜାର ଡ୍ରାଇଭରଙ୍କ ଦକ୍ଷତା ମଧ୍ୟ ବଢ଼ାଇବେ। ଗାଡ଼ି ଫିଟ୍‌ନେସର ସ୍ୱୟଂଚାଳିତ ଯାଞ୍ଚ ପାଇଁ ରାଜ୍ୟର ୨୦ଟି ସ୍ଥାନରେ ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍ (ଏଟିଏସ୍) ପ୍ରତିଷ୍ଠା କରାଯିବ। ସଡ଼କ ନିରାପତ୍ତା ସୁନିଶ୍ଚିତ ପାଇଁ ଘରୋଇ ବସ୍ ଅପରେଟର ଓ ଉନ୍ନତ ଡ୍ରାଇଭର ସହାୟତା ବ୍ୟବସ୍ଥା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ ପାଇଁ ୨୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆହୁରି 'ଓଡ଼ିଶା ନୂଆ ଗନ୍ତବ୍ୟ ନୀତି-୨୦୨୪'ର ରୂପାୟନ ପାଇଁ ବିମାନ ସେବାରେ ପରିଚାଳନା ଖର୍ଚ୍ଚ ଓ ରାଜସ୍ୱ ପ୍ରାପ୍ତି ମଧ୍ୟରେ ଥିବା ଆର୍ଥିକ ବ୍ୟବଧାନକୁ ଦୂର କରିବା ସକାଶେ ୩୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## କିଟ୍...

ବନ୍ଧୁ ଅଦ୍ୱିକ ଶ୍ରୀବାସ୍ତବ ବି ସେହି ବିଟେକ୍ ତୃତୀୟ ବର୍ଷର ଜଣେ ଛାତ୍ର। ସେ ମଧ୍ୟ ଜଣେ ନେପାଳର ଛାତ୍ର। ଉଭୟ ମେକାନିକାଲ ଇଞ୍ଜିନିୟରିଂର ଛାତ୍ରଛାତ୍ରୀ ହୋଇଥିବାବେଳେ ପରସ୍ପରଙ୍କ ଭିତରେ ପ୍ରେମ ସମ୍ପର୍କ ଥିଲା । ପ୍ରେମ ସମ୍ପର୍କରେ ବିଫଳତା ଓ ମେନାମାଳିନ୍ୟ ଆତ୍ମହତ୍ୟାର କାରଣ ବୋଲି କହି ଘଟଣାକୁ ହାଲୁକା କରିବାକୁ ଚେଷ୍ଟା କରୁଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ।

କିଟରେ ୬୫ ଦେଶରୁ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ଠାରୁ ମୋଟ ଅଙ୍କର ଫିସ ନେଉଥିବା କିଟ କର୍ତ୍ତପକ୍ଷ କିନ୍ତୁ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଉଦ୍ୟମ କରୁନାହାଁନ୍ତି। ଫିସ ନେଇ ହଷ୍ଟେଲ ଆଲର୍ଟ କରିଦେବା ପରେ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକଳାପ ଏବଂ ସୁରକ୍ଷା ଦିଗରେ ଆଖି ବୁଜିଦେଉଛନ୍ତି କର୍ତ୍ତୃପକ୍ଷ। ଯାହାଦ୍ୱାରା ନିୟମିତ ଭାବେ ଏମିତି ଘଟଣା ଘଟୁଛି। କିଛି ଭିଡ ଭିତରେ ହଜିଯାଉଥିବା ବେଳେ କିଛି ଘଟଣା ଏଭଳି ଉଗ୍ର ରୂପ ନେଉଛି। ସହପାଠୀଙ୍କ ମୃତ୍ୟୁକୁ ନେଇ ଅନ୍ୟ ନେପାଳୀ ଛାତ୍ରଛାତ୍ରୀମାନେ ହଷ୍ଟେଲରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପାଠ ପଢ଼ିବା ପାଇଁ ବିଦେଶରୁ ଆସିଥିବା ପିଲାଙ୍କୁ ଧମକଚମକ ଏବଂ ସିକ୍ୟୁରିଟି ଗାର୍ଡଙ୍କ ନିସ୍ଥୁକ ମାଡ଼ର ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି । ଶେଷରେ ୧୨ ଘଣ୍ଟାର ଖଣ୍ଡଯୁଦ୍ଧ ପରେ ସାଇନ୍-ଏ-ଡାଏ କରିଛି କିଟ୍ କର୍ତ୍ତୃପକ୍ଷ । ଆଉ ତା'ପରେ ଅଖିଆ ଅପିଆ ଅବସ୍ଥାରେ ଥିବା ପିଲା ଦୁର୍ଦ୍ଦଶା ଭୋଗିଛନ୍ତି । ଏପରିକି ଯେଉଁ ପୁରୁଷ ସହପାଠୀଙ୍କ ପାଇଁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ତାକୁ ଗିରଫ ଦାବିରେ ଛାତ୍ରଛାତ୍ରୀମାନେ ରାସ୍ତାରୋକକୁ ଓହ୍ଲାଇଥିବା ବେଳେ ସେମାନଙ୍କୁ ନେପାଳ ଓ କିଟର ଅର୍ଥନୀତି କଥା କହି ଧମକ ଦେଇଥିଲେ ହଷ୍ଟେଲ ଓ୍ୱାର୍ଡେନ। ସ୍ଥିତି ବିଗିଡ଼ିବା ପରେ କିଟ୍ ମୁଖ୍ୟ ଅଚ୍ୟୁତ ସାମନ୍ତ ଘଟଣାସ୍ଥଳକୁ ଆସି ତାଗିଦ କରିବାକୁ ପଡ଼ିଥିଲା । ତଥାପି ସ୍ଥିତି ନିୟନ୍ତ୍ରଣକୁ ଆସିନଥିଲା । ଆଉ ବିଦେଶୀ ଛାତ୍ରଛାତ୍ରୀଙ୍କୁ ନାଲି ଆଖି ଦେଖାଇ କିଛି ମହିଳା ଅଧିକାରୀ ଛାତ୍ରୀଙ୍କୁ ତୁରନ୍ତ କ୍ୟାମ୍ପସ୍ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ହାକିମାତି ଦେଖାଇବା ସହ ଉଚ୍ଚ ସ୍ୱରରେ 'ସାମାନ୍ ପ୍ୟାକ୍ କରୋ ଯାଓ' ବୋଲି କହିଥିଲେ । କେବଳ କର୍ମଚାରୀ ନୁହନ୍ତି, ସୁରକ୍ଷାକର୍ମୀଙ୍କ ବେଶରେ ଥିବା କିଛି ବ୍ୟକ୍ତି ବି ଯୁବକଙ୍କ ଉପରେ ହାତ ଉଠାଉଥିଲେ।

କିଛି ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱର ଷ୍ଟେସନ ଓ ଆଉ କିଛି ଶିକ୍ଷାର୍ଥୀଙ୍କୁ କଟକ ଷ୍ଟେସନରେ ଦେଖିବାକୁ ମିଳିଥିଲା। ସେମାନଙ୍କୁ ଜବରଦସ୍ତ ହଷ୍ଟେଲ ଖାଲି କରିବାକୁ କୁହାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି କ୍ୟାରିୟର କଥା କହି ଛାତ୍ରଛାତ୍ରୀଙ୍କୁ ଗଣମାଧ୍ୟମ ଆଗରେ ମୁହଁନଖୋଲିବାକୁ ଧମକ ଦିଆଯାଉଛି। ସବୁଠୁ ଉଦବେଗର କଥା ହେଉଛି ରାଜ୍ୟର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଏଭଳି ଏକ ଘଟଣା ଘଟିଛି, ଆଉ ଏବେ ଓଡିଶା ବିଧାନସଭାର ବଜେଟ ଅଧିବେଶନ ଚାଲିଛି। ହେଲେ କୌଣସି ଦଳର ବିଧାୟକ କିଟ ବିରୋଧରେ ମୁହଁ ଖୋଲୁନାହାଁନ୍ତି।

ଅନ୍ୟପଟେ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି। ସେ 'ଏକ୍ସ'ରେ କହିଛନ୍ତି, ନୂଆଦିଲ୍ଲୀରେ ଆମର ଦୂତାବାସ ପ୍ରଭାବିତ ନେପାଳୀ ଛାତ୍ରମାନଙ୍କୁ ପରାମର୍ଶ ଦେବା ପାଇଁ ଦୁଇ ଜଣ ଅଧିକାରୀଙ୍କୁ ପଠାଇଛି। ଏଥିସହ ସେମାନଙ୍କ ପସନ୍ଦ ଅନୁସାରେ ସେମାନେ ହଷ୍ଟେଲରେ ରହିବେ ନା ଘରକୁ ଫେରିବେ, ବିକଳ୍ପ ନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## କୃଷି ଓ ଆନୁଷଙ୍ଗିକ...

ସେହିପରି ସିଏମ କିଷାନ ଯୋଜନା ପାଇଁ ୨୦୨୦ କୋଟି ଓ ବୃହତ ଉଠା ଜଳସେଚନ ଯୋଜନା ପାଇଁ ୬୯୫ କୋଟି ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କ୍ଲଷ୍ଟର୍ ମଡେଲ ପ୍ରତିଷ୍ଠା କରି କ୍ଷୁଦ୍ର ଓ ନାମମାତ୍ର ମହିଳା ଚାଷୀଙ୍କ ଆୟ ଦୁଇଗୁଣ କରିବା ଲକ୍ଷ୍ୟ ରହିଛି। ଚଳିତ ବର୍ଷ ରବି ଋତୁରେ ୧ ଲକ୍ଷ ୮୦ ହଜାର ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି। ଶ୍ରୀ ଅନ୍ନ ଅଭିଯାନକୁ ସବୁ ଜିଲ୍ଲାର ୧୭୭ ବ୍ଲକ୍‌କୁ ସଂପ୍ରସାରିତ କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ମାଣ୍ଡିଆ କ୍ରୟ ଉପରେ ଏମଏସିରେ ୨୧୦ ଟଙ୍କା ଯୋଡ଼ି ମୋଟ ୪୫୦୦ ଟଙ୍କା ପ୍ରଦାନ ଦେବେ। ଏ ବାବଦରେ ବଜେଟରେ ୬୦୦ କୋଟିର ବ୍ୟୟ ବରାଦ କରାଯାଇଛି। ଶୀତଳଭଣ୍ଡାର ନୀତିରେ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ଆର୍ଥିକ ସହାୟତା ବାବଦରେ ୨୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନାରେ ସମସ୍ତ ୫୮ଟି ସବଡିଭିଜନରେ ନୂଆ ଶୀତଳଭଣ୍ଡାର ଖୋଲାଯିବ। କୃଷି ଯାନ୍ତ୍ରିକରଣ ଓ କୃଷି ଉଦ୍ୟୋଗ ଯୋଜନା ପାଇଁ ୪୨୫ କୋଟି ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୨୬୪ କୋଟି ବ୍ୟୟବରାଦ କରାଯାଇଛି। ଓୟୁଏଟି ପାଇଁ ୫୧୧ କୋଟି, କୃଷକ ଉତ୍ପାଦକ ସଂଗଠନ ଜରିଆରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ଓ ଜୀବିକାରେ ଉନ୍ନତି ପାଇଁ ୭୪ କୋଟିର ବ୍ୟୟବରାଦ କରାଯାଇଛି। ୨୦୨୯-୩୦ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୪ ହଜାର ୮୯୫ କୋଟିର ବ୍ୟୟବରାଦ କରାଯାଇଛି। ବନ୍ୟା ପରିଚାଳନା ପାଇଁ ନଦୀ ମୁହାଣ ଖନନ ଯୋଜନାରେ ୩୮୬ କୋଟି ଖର୍ଚ୍ଚ ଲକ୍ଷ୍ୟ ରହିଛି। ନଦୀ ପୁନରୁଦ୍ଧାର ଯୋଜନାରେ ଆସନ୍ତା ଆର୍ଥିକ ବର୍ଷରେ ପ୍ରାଚୀଧାରା ଓ ଗୋବରୀ ଭଳି ଅତି କମରେ ୨ରୁ ୩ଟି ନଦୀକୁ ସାମିଲ କରାଯିବ। ହୀରାକୁଦ ଡ୍ୟାମ ପ୍ରକଳ୍ପର କେନାଲ ବ୍ୟବସ୍ଥାର ନବୀକରଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ହୀରାକୁଦ ଡ୍ୟାମର ଅତିରିକ୍ତ ସ୍ପିଲୱେ ନିର୍ମାଣ, ଥଇଥାନ ଓ ବିପର୍ଯ୍ୟସ୍ତ ସ୍ଥିତିର ସର୍ଭେ ପାଇଁ ୫୦ କୋଟି ଏବଂ ଅନ୍ୟାନ ବିପର୍ଯ୍ୟସ୍ତ ପୁରୁଣା ଡ୍ୟାମର ଉନ୍ନତି ପାଇଁ ୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୧୯୦ କୋଟି, ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧ ହଜାର ୩୧୮ କୋଟି, ଇନଷ୍ଟ୍ରିମ ଷ୍ଟୋରେଜ ପାଇଁ ୮୮୦ କୋଟି, ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୩୫୦ କୋଟି, ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନା ପାଇଁ ୪୩୦ କୋଟି, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ବାବଦରେ ୨୪୦ କୋଟି, ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା ଯୋଜନାରେ ୨୫୮ କୋଟି, ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧ ଲୁଣିବନ୍ଧ ପ୍ରକଳ୍ପ ପାଇଁ ୨ ଶହ କୋଟି, କେନ୍ଦ୍ରୀୟ ପ୍ରବର୍ତ୍ତିତ 'ହର କ୍ଷେତ କୋ ପାନୀ' ଯୋଜନା ପାଇଁ ୨ ଶହ କୋଟି, ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ବାବଦରେ ୩୬୦ କୋଟି ଓ ରିୟଲ ଟାଇମ ବନ୍ୟା ପୂର୍ବାନୁମାନ ପାଇଁ ଗୋ ୱାଟର ଆଇଟି ମୋଡ୍ୟୁଲ ପାଇଁ ୧୫ କୋଟି ବ୍ୟୟବରାଦ ହୋଇଛି। ସେହିଭଳି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପାଇଁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୧ ହଜାର ୯୦୯ କୋଟିର ବଜେଟ ପ୍ରସ୍ତୁତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୨୩୫ କୋଟି, ମତ୍ସ୍ୟଚାଷୀଙ୍କ ପାଇଁ ଉତ୍ତମ ମୂଲ୍ୟ ଓ ଭ୍ରାମ୍ୟମାଣ ରୋଗ ଓ ଡାଇଗ୍ନୋଷ୍ଟିକ ପରୀକ୍ଷାଗାର ପାଇଁ ୧୪୬ କୋଟି, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପାଇଁ ୨୪୫ କୋଟି ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ୧୪୬ କୋଟିର ବ୍ୟୟବରାଦ କରାଯାଇଛି। ଆହୁରି ସମବାୟ ବିଭାଗ ପାଇଁ ମୋଟ ୨୭୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଚାଷୀଙ୍କୁ ଫସଲ ଋଣ ପ୍ରଦାନ ପାଇଁ ସୁଧ ଛାଡ଼ ବାବଦରେ ୯୧୦ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ୬୫୦ କୋଟିର ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି।

## ଡବଲ୍ ଇଞ୍ଜିନ୍‌ର...

କୌଣସି ପ୍ରକାର ନିୟନ୍ତ୍ରଣ ନାହିଁ। ରାଜ୍ୟରେ ଚାଷୀ ଆତ୍ମହତ୍ୟା ଥମୁ ନ ଥିବା ବେଳେ ମିଶନ୍ ଶକ୍ତିର ମା'ମାନଙ୍କୁ କାମ ମିଳୁନାହିଁ। ରାଜ୍ୟ ସରକାର କିପରି ଭାବେ ଘୋଷଣା କରିଥିବା ଅର୍ଥର ବିନିଯୋଗ କରୁଛନ୍ତି, ତା' ଉପରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ବିଜେଡି ନଜର ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଦୂରଦୃଷ୍ଟି...

ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ'ର ସଂକଳ୍ପକୁ ସାକାର କରିବ। ଚଳିତ ବଜେଟରୁ ରାଜ୍ୟରେ ସଡକପଥ, ରେଳ, ବିମାନ ବନ୍ଦର, ଶିଳ୍ପ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ନବରଙ୍ଗପୁରରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

**ନବରଙ୍ଗପୁର, ୧୭।୨ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ମିଶନ ଶକ୍ତି ପରିସରରେ ଅପରାହ୍ନ ୪.୩୦ ମି ସମୟରେ ନବରଙ୍ଗପୁର ଜିଲ୍ଲାର ୧୩୦ ଜଣ ତୀର୍ଥଯାତ୍ରୀ ଙ୍କ କୋଲକାତା ଓ କାମାକ୍ଷା କୁ ତୀର୍ଥଯାତ୍ରା ଶୁଭାରମ୍ଭ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଧାୟକ ଡ଼ାବୁ ଗାଁ ମନୋହର ରାନ୍ଧାରି ଯୋଗ ଦେଇ ତୀର୍ଥଯାତ୍ରୀଙ୍କ ଶୁଭମନାସି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଗଣ ତୀର୍ଥଯାତ୍ରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ରେ ପଞ୍ଜୀକୃତ ବିଭିନ୍ନ ବ୍ଲକ ରୁ ଆସିଥିବା ବରିଷ୍ଠ ନାଗରିକଙ୍କ ଆଜି ସକାଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ୪ଟି ବସ ଯୋଗେ ତୀର୍ଥଯାତ୍ରୀମାନେ ଆଜି ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତାକାଲି ରାୟଗଡ଼ା ଷ୍ଟେସନରୁ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତା ୨୩ ତାରିଖ




ଦିନ ପ୍ରତ୍ୟାଗମନ କରିବେ। ତୀର୍ଥଯାତ୍ରୀ ମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ପାଇଁ ୫ ଜଣ ନୋଡାଲ ଅଧିକାରୀ ଭାବରେ ପିଇଟି ଶିକ୍ଷକମାନଙ୍କୁ ନିଯୁକ୍ତ କରାଯାଇଛି। ଏହି ସମାରୋହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

# ରକ୍ତ ପ୍ୟାକେଟ ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବି

**ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ):** ଓଡ଼ିଶା ରକ୍ତଦାତା ମହାସଂଘ ଆଜି ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶାର ସଚିବଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି ଏବଂ କେନ୍ଦ୍ରୀୟ ରେଡକ୍ରସ୍ ରକ୍ତ ବ୍ୟାଙ୍କ, କଟକ ଦ୍ୱାରା ରକ୍ତ ପ୍ୟାକେଟ ଦରରେ ସମ୍ପ୍ରତି ୧୦୦ଟଙ୍କା ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି। ରାଜ୍ୟ ରକ୍ତଦାନ ପରିଷଦ ଓଡ଼ିଶାର ନିର୍ଦ୍ଦେଶକଙ୍କୁ ଏକ ଅଭିଯୋଗ ପତ୍ର ମଧ୍ୟ ପ୍ରଦାନ କରିଛି, ଯେଉଁଥିରେ କେନ୍ଦ୍ରୀୟ ରକ୍ତ ବ୍ୟାଙ୍କ ଦ୍ୱାରା ଏକାଧିକାର ଭାବରେ ସେମାନେ ଯାହା ଅନୁଭବ କରୁଛନ୍ତି ତାହା ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

"ରକ୍ତ ପ୍ୟାକେଟ ହାରରେ ହଠାତ୍ ଏବଂ ଯଥେଷ୍ଟ ବୃଦ୍ଧି ଗ୍ରହଣୀୟ ନୁହେଁ," ବୋଲି ମହାସଂଘର ସଚିବ ତ୍ରିଲୋଚନ ଦାଶ କହିଛନ୍ତି। ଏହା ସିଧାସଳଖ ଏକ ମାନବିକ ସଂଗଠନ ଭାବରେ ରେଡକ୍ରସର ମିଶନର



ବିରୁଦ୍ଧାଚରଣ କରେ ଏବଂ ଯେଉଁମାନେ ଏହାକୁ ସହ୍ୟ କରିପାରିବେ ନାହିଁ ସେମାନଙ୍କ ଉପରେ ଏକ ଅନୁଚିତ ବୋଝ ଲଦିଥାଏ। ଆମେ କର୍ତ୍ତୃପକ୍ଷଙ୍କୁ ହସ୍ତକ୍ଷେପ କରି ପୂର୍ବ ହାରକୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ଅନୁରୋଧ କରୁଛୁ। ସଙ୍ଗଠନ ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି, ରାଜ୍ୟ ସରକାର ଓଡିଶାର ଜନସାଧାରଣଙ୍କ ସେବା ପାଇଁ ରେଡକ୍ରସ୍ ରକ୍ତଭଣ୍ଡାରକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରନ୍ତି। ହାର ବୃଦ୍ଧି କରିବାର ଏହି ଏକପାଖିଆ ନିଷ୍ପତ୍ତି ସେହି ପ୍ରୟାସଗୁଡ଼ିକୁ ଦୁର୍ବଳ କରିବ ଏବଂ ଅତ୍ୟାବଶ୍ୟକ ଚିକିତ୍ସା ସେବାରେ ଏକ ଅନାବଶ୍ୟକ ଆର୍ଥିକ ପ୍ରତିବନ୍ଧକ ସୃଷ୍ଟି କରିବ। ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି, ଆମେ ରାଜ୍ୟ ସରକାରଙ୍କ ବିଭାଗୀୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବାଏବଂ ଏହି ସମସ୍ୟାର ସମାଧାନ କରିବା ଏବଂ କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର ଜନସାଧାରଣଙ୍କ ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବା ନିଶ୍ଚିତ କରିବା ପାଇଁ ସେମାନଙ୍କ ହସ୍ତକ୍ଷେପ ଅନୁରୋଧ କରିଛୁ।

ମହାସଂଘର ସଚିବ ତ୍ରିଲୋଚନ ଦାସ, ସଭାପତି ଅକ୍ଷୟ କୁମାର ରାଉତ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି, କୋଷାଧ୍ୟକ୍ଷ ରାଜେଶ ନାୟକ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଗଠିତ ଏକ ପ୍ରତିନିଧିମଣ୍ଡଳୀ ଦ୍ୱାରା ସ୍ମାରକପତ୍ର ଏବଂ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ରେଡକ୍ରସ ଅବୈତନିକ ସଚିବ ଦାବି ପତ୍ର ଉପରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ତାପସ ପୁଣି ବିଜେପି ଜିଲ୍ଲା ସଭାପତି

**ନୟାଗଡ଼, ୧୭।୨ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଷଡ଼ଙ୍ଗୀ ଆଜି ୧୩ଟି ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ନୟାଗଡ଼ ଜିଲ୍ଲାରେ ସଭାପତି ପାଇଁ ନାମାଙ୍କନ କରିଥିବା ୩ ଜଣ ନେତାଙ୍କୁ ବାଦ ଦେଇ ପୁର୍ନବାର ଜିଲ୍ଲା ସଭାପତି ଭାବେ ତାପସ ରଞ୍ଜନ ମାର୍ଥଙ୍କୁ ଚୟନ କରାଯାଇଛି। ଜଣେ ଦୃଢ଼ ସଂଗଠକ ଭାବେ ଜଣାଶୁଣା ତାପସଙ୍କ ଉପରେ ପୁଣିଥରେ ଦଳ ଭରସା ରଖିଛି। ନୟାଗଡ଼ ଜିଲ୍ଲା ବିଜେପି ଜିଲ୍ଲା ସଭାପତି ପଦବୀ ପାଇଁ ଯୁବ ଓ ଦୃଢ଼ ସଂଗଠକ ସନ୍ତୋଷ ପ୍ରଧାନ, ବରିଷ୍ଠ ସଂଗଠକ ଅଶୋକ ମିଶ୍ର ଏବଂ ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନାମାଙ୍କନ ଦାଖଲ କରିଥିଲେ । ସେମାନଙ୍କୁ ବାଦ ଦିଆ ଯାଇ ତାପସଙ୍କୁ ପୁର୍ନବାର ସଭାପତି ଘୋଷଣା କରାଯାଇଛି। ତାପସ ପୁଣି ଥରେ ବିଜେପି ଜିଲ୍ଲା ସଭାପତି ହେବା ପରେ ଆଜି ସନ୍ଧ୍ୟାରେ ନୟାଗଡ଼ ଟ୍ରାଫିକ ଛକ ଠାରେ ସମର୍ଥକ ମାନେ ଉତ୍ସବ ପାଳନ କରିବା ସହ ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି । ତାପସ ମାର୍ଥା ସଭାପତି ହେବା ପରେ କିଛି ଦଳୀୟ କୁଚକ୍ରିଙ୍କ ପିଢେଇ ପାଣି ହୋଇଥିବା ସୂଚନା ମିଳିଛି ।




## ବାଲି ବୋଝେଇ ଟିପ୍ପର ଜବତ, ୩ ଲକ୍ଷ ଟଙ୍କା ଜୋରିମାନା




**ବୋରିଗୁମ୍ମା, ୧୭।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଓ କୋଟପାଡ଼ ଅଞ୍ଚଳରେ ବାଲି ମାଫିଆମାନେ ବେଆଇନ ଭାବେ ବିଭିନ୍ନ ନଦୀ ଘାଟରୁ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ବାଲି ମାଫିଆମାନେ ପ୍ରଶାସନକୁ ଖାତିର ନ କରି ବାଲି ଚାଲାଣ କରିଥାନ୍ତି। ଗତ କିଛି ଦିନ ତଳେ ସାନଇନ୍ଦ୍ରାନପୁର ବାଲି ଘାଟରୁ ବାଲି ନେଉଥିବା ବେଳେ ଜୟପୁର ଅତିରିକ୍ତ ଖଣି ନିର୍ଦ୍ଦେଶକ ସତ୍ୟଜିତ ରାଉତ ହଟାତ ଚଢ଼ାଉ କରି ସାତଟି ବାଲି ବୋଝେଇ ଟିପ୍ପରକୁ ଜବତ କରିଥିଲେ। ଅତିରିକ୍ତ ଖଣି ନିର୍ଦ୍ଦେଶକ ମୋଟ ୧୧ ଲକ୍ଷ ଟଙ୍କା ଜୋରିମାନା କରିଥିବା ଜଣାପଡ଼ିଛି। ସେହିପରି କଷାଗୁମୁଡ଼ା ଅଞ୍ଚଳରୁ ବାଲି ବୋଝେଇ ନେଇ ଯାଉଥିବା ଟିପ୍ପର(ଓଡ଼ି ୧୦ ଡବ୍ଲୁ ୯୯୧୧)କୁ ଜୟପୁର ମାଇନିଂ ଅଧିକାରୀ କୃଷ୍ଣ ଖୁଣ୍ଟିଆ ହଠାତ ଚଢ଼ାଉ କରିଥିଲେ। ତେବେ ସେ ବାଲି ବୋଝେଇ ଟିପ୍ପରଟି ଆରବି ରୋଡ଼ ଲାଇନ୍ସର ବୋଲି ଜଣାପଡିଛି। ସେ ବିନା କାଗଜ ପତ୍ରରେ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏଣୁ ଜୟପୁର ମାଇନ୍ସ କାର୍ଯ୍ୟାଳୟ ଆରବି ରୋଡ଼ ଲାଇନ୍ସର ମାଲିକକୁ ତିନି ଲକ୍ଷ ଟଙ୍କା ଜୋରିମାନା କରିଥିବା ଅତିରିକ୍ତ ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜୟପୁର ଖଣି ବିଭାଗ ଜବତ ବାଲି ବୋଝେଇ ଟିପ୍ପର କୁ କୋଟପାଡ଼ ଥାନାରେ ରଖିଛନ୍ତି। କୋରାପୁଟ ଜିଲ୍ଲାର ଆରବି ରୋଡ଼ ଲାଇନ୍ସ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜୟପୁର ଖଣି ବିଭାଗ ନିକଟରେ ଅଭିଯୋଗ ହୋଇଥିଲା।

## ବିଦ୍ୟୁତ୍ ଆଘାତରେ ଭାଲୁ ମୃତ

**ନୀଳଗିରି, ୧୭।୨ (ସଂଚାର ବ୍ୟୁରୋ):** ଗଛରେ ଚଢି ମହୁ ଖାଇବା ଲୋଭରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈଭାଲୁର ମୃତ୍ୟୁ ହୋଇଥିବା ନୀଳଗିରି ଅଞ୍ଚଳର ପରିବେଶ ଓ ପ୍ରକୃତିପ୍ରେମୀ ମାନଙ୍କୁ ମର୍ମାହତ କରିଛି। ସୂଚନା ଅନୁଯାୟୀ ମିତ୍ରପୁର ଅଯୋଧ୍ୟା ରାସ୍ତାର ତୈଳାସାହି ସିନ୍ଦୂରଗୌରା ଠାକୁରାଣୀ ନିକଟସ୍ଥ ଏକ ବରଗଛରେ ଥିବା ମହୁଫେଣାକୁ ରବିବାର ରାତିରେ ମାଈଭାଲୁଟି ମହୁ ଖାଇବାପାଇଁ ଚଢ଼ିଥିବା ବେଳେ କୌଣସି କାରଣରୁ ଖସିପଡ଼ି ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଲଟକିରହି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଇଛି।ସକାଳେ ସ୍ଥାନୀୟଲୋକ ମୃତଭାଲୁଟିକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଭାଲୁକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବାପାଇଁ ପଠାଇଥିବା ସୂଚନା ମିଳିଛି। ତେବେ ବନବିଭାଗ ହାତୀଭଳି ଅନ୍ୟ ଜଙ୍ଗଲଜନ୍ତୁଙ୍କ ଜୀବନ ପ୍ରତି ସମପରିମାଣ ଯତ୍ନବାନ ହେବାକୁ ପରିବେଶବିତ୍ ଏବଂ ପ୍ରକୃତିପ୍ରେମି ଦାବୀ କରିଛନ୍ତି।



## ଜାଗର ଯାତ୍ରା ନିମନ୍ତେ ସମନ୍ୱୟ ବୈଠକ

**କୋଣାର୍କ, ୧୭।୨ (ସଂଚାର ବ୍ୟୁରୋ):** ପୁରୀ କୋଣାର୍କ ବେଳାମାର୍ଗରେ ଅବସ୍ଥିତ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ମହା ଶିବରାତ୍ରୀ ଜାଗର ଯାତ୍ରା ନିମନ୍ତେ ସୋମବାର ଅପରାହ୍ନରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଉପ ଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ହାଡ ଭଙ୍ଗାକୁ ଠିକ୍ କରୁଥିବା ନେଇ ମହାଦେବଙ୍କ ନାମ ରହିଛି। ଏନେଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଓ ମାନସିକ ଧାରୀ ମାନେ ସକାଳୁ ଦର୍ଶନ କରିବା ସହିତ ସାରା ରାତି ଉଜାଗର ରହି ଜାଗର ଦୀପ ଜାଳିବେ। ସକାଳୁ ଓ ଦିନତମାମ ସହ ସାରା ରାତି କିପରି ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁ ଭକ୍ତମାନେ ଦର୍ଶନ କରିବେ, ନିତିକାନ୍ତି ସୁରୁଖୁରୁରେ ହେବ, ଶାନ୍ତିଶୃଙ୍ଖଳା ପାଇଁ ପୋଲିସ୍ ଫୋର୍ସ, ଅଗ୍ନିଶମ ବାହିନୀ କର୍ମଚାରୀ ମୁତୟନ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଦୋକାନ ବଜାର ଆଦିର ସୂ-ବନ୍ଦୋବସ୍ତ ନିମନ୍ତେ ଆଲୋଚନା ହୋଇଥିଲା।

## ପୁଲିସ ସଚେତନତା କାର୍ଯ୍ୟକ୍ରମ | ସମୁଦ୍ରରେ ସନ୍ଦିଗ୍ଧଙ୍କୁ ଦେଖିଲେ ସୂଚନା ଆହ୍ୱାନ




**କାକଟପୁର/ଅସ୍ତରଙ୍ଗ, ୧୭।୨ (ସଂଚାର ବ୍ୟୁରୋ):** ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହା ଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନି ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଂଚିବାକୁ ରୋକିବା ସହ ସନ୍ଦିଗ୍ଧଙ୍କୁ ପ୍ରତିହତ ପାଇଁ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୫ମେ ୨୦୧୪ମସିହାରେ ସ୍ଥାପିତ ହୋଇଛି।ଗଭୀର ସମୁଦ୍ରକୁ ଯାଇଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡେ, ତେବେ ତୁରନ୍ତ ଏ ନେଇ ପୁଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ମୁଖ୍ୟ ଅତିଥି ପୁରୀ ଅତିରିକ୍ତ ଏସ୍ପି ବିଷ୍ଣୁ ପ୍ରସାଦ ପତି ଉପସ୍ଥିତ ରହି ନୂଆଗଡ ସାମୁଦ୍ରିକ ଥାନା ପରିସରରେ ଅନୁଷ୍ଠିତ ପୁଲିସ ସଚେତନତା କାର୍ଯ୍ୟକ୍ରମ ମତଦେଇଥିଲେ।

# ଦେବୀ ମୁହାଁଣରେ କଇଁଛଙ୍କ ଅଣ୍ଡାଦାନ

### ୫୧ଟି ବସାରୁ ୫ହଜାର ୧ଶହରୁ ଉର୍ଦ୍ଧ୍ୱ ଅଣ୍ଡା ସଂଗ୍ରହ

**କାକଟପୁର/ଅସ୍ତରଙ୍ଗ, ୧୭।୨ (ସଂଚାର ବ୍ୟୁରୋ):** ବିରଳ ସାମୁଦ୍ରିକ କଇଁଛ ଅଲିଭି ରିଡ଼ଲେଙ୍କ ଅଣ୍ଡାଦାନ ଆରମ୍ଭ ହୋଇଛି। ଫେବୃଆରୀ ୧୬ତାରିଖ ସୁଦ୍ଧା ଦେବୀ ନଦୀ ମୁହାଁଣ ଅଞ୍ଚଳରେ ୫ହଜାର ୧ଶହ ଅଣ୍ଡା ଦେଇଛନ୍ତି।

ଚଳିତ ବର୍ଷ ଉତ୍ତମ ପରିବେଶ ଓ ଅନୁକୂଳ ପାଣିପାଗ ରହିଛି। ଏଣୁ ଅଧିକ ଅଣ୍ଡାଦାନ ହେବା ନେଇ ଆଶା କରାଯାଉଛି। ଚଳିତ ବର୍ଷ କିଛି ଦିନ ପୂର୍ବେ ଅଣ୍ଡାଦାନ ଆରମ୍ଭ ହୋଇଥିବା ବେଳେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ଦେବୀନାଶିରେ ୪୧ଟି ବସା ଓ ଗଙ୍ଗାଦେବୀ ରେ ୧୦ଟି ବସା ରେ ମୋଟ ୫ହଜାର ୧ଶହ ରୁ ଉର୍ଦ୍ଧ ଅଣ୍ଡା ଦେଇଛନ୍ତି। ଏହି ସାମୁଦ୍ରିକ କଇଁଛ ଶ୍ରୀଲଙ୍କା ସମେତ ଜାପାନ, କଲମ୍ବୋ ଓ କାଲମୋନାଇ ଉପକୂଳରୁ ଭାରତ ମହାସାଗରରୁ ବଙ୍ଗୋପସାଗର ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି ଦେବୀ ମୁହାଁଣକୁ ଆସିଥାନ୍ତି। ସାଧାରଣତଃ ନଭେମ୍ବର ରୁ ଜାନୁଆରୀ ମଧ୍ୟରେ ଦେବୀ ମୁହାଁଣ ନିକଟରେ ଗଭୀର ସମୁଦ୍ର ଜଳରାଶିରେ ହଜାର ହଜାର କଇଁଛଙ୍କ ସମାଗମ ହୋଇ ମିଳନ ପର୍ବ ହୋଇଥାଏ। ମିଳନର ୪୫ରୁ ୫୦ଦିନ ଅର୍ଥାତ ଫେବୃଆରୀରୁ ମାର୍ଚ୍ଚ ମଧ୍ୟରେ ଗଣ ଅଣ୍ଡାଦାନ ଆରମ୍ଭ



ହୋଇଥାଏ। ଅଲିଭିରିଡ଼ଲେ ସାମୁଦ୍ରିକ କଇଁଛ ଗୋଡ଼ରେ ଦେଢ଼ ଫୁଟ ଗଭୀର ଗାତ ଖୋଳି ଅଣ୍ଡା ଦିଏ। ପରେ ଅଣ୍ଡାକୁ ବାଲିରେ ଘୋଡାଇ ସମୁଦ୍ରକୁ ଫେରିଯାଏ। କଇଁଛଙ୍କ ଅଣ୍ଡା ୩୦ଡିଗ୍ରୀ ତାପମାତ୍ରାରେ ବାଲି ଭିତରେ ରହେ। ଏହାର ୪୫ରୁ ୫୦ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରକୁ ଯାଇଥାନ୍ତି। କଇଁଛଙ୍କ ସୁରକ୍ଷା ପାଇଁ ଗଭୀର ସମୁଦ୍ର ଭିତରେ ଓ ବାହାରେ କଡା ପାଟ୍ରୋଲିଂ କରାଯାଇଛି। ଟ୍ରଲର, ରିଙ୍ଗି ଜାଲ, ମାଛ ଧରିବାକୁ ରୋକ ଲଗାଯାଇଛି। ଅଣ୍ଡାଦାନ ପରଠୁ ଅଣ୍ଡାରୁ କଇଁଛ ଶାବକ ବାହାରିବା ପର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷା ଦାୟିତ୍ୱ ବନବିଭାଗର।

## ନୂତନ ଥାନାଧିକାରୀଙ୍କ ଯୋଗଦାନ

**ନାଉଗାଁ, ୧୭।୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନାରେ ନୂତନ ଥାନାଧିକାରୀ ଭାବେ ପ୍ରଦିପ୍ତ କୁମାର କାନୁନଗୋ ସୋମବାର ଯୋଗଦାନ କରିଛନ୍ତି। ପୂର୍ବରୁ ଏହି ଥାନାରେ ଥାନାଧିକାରିଣୀ ଭାବେ ସଂଘମିତ୍ରା ନାୟକ କାର୍ଯ୍ୟ କରୁଥିଲେ। ତାଙ୍କର ପୁରୀ ଜିଲ୍ଲାକୁ ବଦଳି ହେବା ପରେ ଥାନାର ଉପନିରୀକ୍ଷକ ନିଳମଣୀ ନାୟକ ୩ମାସ ଧରି ଭାରାପ୍ରାପ୍ତ ଥାନାଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ନୂତନ ଥାନାଧିକାରୀ ଶ୍ରୀ କାନୁନଗୋ ଉପନିରୀକ୍ଷକ ଶ୍ରୀ ନାୟକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଥାନା ଅଞ୍ଚଳରେ ଅପରାଧି ସମ୍ବନ୍ଧୀୟ କାର୍ଯ୍ୟ ତଥା ଚୋରା ମଦ, ଜୁଆ ଓ ବ୍ରାଉନ ସୁଗାର କାରବାରକୁ ରୋକିବା ଦିଗରେ ଚେଷ୍ଟା କରାଯିବା ସହ ଲୋକମାନଙ୍କର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା, ଆଇନ ଶୃଙ୍ଖଳା ଦିଗରେ ଗୁରୁତ୍ୱ ଦେବା ସହିତ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟ କରିବା ପାଇଁ ଶ୍ରୀ କାନୁନଗୋ ମତବ୍ୟକ୍ତ କରିଛନ୍ତି। ପରେ ଥାନାଧିକାରୀ ଶ୍ରୀ କାନୁନଗୋ ତହସିଲଦାର ଅକ୍ଷୟ କୁମାର ବଡୁ, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ାଙ୍କୁ ଭେଟି ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ଆମ ପୋଲିସର ସଦସ୍ୟ ରବୀନ୍ଦ୍ର ପଟ୍ଟନାୟକ, ଅର୍ଜୁନ ରାଉତ, ବସନ୍ତ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ପ୍ରକାଶ ରାୟ, ପ୍ରସାନ୍ତ ମିଶ୍ର, ବିଭିନ୍ନ ସଂଗଠନ, ନାଉଗାଁ ମେଡିଆ ହାଉସର ସଦସ୍ୟ ଓ ବିଭିନ୍ନ ଦଳୀୟ କର୍ମୀମାନେ ଥାନାଧିକାରୀ ଶ୍ରୀ କାନୁନଗୋଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।



## କାର୍ଯ୍ୟରେ ଯୋଗଦେଲେ ସାଲେପୁର ଏସ୍‌ଡିପିଓ

**ସାଲେପୁର,୧୭।୨ (ସଂଚାର ବ୍ୟୁରୋ):** ସାଲେପୁର ଏସ୍.ଡି.ପି.ଓ. ଭାବେ ଆଜି ବିରଞ୍ଚିନାରାୟଣ ପତି କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। ସେ ଏହା ପୂର୍ବରୁ ପିପିଲି ଏସ୍.ଡି.ପି.ଓ. ଭାବେ କାର୍ଯ୍ୟ କରୁଥିବାବେଳେ ବଦଳି ହେଲାପରେ ଆଜି ସାଲେପୁର ଏସ୍.ଡି.ପି.ଓ. ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। ସେ ପିପିଲି ଏସ୍.ଡି.ପି.ଓ. ଭାବେ କାର୍ଯ୍ୟକରି ବହୁ ସୁନାମ ଅର୍ଜନ କରିଛନ୍ତି। ସେ ମଧ୍ୟ ୧୦ବର୍ଷ ଧରି କମିଶନରେଟ୍ ପୁଲିସରେ କାର୍ଯ୍ୟକରି ନିଜର ଦକ୍ଷତା ପରିଚୟ ଦେଇଛନ୍ତି। ସେ ଆଜି ଏସ୍.ଡି.ପି.ଓ ଭାବେ କାର୍ଯ୍ୟରେ ଯୋଗଦେବାପରେ ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାଶ, କିଶୋରନଗର ଆଇ.ଆଇ.ସି. ଦୁର୍ଗେଶ ନନ୍ଦିନୀ ମହାନ୍ତି, ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ, ନେମାଳ ଥାନା ଅଧିକାରୀ ସୁଶିଲ କୁମାର ନାୟକ, ଭଦ୍ରେଶ୍ୱର ଥାନାର ଅଧିକାରୀ ସନ୍ଧ୍ୟାରାଣୀ ସିଂହ ତାଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି। କାର୍ଯ୍ୟରେ ଯୋଗଦେଲାପରେ ଶ୍ରୀ ପତି ଲୋକମାନେ ସଠିକ୍ ଭାବେ କିପରି ତ୍ୱରିତ ନ୍ୟାୟ ପାଇବେ ଓ ସାଲେପୁର ସମେତ ବିଭିନ୍ନ ଥାନା ଅଞ୍ଚଳରେ କିପରି ଅସାମାଜିକ କାର୍ଯ୍ୟକୁ ରୋକାଯିବ, ସେ ଦିଗରେ ଗୁରୁତ୍ୱଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



### ମିଳିତ ମଞ୍ଚର ଆନ୍ଦୋଳନ

## ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନୟାଗଡ଼, ୧୭।୨ (ସଂଚାର ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବୈଠକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଲୋଷ୍ଟାର ଜିଲ୍ଲା ସମ୍ପାଦକ ନୀଳାଦ୍ରି ଭୂଷଣ ସୁବୁଦ୍ଧି ସଭାପତିତ୍ୱ କରିଥିଲେ।

ନୟାଗଡ଼ ଜିଲ୍ଲା ଓଷ୍ଟାର ନୂତନ ସମ୍ପାଦକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ମାନସ କୁମାର ସାହୁଙ୍କୁ ପୂର୍ବ ସମ୍ପାଦକ ତଥା ଜିଲ୍ଲା ଯୁଗ୍ମ ସମ୍ପାଦକ ପରମାନନ୍ଦ ଦଳାଇଙ୍କ ସମେତ ମଞ୍ଚାସୀନ ମାଣିକେଶ୍ୱର ସ୍ୱାଇଁ, ସମ୍ପାଦକ ରାଜ୍ୟ କାର୍ଯ୍ୟକାରିଣୀ ଓଷ୍ଟା, ରାଜ୍ୟ ଓଷ୍ଟାର ସଦସ୍ୟ ବିନାୟକ ପରିଡ଼ା, ଜିଲ୍ଲା ଓଷ୍ଟାର ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା କର୍ଯ୍ୟକାରୀ ସଭାପତି ଘନଶ୍ୟାମ ରାଉତ,୧୯୪ ସଂଗଠନର ନେତୃତ୍ୱ ଇନ୍ଦ୍ରମଣି ବାରିକ ପ୍ରଭୃତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ସମ୍ପାଦକ ବୈଠକର ଆଭିମୁଖ୍ୟ ଜଣାଇବା ପରେ




ଶିକ୍ଷକ କର୍ମଚାରୀମାନେ ନିଜ ନିଜର ମତବ୍ୟକ୍ତ କରି ସରକାରଙ୍କ କାଳକ୍ଷେପଣ ନୀତିରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଂଗଠନର ବିଚାରଧାରା ଏବଂ ଆଦର୍ଶ ନେତୃତ୍ୱକୁ ପୁଞ୍ଜିକରି ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ପର୍ବ ଉପରେ ଆଲୋଚନା କରିଥିଲେ । ରାଜ୍ୟ ନେତୃତ୍ୱ ବିନାୟକ ପରିଡ଼ା ସଂଗଠନର ଏକତା ଆନ୍ଦୋଳନର ପନ୍ଥା ଉପରେ ଆଲୋଚନା କରିଥିଲେ। ମାଣିକ ସାର୍ ମିଳିତ ମଞ୍ଚର ଦାବୀ ଗୁଡିକ ଆଲୋଚନା କରି ଆସନ୍ତାକାଲି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପଠାଇବାକୁ ମିଳିତ ମଞ୍ଚର ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହାପରେ ସଭାପତି ସମସ୍ତଙ୍କ ସହଯୋଗ କାମନା କରି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ନୟାଗଡ଼ ଜିଲ୍ଲା ଓଷ୍ଟାର ଉପ ସଭାପତି ନିରାକାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲିଆପାଳ ମହୋତ୍ସବ ନବମ ସନ୍ଧ୍ୟା

# ଭାଇଚାରା ସମ୍ପର୍କ ନିବିଡ଼ କରିଥାଏ ମହୋତ୍ସବ

**ବାଲିଆପାଳ, ୧୭।୨ (ସଂଚାର ବ୍ୟୁରୋ):** ମହୋତ୍ସବ ଭାଇଚାରାର ସମ୍ପର୍କକୁ ନିବିଡ଼ କରିଥାଏ ବୋଲି ୧୨ତମ ବାଲିଆପାଳ ମହୋତ୍ସବର ନବମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ଅରୁଣ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସତ୍ୟପାଠର ସମ୍ପାଦକ ସତ୍ୟପ୍ରକାଶ ନାୟକ, ମୁଖ୍ୟ ବକ୍ତା ଭାବର ଯୁବ ନେତୃତ୍ୱ ସତ୍ୟାକାମ ମହାନ୍ତି, ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ବ୍ରିକମ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ର ରାଜ୍ୟ ସଂଯୋଜକ ବିକାଶ ରଞ୍ଜନ ପାଢ଼ୀ, ଭାଜପା ନେତା ପ୍ରବୀର ଶଙ୍କର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।




ଗୋବିନ୍ଦ ଦେବାଶିଷ ପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଡ଼. ସୁଶାନ୍ତ କୁମାର ଦାସ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଇନତାଜ ସାହା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଆବାହକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ଉପଦେଷ୍ଟା ପୂର୍ବତନ ସରପଞ୍ଚ ମଧୁ ସୁଦନ ବାରିକ, ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁଙ୍କ ନିର୍ଦ୍ଦେଶ କ୍ରମେ କମିଟିର ବରିଷ୍ଠ ସଦସ୍ୟ ବ୍ୟୋମକେଶ ସାହୁ, ଜଗନ୍ନାଥ ବାରିକ, ଅଧ୍ୟାପକ ସୁଶାନ୍ତ ଦାସ, ହରବନ୍ଧୁ ଜେନା, ପ୍ରବୀର ସି, କାର୍ତ୍ତିକ ଜେନା, ନରେଶ ସାହୁ, ଅସିତ ପଟନାୟକ, ସତ୍ୟବ୍ରତ ରାୟ, ମୁକୁନ୍ଦ ସିଂ, ଉମାକାନ୍ତ ନାୟକ, ସଞ୍ଜୀବ ପାତ୍ର ଙ୍କ ସହିତ ସମସ୍ତ ସଦସ୍ୟ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କୁଜଙ୍ଗ, ୧୭।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୫ ମସିହା ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ପର୍ବ ଗତକାଲି ରାହାମା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଯୋଗଦେଇ ପାଠପଢା ସମୟର ଅନୁଭୂତି ବଖାଣିବା ସହ ନାଚ, ଗୀତ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳ, ସୁବାଷ କୁମାର ନାୟକ, ପ୍ରମୋଦ କୁମାର ସିଂହ, ନିରୋଜ ନାୟକ, ଶିବ ପ୍ରସାଦ ପାତ୍ର,ପ୍ରକାଶ ସାହୁ, ଭାରତୀ ପଣ୍ଡା, ତୁଷାର ରଶ୍ମି ନାଥ, ଜୟନ୍ତ ନାୟକ, ସତ୍ୟଜିତ ପରିଡ଼ା, ପୁଷ୍ପାଞ୍ଜଳି ସାହୁ, ବିଜୟିନୀ ଶତପଥୀ, ରତିକାନ୍ତ ମଲ୍ଲ, ଦିଲ୍ଲୀପ ଦାସ, ବୈଜନ୍ତ ଦାସ, ଉର୍ମିଳା ସାହୁ, ଆଶୁତୋଷ ମହାପାତ୍ର, କୈଳାସ ଚନ୍ଦ୍ର ବେହେରା, ସସ୍ମିତା ନାୟକ, ପୁଷ୍ପଲତା ନାୟକ, ନର୍ମଦା ବୈଶାଖ ସମେତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



## କୋଷାଗୁମୁଡ଼ାରେ ଜନଶୁଣାଣି ଶିବିର

**ନବରଙ୍ଗପୁର, ୧୭।୨ (ସଂଚାର ବ୍ୟୁରୋ):** ଆଜି କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ଆଶିଷ ତ୍ରୀପାଠୀଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଜନଶୁଣାଣିପ୍ର ପରେ ଜିଲ୍ଲାପାଳ ଦୂରା ଗାଁ ସ୍ଥିତ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଆବାସିକ ହଷ୍ଟେଲ ନିର୍ମାଣର କାର୍ଯ୍ୟକୁ ପରିଦର୍ଶନ କରିଥିଲେ। ଏହାପରେ ବୋରୋଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସହ ପାଠପଢ଼ା ଉପରେ ବାର୍ତ୍ତାଳାପ କରି ଓଡ଼ିଆ ଏବଂ ଇଂରାଜୀ ଶ୍ରେଣୀରେ ପାଠ ପଢ଼ାଇ ଥିଲେ ଏବଂ ଜଳ ବିଶୋଧନ ପ୍ଲାଣ୍ଟର ଅଧିକାରୀଙ୍କୁ ଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ।



# ଗବେଷଣା ଓ ଉଦ୍ଭାବନ କେନ୍ଦ୍ରବିନ୍ଦୁ ହେଉ ହିନ୍ଦୁ ମହାବିଦ୍ୟାଳୟ



- ହିନ୍ଦୁ ମହାବିଦ୍ୟାଳୟ ଶିକ୍ଷାର ଏକ ପ୍ରତିଷ୍ଠିତ ମନ୍ଦିର
- ୨୦୪୭ ସୁଦ୍ଧା ବିକଶିତ ଭାରତ ସମସ୍ତଙ୍କ ସାମୂହିକ ଲକ୍ଷ୍ୟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୨ (ସଂଚାର ବ୍ୟୁରୋ: ହିନ୍ଦୁ ମହାବିଦ୍ୟାଳୟର ଏକ ଭିନ୍ନ ଐତିହ୍ୟ ରହିଛି। ଏହି ମହାବିଦ୍ୟାଳୟ ଶିକ୍ଷାର ଏକ ପ୍ରତିଷ୍ଠିତ ମନ୍ଦିର। ଗତ ୧୨୬ ବର୍ଷ ଧରି ଏହି କଲେଜ ଶିକ୍ଷାଗତ ଉତ୍କର୍ଷତା, ଉଦ୍ଭାବନ, ବିବିଧତା, ଗଣତାନ୍ତ୍ରିକ ମୂଲ୍ୟବୋଧ, ଜାତୀୟତାବାଦୀ ଭାବନା ଓ ରାଷ୍ଟ୍ର ଗଠନର ଏକ ପ୍ରମୁଖ ଅନୁଷ୍ଠାନରେ ପରିଣତ ହୋଇସାରିଛି ବୋଲି ଆଜି ଏହି କଲେଜର ୧୨୬ତମ ସ୍ଥାପନା ଦିବସରେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଭାରତର ଶିକ୍ଷା ବ୍ୟବସ୍ଥା ଓ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଟିବି ମାକାଉଲେଙ୍କ ପ୍ରଚେଷ୍ଟା ବିରୋଧରେ କ୍ରିଶନ ଦାସଜୀ ଗୁରୁୱାଲେଙ୍କ ଦ୍ୱାରା ପ୍ରତିଷ୍ଠିତ ହିନ୍ଦୁ ମହାବିଦ୍ୟାଳୟ ଭାରତର ବୌଦ୍ଧିକ, ସାଂସ୍କୃତିକ ଓ ଜାତୀୟ ପରିଚୟକୁ ଆକାର ଦେବାରେ ଏକ ଅତୁଳନୀୟ ପରମ୍ପରା ସୃଷ୍ଟି କରିଛି। ଭାରତ ଆଜି ଯେଉଁ ପ୍ରଗତି ଓ ସମୃଦ୍ଧିର ମାର୍ଗରେ ଠିଆ ହୋଇଛି, ତାହା ହିନ୍ଦୁ ମହାବିଦ୍ୟାଳୟ ଦ୍ୱାରା ପ୍ରଶସ୍ତ ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେହିପରି ହିନ୍ଦୁ ମହାବିଦ୍ୟାଳୟର ଉତ୍କୃଷ୍ଟତାର ପରମ୍ପରାକୁ ବଜାୟ ରଖିବା ଦିଗରେ ନିରନ୍ତର ସାଧନା ପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀଙ୍କୁ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ହିନ୍ଦୁ କଲେଜ ନିଜର ଯେଉଁ ପରମ୍ପରା ତିଆରି କରିଛି, ସେହି 'ସାଧନା'କୁ ସବୁଦିନ ପାଇଁ ଜାରି ରଖିବା ଦରକାର। ଏହାଦ୍ୱାରା ମହାବିଦ୍ୟାଳୟ ଆଗାମୀ ଦିନରେ ବିଶ୍ୱ ପାଇଁ ସମାଧାନର କେନ୍ଦ୍ରରେ ପରିଣତ ହୋଇପାରିବ। ୨୦୪୭ ସୁଦ୍ଧା ବିକଶିତ ଭାରତ ସମସ୍ତ ଭାରତୀୟଙ୍କ ଏକ ସାମୂହିକ ଲକ୍ଷ୍ୟ। ଆଗାମୀ ୨୨ରୁ ୨୫ ବର୍ଷ ବିଶେଷକରି ହିନ୍ଦୁ କଲେଜ ପରିବାର ପାଇଁ ଅମୃତକାଳ। ଯେତେବେଳେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ, ସେତେବେଳେ ହିନ୍ଦୁ ମହାବିଦ୍ୟାଳୟ ୧୫୦ତମ ପ୍ରତିଷ୍ଠା ଦିବସ ପାଳିତ ହେବ। ହିନ୍ଦୁ କଲେଜ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଏକବିଂଶ ଶତାବ୍ଦୀର ଗବେଷଣା, ଉଦ୍ଭାବନ, ଉଦ୍ୟମିତା ଓ ସମାଧାନର କେନ୍ଦ୍ରବିନ୍ଦୁ ଭାବେ ନିଜକୁ ପ୍ରତିଷ୍ଠିତ କରିବା ସକାଶେ ଲକ୍ଷ୍ୟ ରଖିବା ଉଚିତ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି। ଆଗାମୀ ଦୁଇ ଦଶନ୍ଧି ଏବଂ ତା' ପରବର୍ତ୍ତୀ ସମୟରେ ହିନ୍ଦୁ କଲେଜ୍ ଭାରତର ପରିବର୍ତ୍ତନର ମୁଖ୍ୟ ଭାବରେ ଉଭା ହେବ ଏବଂ ଏହାର ଛାତ୍ରଛାତ୍ରୀମାନେ ଓ୍ୱେଲଥ୍ କ୍ରିଏଟର, ନିଯୁକ୍ତିଦାତା, ଡିପ୍-ଟେକ୍ ଉଦ୍ଭାବକ, ନୀତି ନିର୍ଦ୍ଧାରକ ଏବଂ ବିଶ୍ୱ ନାଗରିକ ହେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

# ଲୁଟ୍‌ବେଳେ ଏନକାଉଣ୍ଟର୍, ଲୁଟେରା ଆହତ



ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ରାଜଧାନୀରେ ଅପରାଧୀ ଓ ପୁଲିସ ମୁହାଁମୁହିଁ। ସକାଳୁ ସକାଳୁ ଭୁବନେଶ୍ୱରରେ ଏନକାଉଣ୍ଟର। ବାଲିଅନ୍ତା ଥାନା ଅଞ୍ଚଳରେ ହୋଇଛି ଗୁଳିମାଡ। ପୋଲିସ ଗୁଳିରେ ଘାଇଲା ହୋଇଛି ଦୁର୍ଦ୍ଧାନ୍ତ ଅପରାଧୀ। ମୁଖା ପିନ୍ଧି ବାଇକ ଯୋଗେ ଆସି ଅପରାଧ ଘଟାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ହୋଇଥିଲା ମୁହାଁମୁହିଁ। ପୋଲିସକୁ ଦେଖି ଅପରାଧୀ ଗୁଳିମାଡ ଆରମ୍ଭ କରିଥିଲା। ସେପଟେ ପ୍ରତି ବଦଳରେ ପୋଲିସ ଦେଇଥିଲା ଗୁଳିର ଜବାବ। ଶେଷରେ ଅଭିଯୁକ୍ତର ଗୋଡ଼ରେ ଗୁଳି ବାଜିବାରୁ ସେ ଆହତ ହୋଇଛି। ଆହତ ଅପରାଧୀକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଲିଅନ୍ତା ଥାନାଧିକାରୀ ରବିନ୍ଦ୍ରନାଥ ମେହେର କହିଛନ୍ତି,"ଆହତ ଅପରାଧୀର ନା ଅର୍ଜୁନ ଅନାରେ। ସେ ରାଜ୍ୟ ବାହାରର ବୋଲି ଜଣାପଡିଛି। ପାହାଳ ଓ ବାଲିଅନ୍ତା ଥାନା ଅଞ୍ଚଳରେ ସେ ତାର ସହଯୋଗୀ ସହ ରହି ଆପାର୍ଟମେଣ୍ଟ ଲୁଟ ପାଇଁ ଚେଷ୍ଟା କରୁଥିବା ପୋଲିସ ସନ୍ଦେହ କରୁଥିଲା। ଖବର ପାଇ ବାଲିଅନ୍ତା ପିସିଆର ଟିମ୍ ସେମାନଙ୍କୁ ପିଛା କରିଥିଲା। ସେମାନଙ୍କୁ କିଛି ସମୟ ପିଛା କରିବା ପରେ ପୋଲିସକୁ ଦେଖି ଖସିବା ପାଇଁ ପୋଲିସ ଉପରକୁ ଗୁଳି ଚଳାଇ ପ୍ରଥମେ ଆକ୍ରମଣ କରିଥିଲେ। ଗୁଳିଚାଳନା କରି ଲୁଟେରା ଖସିବା ପାଇଁ ଚେଷ୍ଟା କରୁଥିବାବେଳେ ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଅର୍ଜୁନ ଅନାରେ ନାମକ ଜଣକ ଅପରାଧୀର ବାମ ଗୋଡ଼ରେ ଗୁଳି ବାଜିଛି। ସେ ଆହତ ହେବା ପରେ ତାକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ସହଯୋଗୀ ସେଠାରୁ ଖସି ଯାଇଥିବାବେଳେ ସେମାନେ ଲୁଟପାଟ କରିଥିବା କିଛି ସୁନା, ଟଙ୍କା ବ୍ୟାଗ ମଧ୍ୟ ଏନକାଉଣ୍ଟର ହୋଇଥିବା ସ୍ଥାନରୁ ମିଳିଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।"

# ଏଥର ରଥଯାତ୍ରାକୁ ଜଗିବ ଏଆଇ କ୍ୟାମେରା



ପୁରୀ,୧୭।୨ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଜଗିବ ଏଆଇ କ୍ୟାମେରା। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଛନ୍ତି ଏସପି। ଟ୍ରାଫିକ୍ ଓ କ୍ରାଉଡ୍ ମ୍ୟାନେଜମେଣ୍ଟ ପାଇଁ ବଡ଼ଦାଣ୍ଡରେ ଲାଗିବ ଏଆଇ କ୍ୟାମେରା। ଏନଏଚ୍ ଓ ବଡ଼ଦାଣ୍ଡରେ କ୍ୟାମେରା ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥର ରଥଯାତ୍ରାକୁ ଜଗିବ ଏଆଇ କ୍ୟାମେରା। ବଡ଼ଦାଣ୍ଡରେ ଟ୍ରାଫିକ୍ କଣ୍ଟ୍ରୋଲ ସହ ଭିଡ଼କୁ ନିୟନ୍ତ୍ରଣ କରିବାରେ ଅସ୍ତ୍ର ସାଜିବ ଏଆଇ କ୍ୟାମେରା।। ସନ୍ଦିଗ୍ଧଙ୍କୁ ଚିହ୍ନଟ କରିବା ହେବ ସହଜ। ଲୋକଙ୍କୁ ମିଳିବ ହାଇ ସିକ୍ୟୁରିଟି। କଣ୍ଟ୍ରୋଲ ରୁମ୍‌ରୁ ଚାରିଦିଗରେ ରଖି ଦେବ କଡ଼ା ନଜର। ସହରର ପ୍ରମୁଖ ସ୍ଥାନ, ସାହି ଗଳି ଓ ଅନ୍ୟାନ୍ୟ ସ୍ଥାନ ଗୁଡ଼ିକୁ ଗୁରୁତ୍ୱ ଦିଆଯିବ। ସେଥିପାଇଁ ପୁରୀ ପୋଲିସ ପକ୍ଷରୁ ସମସ୍ତ ପ୍ରକାରର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ପୁରୀ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ହାଇୱା ଧକ୍କାରେ ଜଣେ ମୃତ, ୨ ଗୁରୁତର

ଅନୁଗୋଳ,୧୭।୨(ସଂଚାର ବ୍ୟୁରୋ): ହାଇୱା ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଗାନ୍ଧି ମାର୍ଗ ତଥା ଅମଲାପଡ଼ା ହନୁମାନ ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ହାଇୱାଟି ଏକ ସ୍କୁଟି ଉପରେ ଚଢ଼ିଯାଇଛି। ସ୍କୁଟିରେ ତିନି ଜଣ ଡଆଇସି ଛକ ପଟରୁ ଶିମିଳିପଡ଼ା ଆଡକୁ ଯାଉଥିବା ସମୟରେ ସେମାନଙ୍କୁ ପଛପଟରୁ ହାଇୱାଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଲାଞ୍ଚ ନେଉଥିଲେ କିରାଣୀ, ୨ ଅଟକ



ସୁନ୍ଦରଗଡ଼,୧୭।୨(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାଜସ୍ୱ ବିଭାଗର ଜନୈକ କିରାଣୀ। ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ପ୍ରମାଣ ସହ ଧରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ତହସିଲ ଅଫିସ ଜୁନିୟର କିରାଣୀ ଗୋଲକ ନାୟକ ଏକ ଜମି ଚିହ୍ନଟ ଫାଇଲ ଆଗକୁ ବଢ଼ାଇବା ସକାଶେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଟଙ୍କା ନେବା ପରେ ଗୋଲକ ଏହାକୁ ଅରୁଣ ସେଠ୍ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥିଲେ। ଉଭୟଙ୍କୁ ଭିଜିଲାନ୍ସ ଅଟକ ରଖିଛି। ପ୍ରକାଶ ଅନନ୍ତ ଜମି ଡିମାର୍କେସନ୍ ପାସ କରାଇବା ପାଇଁ ଦୀର୍ଘ ଦିନ ହେଲା ଗୋଲକଙ୍କୁ ନିବେଦନ କରିଆସୁଥିଲେ। କିନ୍ତୁ ଟଙ୍କା ନ ଦେଲେ କାମ ହୋଇପାରିବନି ବୋଲି ଗୋଲକ ରୋକ୍‌ଠୋକ୍ ଶୁଣାଇଆସୁଥିଲେ। ଏପରିକି ଏଥିସକାଶେ ସେ ୩୦ ହଜାର ଟଙ୍କା ଦାବି କରିଥିଲେ। ଶେଷରେ କାମ କରିବା ପାଇଁ ବାଧ୍ୟ ହୋଇ ଅନନ୍ତ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ କର୍ମଚାରୀମାନଙ୍କ ପରାମର୍ଶ ମୁତାବକ ଆଜି ପ୍ରକାଶ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପ୍ରକାଶଙ୍କୁ ଟଙ୍କା ଦେଇଥିଲେ। ଟଙ୍କା ନେଇ ପ୍ରକାଶ ଅରୁଣଙ୍କୁ ହସ୍ତାନ୍ତର କରିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀମାନେ ଉଭୟଙ୍କୁ କାବୁ କରିନେଇଛନ୍ତି।

# ସ୍ତ୍ରୀ ସାମ୍ନାରେ ସ୍ୱାମୀକୁ ପିଟିପିଟି ହତ୍ୟା



କଟକ,୧୭।୨(ସଂଚାର ବ୍ୟୁରୋ): ରାଜ୍ୟର କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ, ବରଂ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ଥିବା କଟକ ଜିଲ୍ଲାରେ କେତେକ ଦୁର୍ବୃତ୍ତ ଅତି ନିର୍ମମ ଭାବେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ସ୍ତ୍ରୀ ଆଗରେ ତାଙ୍କୁ ଘରୁ ଟାଣି ଟାଣି ନେଇ ସେମାନେ କାଠ ଫାଳିଆରେ ପିଟି ପିଟି ମାରିଦେଇଛନ୍ତି। ଏପରିକି ମାଡ଼ ମାରୁଥିବା ଦୁର୍ବୃତ୍ତମାନଙ୍କୁ ପତ୍ନୀ ଜଣଙ୍କ ଅତି ନେହୁରା ହୋଇଥିଲେ ମଧ୍ୟ ରକ୍ତମୁଖା ଦୁର୍ବୃତ୍ତମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଏପରିକି ପାଖକୁ ଯିଏ ଆସିବ ସିଏ ବି ମରିବ ବୋଲି ସେମାନେ ଧମକ ଦେଉଥିବା ଦେଖାଯାଇଥିଲା। ମୃତ ଯୁବକଙ୍କ ପତ୍ନୀ ସବିତା ଜେରାଇ କାନ୍ଦି କାନ୍ଦି ଏପରି ଅଭିଯୋଗ କରିଛନ୍ତି। ଗୁରୁଡିଝାଟିଆ ଥାନା ଗୋବରା ପଞ୍ଚାୟତ ଓରିଙ୍ଗାବାଡି ଗାଁରେ ଘଟିଛି ଏଭଳି ଲୋମହର୍ଷଣକାରୀ ହତ୍ୟାକାଣ୍ଡ। କିନ୍ତୁ କେଉଁ କାରଣରୁ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଲା, ସେନେଇ କୌଣସି ଠୋସ୍ କାରଣ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସାମ୍ନାକୁ ଆସିପାରିନାହିଁ।

ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଗତକାଲି ଅପରାହ୍ନରେ ଉକ୍ତ ଯୁବକଙ୍କୁ କେତେକ ଲୋକ ନିଷ୍ଠୁର ମାଡ଼ ମାରିଥିଲେ। ତେବେ ଯୁବକ ଜଣଙ୍କ ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ଦୌଡ଼ି ଘରକୁ ପଳାଇଆସିଥିଲେ। କିନ୍ତୁ ୧୦ରୁ ୧୨ ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଘରେ ବି ପହଞ୍ଚିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଛାଡ଼ିଦେବା ସକାଶେ ଯେତେ ଅନୁନୟ ବିନୟ କରିଥିଲେ ମଧ୍ୟ ଉକ୍ତ ଦୁର୍ବୃତ୍ତମାନେ ଯୁବକଙ୍କୁ ଛାଡ଼ିନଥିଲେ। ବରଂ ସେମାନେ ତାଙ୍କୁ ଜୋର୍‌ଜବରଦସ୍ତି ଗାଁ ବାହାରକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପୁଣି ନିର୍ଘାତ ପିଟିବା ଫଳରେ ଶେଷରେ ଏହି ୩୫ ବର୍ଷୀୟ ଯୁବକଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସେମାନଙ୍କୁ ରୋକିବା ସକାଶେ ଯୁବକଙ୍କ ଭାଇ ଓ ଭଣଜା ଯେତେ ଉଦ୍ୟମ କରିଥିଲେ ବି ଦୁର୍ବୃତ୍ତମାନେ ସେମାନଙ୍କୁ ବି ଆକ୍ରମଣ କରିବାକୁ ପଛାଇନଥିଲେ। ତେଣୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଏହି ହତ୍ୟାକାଣ୍ଡ ପଛର କାରଣ କ'ଣ, ସେନେଇ ମୃତକଙ୍କ ପରିବାର ଲୋକେ ବି କିଛି କହିପାରିନାହାନ୍ତି। କିନ୍ତୁ ଏହି ଘଟଣା ସହ ଜଡ଼ିତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପରିବାର ଲୋକେ ସୂଚନା ଦେଇଛନ୍ତି, ଯାହାକୁ ଆଧାର କରି ଗୁରୁଡିଝାଟିଆ ପୁଲିସ୍ ଘଟଣାର ତଦନ୍ତ କରୁଛି। ଖବର ପାଇ ଚୌଦ୍ୱାର ଏସଡିପିଓ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି।

ତେବେ ଏହି ହତ୍ୟାକାଣ୍ଡ ପଛର କାରଣ ସମ୍ପର୍କରେ ଜଣେ ଗ୍ରାମବାସୀ କହିଛନ୍ତି ଯେ ଗାଁରେ ଜଣେ ବ୍ୟକ୍ତି ପାଚେରୀ ନିର୍ମାଣ କରୁଥିବା ବେଳେ ନିର୍ଦ୍ଧାରିତ ଜମିଠାରୁ ଅଧିକ ଜମିରେ ନିର୍ମାଣ ଚାଲିଛି। ଗାଁର କେତେକ ଲୋକ ଏହି ପାଚେରୀ ନିର୍ମାଣକୁ ବିରୋଧ କରୁଛନ୍ତି। ସେମାନଙ୍କ ମଧ୍ୟରେ ଏହି ଯୁବକ ଜଣଙ୍କ ମଧ୍ୟ ଥିଲେ। ଏହାକୁ ନେଇ ତାଙ୍କୁ ଆକ୍ରମଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ ନୀରବତା ଅବଲମ୍ବନ କରୁଥିବାରୁ ତଦନ୍ତର ନିରପେକ୍ଷତା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

## ବଜେଟ୍ ହାଇଲାଇଟ୍ସ

# ମାଗଣାରେ ଜଗା ଦର୍ଶନ କରିବେ ଗରିବ ଭକ୍ତ

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ ଲକ୍ଷ କୋଟି ଟଙ୍କାର ଏକ ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିର ନୂଆକରି ବଜେଟରେ ଶ୍ରୀଜଗନ୍ନାଥ ଯୋଜନା ଯୋଡ଼ି ହୋଇଛି। ଏନେଇ ବଜେଟରେ ୩୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନାରେ ସଦର ମହକୁମାଗୁଡ଼ିକରୁ ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ବସ ଯୋଗେ ଶ୍ରୀମନ୍ଦିର ଅଣାଯିବ। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଓ ମାଗଣାରେ ଅବଢ଼ା ଖାଇବେ। ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରାଣକେନ୍ଦ୍ର। ରତ୍ନ ସିଂହାସନରେ ବିରାଜମାନ ମହାପ୍ରଭୁଙ୍କୁ ଦେଖିବାକୁ ପ୍ରତିଟି ଓଡ଼ିଆଙ୍କ ଇଚ୍ଛା। ଗରିବ ଭକ୍ତଙ୍କ ମନସ୍କାମନା ପୂରଣ କରିବାକୁ ନୂଆ ଯୋଜନା ଆରମ୍ଭ କରାଯାଉଛି। ଏହି ଯୋଜନାରେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରୁ ଜଗନ୍ନାଥ ଦର୍ଶନ ପାଇଁ ସ୍ୱତନ୍ତ୍ର ବସରେ ଗରିବ ଭକ୍ତମାନେ ମାଗଣାରେ ପୁରୀ ଆସି ଜଗା ଦର୍ଶନ କରିବେ ଓ ମହାପ୍ରସାଦ ସେବନ କରିପାରିବେ। ଐତିହ୍ୟ, ସ୍ମାରକୀର ସମନ୍ୱିତ ଏବଂ ପର୍ଯ୍ୟଟନସ୍ଥଳର ମୌଳିକ ସୁବିଧା ବୃଦ୍ଧି ଯୋଜନା ଅଧୀନରେ ପ୍ରାୟ ୨ ଶହ ୨୫ ଶହ କୋଟି ଟଙ୍କାରେ କେନ୍ଦୁଝରର ଘଟଗାଁସ୍ଥିତ ମା' ତାରିଣୀ ମନ୍ଦିର ପରିସରର ବିକାଶ କରାଯିବ। ସେହିପରି ଢେଙ୍କାନାଳ ଜିଲାର ଯୋରନ୍ଦାରେ ଥିବା ମହିମା ଗାଦିର ବିକାଶ କାର୍ଯ୍ୟ ଓ ସେଠାରେ ଭବ୍ୟ ଶୂନ୍ୟ ମଣ୍ଡପ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଯୋରନ୍ଦା ମହିମା ଗାଦି ଦେଶର ଏକ ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ପରିଗଣିତ ହେବ। ପୁରୀର ସାକ୍ଷୀଗୋପାଳସ୍ଥିତ ସାକ୍ଷୀ ଗୋପୀନାଥ ମନ୍ଦିର ପାର୍ଶ୍ୱାଞ୍ଚଳର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



# ବଢ଼ିଲା ବିଧାୟକଙ୍କ ହାତ ପାଣ୍ଠି

ବଢ଼ିଲା ବିଧାୟକଙ୍କ ଏମଏଲଏ ଲ୍ୟାଡ୍ ଫଣ୍ଡ। ୩ କୋଟିରୁ ୫ କୋଟିକୁ ବୃଦ୍ଧି କଲେ ସରକାର। ବଜେଟ ଉପସ୍ଥାପନା ବେଳେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ। ଏଥିପାଇଁ ୭୩୫ କୋଟି ବ୍ୟୟବରାଦ ହୋଇଛି। ନିର୍ବାଚନମଣ୍ଡଳୀ ଅନୁଯାୟୀ ଅତିରିକ୍ତ ୧୪୨ କୋଟିର ଅନୁଦାନ। ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ସରକାରର ଏହା ଦ୍ୱିତୀୟ ବଜେଟ୍। ଆମ ସରକାର ରାଜ୍ୟର ଐତିହ୍ୟ ପ୍ରତି ସଜାଗ। ଓଡ଼ିଆ ଲୋକ ବିଶ୍ୱାସୀ ସରକାର ଚାହିଁଥିଲେ।

# ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି

ଭୁବନେଶ୍ୱର,୧୭।୨(ସଂଚାର ବ୍ୟୁରୋ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ରାଜ୍ୟ ବଜେଟ୍ ଉପସ୍ଥାପିତ କରିଛନ୍ତି। ଏହି ଅବସରରେ ସୁଭଦ୍ରା ଯୋଜନାକୁ ନେଇ ବଜେଟ୍ ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥର ବଜେଟ୍ ରେ ୧୦ ହଜାର ୧୪୫ କୋଟି ବ୍ୟୟ ବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୪ ହଜାର ୯୦୦ କୋଟି ପାଇଲେଣି ହିତାଧିକାରୀ। ଆଗକୁ କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ କାର୍ଯ୍ୟକାରୀ ହେବ। ସେହିପରି ସୁଭଦ୍ରା ସଖୀ, ସୁଭଦ୍ରା ଯାତ୍ରୀ, ସୁଭଦ୍ରା ସଂଘ କାର୍ଯ୍ୟକାରୀ, କୁହା ସୁଭଦ୍ରା କଲ ସେଣ୍ଟର, ସୁଭଦ୍ରା ସହଯୋଗୀ, ସୁଭଦ୍ରା ପଣ୍ଡିତ, ସୁଯୋଗ୍ୟ ସୁଭଦ୍ରା ଭଳି କାର୍ଯ୍ୟକ୍ରମ ଆରମ୍ଭହେବ। ବଜେଟ୍ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ମହିଳା ସଶକ୍ତିକରଣ ପାଇଁ ଐତିହାସିକ ଓ ପଥପ୍ରଦର୍ଶକ ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଏହା ଓଡିଶା ଇତିହାସର ସବୁଠାରୁ ବଡ ଯୋଜନା ଏବଂ ଓଡିଶା ବିକାଶ କାହାଣୀକୁ ପୁନଃଲିଖିତ କରିବା ପାଇଁ ଆମର ପ୍ରତିବଦ୍ଧତା ପ୍ରମାଣ, ଯେଉଁଥିରେ ମହିଳାମାନେ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

# ପର୍ଯ୍ୟଟନ ବିକାଶ ପାଇଁ ୮୨୦ କୋଟି

ବଜେଟ ୨୦୨୫-୨୬ରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ଜୋର୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିପାଇଁ ୮୨୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ସରକାର। ଓଡ଼ିଶାର ଅନନ୍ୟ ଐତିହ୍ୟ ଉପଯୋଗ କରି ପର୍ଯ୍ୟଟନ କୁ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶରେ ଭାଗିଦାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି।

କଣ୍ଟିଲେ, ବାଲିଜୁର, ପିପିଲି ଓ କଟକରେ ପର୍ଯ୍ୟଟନକୁ ହସ୍ତତନ୍ତ ସହ ଯୋଡ଼ାଯିବ। ସାମାଜିକ ବିକାଶରେ ପର୍ଯ୍ୟଟନ ଗୁରୁତ୍ୱପୂର୍ଣ୍ଣ କହିଛନ୍ତ ମୋହନ ମାଝୀ। ଏଣୁ ଜିଲ୍ଲାସ୍ତରରେ ପର୍ଯ୍ୟଟନ ର ବିକାଶ ହେବ। ବିଶେଷ କରି ଇକୋ ଟୁରୁଜିମ୍ବୁ ବିକାଶ କରାଯିବ। ଏହି କ୍ରମରେ ଚିଲିକାରେ ପକ୍ଷୀ ସଂଗ୍ରହାଳୟ ପ୍ରତିଷ୍ଠା ହେବ। ତା ସହିତ ମୋହନ ସରକାର ଶ୍ରୀଜଗନ୍ନାଥ ଯୋଜନା ଆରମ୍ଭ କରିବେ। ପ୍ରତି ଜିଲ୍ଲାରୁ ମାଗଣାରେ ପୁରୀ ଆସି ମହାପ୍ରସାଦ ଖାଇବେ ଶ୍ରଦ୍ଧାଳୁ। ଏଥିପାଇଁ ୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିଭଳି ଘଟଗାଁ ତାରିଣୀ, ମହିମା ଗାଦିର ବିକାଶ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ୨୨୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସାକ୍ଷୀ ଗୋପୀନାଥ ମନ୍ଦିରର ବି ଉନ୍ନତି ହେବ।

ଦେଶର ପ୍ରମୁଖ ସହରରେ ଓଡ଼ିଶା ଐତିହ୍ୟର ପ୍ରସାର କରାଯିବ। ପର୍ଯ୍ୟଟନ ସ୍ଥଳକୁ ପକ୍କା ସଡ଼କ ପାଇଁ ୩ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ବୌଦ୍ଧ ଐତିହ୍ୟ ପ୍ରୋତ୍ସାହିତ କରିବା ଦିଗରେ ଲଳିତଗିରି, ଉଦୟଗିରି ଓ ରତ୍ନଗିରିର ପୁନରୁଦ୍ଧାର କରାଯିବ। ବୌଦ୍ଧ ସର୍କିଟ୍କୁ ବିକାଶ କରିବାକୁ ଲକ୍ଷ୍ୟ ରହିଛି। ଗୋପାଳପୁର, ପାରାଦୀପ ଭଳି ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ଦେବାକୁ ଏହାର ବିକାଶ କରାଯିବ। ଓଡ଼ିଶାର ଐତିହ୍ୟ ପାଳନ କରିବା ତଥା ନିବେଶ ସୁଯୋଗ ସୃଷ୍ଟି କରିବାକୁ ୧୦ ଜିଲ୍ଲାରେ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦେଇ ୫୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି।

# କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୯୪୩ କୋଟି

୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୯୪୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଉତ୍କୃଷ୍ଟ କ୍ରୀଡ଼ାବିତଙ୍କୁ ମିଳିବ ୧୦ କୋଟି ଟଙ୍କାର ସହାୟତା ରାଶି। କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ୮୦ କୋଟି ବ୍ୟୟ ଅଟକଳ। ରାଜ୍ୟରେ ପ୍ରତ୍ୟେକ ବ୍ଲକରେ କ୍ରିକେଟ, ଭଲିବଲ, ଫୁଟବଲ, ଆଥେଲେଟିକ୍ସ ସମେତ ବିଭିନ୍ନ କ୍ରୀଡା ପାଇଁ ଅତ୍ୟାଧୁନିକ ସୁବିଧା ରହିବ। ଏହା ସହିତ ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଓ ଅନ୍ୟାନ କ୍ରୀଡା ସୁବିଧା ପାଇଁ ଇଣ୍ଡୋର ହଲ୍ ରହିବ। ଏଥିପାଇଁ ୫ ବର୍ଷ ମଧ୍ୟରେ ୪୧୨୪କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ ମଧ୍ୟରେ ବ୍ଲକ ସ୍ତରୀୟ ଷ୍ଟାଡ଼ିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବଜେଟ୍ ଉପସ୍ଥାପନ ବେଳେ ସୂଚନା ଦିଆଯାଇଛି। ବଜେଟ୍ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧତାକୁ ବ୍ୟାପକ କରିବା ପାଇଁ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଏବଂ କୋରାପୁଟକୁ କ୍ରୀଡା ହବ୍ ଭାବରେ ବିକଶିତ କରାଯାଉଛି। ପହଁରାକୁ ଜୀବନ କୌଶଳ ଏବଂ ପ୍ରତିଯୋଗିତାମୂଳକ ଖେଳ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଆମେ ୧୩ଟି ନୂତନ ଇନଡୋର ସୁଇମିଂ ପୁଲ୍ ଯୋଡିବାକୁ ଯାଉଛୁ। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଖୁବ୍‌ଶୀଘ୍ର ସୁଇମିଂ ପୁଲ୍ ତିଆରି କରାଯିବ। ରାଉରକେଲାରେ ଦୁଇଟି ନୂତନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର କରାଯିବ। ସେଠାରେ ଆଥଲେଟିକ୍ସ ଏବଂ ତୀରନ୍ଦାଜୀ ପ୍ରତିଭାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଲାଗି ବିଶ୍ୱସ୍ତରୀୟ ତାଲିମ ସୁବିଧା ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ୪ ଲେନ୍ ହେବ ରାଜ୍ୟ ରାଜପଥ

ସୋମବାର ରାଜ୍ୟ ବଜେଟ୍ ୨୦୨୫-୨୬ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ସମୟରେ ରାଜ୍ୟରେ ପରିବହନ ବ୍ୟବସ୍ଥା ଉପରେ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଥିବା ସମସ୍ତ ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ ବିଶିଷ୍ଟ କରାଯିବ। ଏହା ସହିତ ନୂଆ କରି ୩ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ। ଏଥିପାଇଁ ୬ ହଜାର ୫୦୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି। ସେହିପରି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନଏଚଏଆଇ) ଭଳି ଓଡ଼ିଶା ରାଜ୍ୟ ପ୍ରାଧିକରଣ ସଡ଼କ ସଂସ୍ଥା ଗଠନ କରାଯିବ। ଗ୍ରାମୀଣ ପରିବହନ ବ୍ୟବସ୍ଥା ଲାଗି ମୁଖ୍ୟମନ୍ତ୍ରୀ ପରିବହନ ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନା ପାଇଁ ୧ ହଜାର ୮୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏଥିପାଇଁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ୍। ସେହିପରି, ସୁରକ୍ଷିତ ପରିବହନ ବ୍ୟବସ୍ଥା ପାଇଁ ଡ୍ରାଇଭର ତାଲିମ ନେବେ। ଗାଡ଼ି ଗୁଡ଼ିକ ଫିଟନେସର ଅଟୋମେଟିକ୍ ଯାଞ୍ଚ୍ ହେବ। ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଦିଗ ଉପରେ ଧ୍ୟାନ ଦେବାକୁ ୨୮୫ କୋଟି ବ୍ୟୟବରାଦ ରହିଛି।

# ଗୋପାଳପୁର, ପାରାଦୀପ ହେବ ବ୍ଲୁ ଫ୍ଲାଗ୍ ବିଚ୍

ସୋମବାର ଓଡ଼ିଶା ସରକାର ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ମେଗା ଯୋଜନା ଉନ୍ମୋଚନ କରିଛନ୍ତି। ଓଡ଼ିଶା ବିଧାନସଭାରେ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ କରିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି ଯେ, ଚିଲିକା ହ୍ରଦକୁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ଭାବରେ ବିକଶିତ କରାଯିବ ଏବଂ ପର୍ଯ୍ୟଟନ ଡଙ୍ଗାଗୁଡ଼ିକର ଇଞ୍ଜିନ ବଦଳାଇବା ପାଇଁ ସମନ୍ୱିତ ମାଷ୍ଟର ପ୍ଲାନିଂ କରାଯିବ ଯାହା ଦ୍ୱାରା ସେଗୁଡ଼ିକୁ ଅଧିକ ପରିବେଶ ଅନୁକୂଳ କରାଯାଇପାରିବ। ଏହା ବ୍ୟତୀତ, ଚିଲିକାରେ ଏକ ପକ୍ଷୀ ସଂଗ୍ରହାଳୟ ମଧ୍ୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ, ପର୍ଯ୍ୟଟନକୁ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ପ୍ରମୁଖ ବାହକ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ସ୍ଥାନିତ କରିବାକୁ ପ୍ରୟାସ ଜାରି ରହିଛି। ଭିତ୍ତିଭୂମି ବିକାଶ, ସମ୍ପ୍ରଦାୟ ସଶକ୍ତିକରଣ ଏବଂ ସ୍ଥାୟୀ ପର୍ଯ୍ୟଟନ ଅଭ୍ୟାସ ଉପରେ ଧ୍ୟାନ ଦେଇ ପର୍ଯ୍ୟଟନ କ୍ଷେତ୍ର ପାଇଁ ୮୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିର ସମନ୍ୱିତ ବିକାଶ ଏବଂ ପରିଚାଳନା ପାଇଁ ୩୫୫ କୋଟି ଟଙ୍କା ବ୍ୟୟବରାଦ କରିବାକୁ ପ୍ରସ୍ତାବ ଦେଇଛନ୍ତି ସରକାର। ଆଗାମୀ ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟାନ୍ୱୟନ ସହିତ ଦେଓମାଳୀ, ଧଉଳି, ଚିଲିକା, ଖଣ୍ଡଗିରି-ଉଦୟଗିରି, ଖିଚିଂ, ସାତକୋଶିଆ ଏବଂ ସିମିଳିପାଳ ଭଳି ପ୍ରତୀକାତ୍ମକ ସ୍ଥାନ ପାଇଁ ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ହାତକୁ ନିଆଯିବ, ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ବୌଦ୍ଧ ସର୍କିଟ୍ ବିକଶିତ କରିବାର ଯୋଜନା ଉନ୍ମୋଚନ କରିଛନ୍ତି - ରାଜ୍ୟର ବୌଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ଉଦୟଗିରି, ରତ୍ନଗିରି ଏବଂ ଲଳିତଗିରିକୁ ପୁନରୁଦ୍ଧାର କରାଯିବ। ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ସମେତ ଜଙ୍ଗଲର ମନୋରମ ସୌନ୍ଦର୍ଯ୍ୟ ଏବଂ ସମ୍ବଲପୁର ସହରକୁ ଏହାର ବୟନ ଐତିହ୍ୟ ଏବଂ ସ୍ପନ୍ଦନଶୀଳ ସମ୍ବଲପୁରୀ ଲୋକନୃତ୍ୟ ସହିତ ବ୍ୟବହାର କରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ଭାବରେ ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ଅନୁଯାୟୀ, ଗୋପାଳପୁର ଏବଂ ପାରାଦୀପ ଭଳି ସ୍ଥାନର ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍ ବିଚ୍' ଭାବରେ ବିକଶିତ କରାଯିବ। ଓଡିଶାକୁ ଦୁଃସାହସିକ ପର୍ଯ୍ୟଟକଙ୍କ ପାଇଁ ଏକ ହବ୍ ଭାବରେ ସ୍ଥାପନ କରିବା ପାଇଁ ଦୁଃସାହସିକ ପର୍ଯ୍ୟଟନ ମାର୍ଗଦର୍ଶିକା ପ୍ରସ୍ତୁତ

# ଖର୍ଚ୍ଚ ହୋଇନି ପୂର୍ବ ବଜେଟର ଲକ୍ଷେ କୋଟି

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟରେ ବିଭିନ୍ନ ଯୋଜନା ପାଇଁ ବ୍ୟୟ ବରାଦ କରାଯାଇଛି। ହେଲେ, ବିଡମ୍ବନାର ବିଷୟ ହେଉଛି ବିଜେପି ସରକାରକୁ ଆସିବା ପରେ ୨୦୨୪-୨୫ ବର୍ଷ ପାଇଁ ଆଣିଥିବା ବଜେଟର ଅଧାରୁ ଅଧିକ ଭାଗ ଅର୍ଥ ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରନି। ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ହୋଇଥିବା ବ୍ୟୟବରାଦ ଓ ପାଣ୍ଠି ଖର୍ଚ୍ଚକୁ ନେଇ ଆସିଛି ଚିନ୍ତାଜନକ ତଥ୍ୟ। ସ୍ପଷ୍ଟ ହୋଇଛି, ସରକାର ବିଭିନ୍ନ ଯୋଜନା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରିଥିଲେ, ହେଲେ ସେଥିରୁ ପ୍ରାୟ ଲକ୍ଷେ କୋଟି ଟଙ୍କା ଏପର୍ଯ୍ୟନ୍ତ ଖର୍ଚ୍ଚ କରିପାରି ନାହାନ୍ତି ବିଭିନ୍ନ ବିଭାଗ। ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତର ଆଶ୍ଚର୍ଯ୍ୟ କରିଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି। ୨୦୨୪-୨୫ରେ ୨ଲକ୍ଷ ୬୫ ହଜାର କୋଟିରୁ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି ୧ଲକ୍ଷ ୬୩ ହଜାର ୭୨୬ କୋଟି ଟଙ୍କା। ବଳକା ପଡିଛି ୧ଲକ୍ଷ ୧ହଜାର ୨୭୩ କୋଟି ଟଙ୍କା। ଏହି ତଥ୍ୟ ସାମନାକୁ ଆସିବା ପରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି। ୨୦୨୪-୨୫ ଆର୍ଥିକ ବର୍ଷର ଟଙ୍କା ଖର୍ଚ୍ଚ କରିବା ପାଇଁ ବିଭିନ୍ନ ବିଭାଗକୁ ତାଗିଦ କରିଥିଲା ଅର୍ଥବିଭାଗ। ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଥିବାବେଳେ ବିଭିନ୍ନ ବିଭାଗ ପାଇଁ ବ୍ୟୟବରାଦ ହୋଇଥିବା ପାଣ୍ଠି ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛି ଅର୍ଥ ବିଭାଗ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ବଜାରରେ ଏଚ୍‌ଏମ୍‌ଏସ୍‌ଆଇର ସାଇନ ୧୨୫

**ନୂଆଦିଲ୍ଲୀ,୧୭।୨:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ନୂତନ ମଡେଲ ୨୦୨୫ ସାଇନ ୧୨୫ର ଅନାବରଣ ନିକଟରେ ହୋଇଯାଇଛି।

ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଏବଂ ସିଇଓ ସୁଟୁସୁମୁ ଓଟାନି କହିଛନ୍ତି, ଆମେ ଆମର ନୂତନ ଓବିଡି୨ବି ନିୟାମକ ଅନୁରୂପ ସାଇନ ୧୨୫କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ। ୨୦୦୬ରୁ ଡେବ୍ୟୁଟ ହୋଇଥିବା ସାଇନ ଏହାର ବିଭାଗରେ ସବୁଠାରୁ ପସନ୍ଦଯୋଗ୍ୟ ମୋଟରସାଇକେଲ ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇଥିବାବେଳେ ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କର ବିଶ୍ୱାସର ପ୍ରତୀକ ହୋଇପାରିଛି। ବର୍ଷ ବର୍ଷ ଧରି ଏହା ନୂଆ ମାନକ ତଥା କର୍ମଦକ୍ଷତାକୁ ଅପରିବର୍ତ୍ତନୀୟ ରଖିବା ସହିତ ଆରାମଦାୟକ ତଥା ବିଶ୍ୱସନୀୟତାକୁ ଜାରି ରଖିଛି। ସର୍ବାଧୁନିକ ନୂତନ ଜ୍ଞାନକୌଶଳରେ ପରିପ୍ରକାଶ କରିଥିବା ଏହି ସାଇନ୧୨୫ ସମସ୍ତ ଆକାଂକ୍ଷିତ ଚାଳକଙ୍କର ଇଚ୍ଛାକୁ ପରିପୂରଣ କରିପାରିବ ଏହା ଆମର ଦୃଢ଼ ବିଶ୍ୱାସ। ନୂତନ ସାଇନ ୧୨୫ରେ ଆକର୍ଷଣୀୟ ଡିଜାଇନ, ରଙ୍ଗ ତଥା ଉଚ୍ଚ ବୈଶିଷ୍ଟ୍ୟ ଯୁକ୍ତ ଜ୍ଞାନକୌଶଳ ସାମିଲ ରହିଛି। ନୂତନ ସାଇନ ୧୨୫ ନିଜର ଏହି ଗଠନ ତଥା ବୈଶିଷ୍ଟ୍ୟଯୁକ୍ତ ଶୈଳୀକୁ ନେଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିବାବେଳେ ବର୍ତ୍ତମାନ ଏଥିରେ ନୂତନ ରଙ୍ଗର ଯୋଜନା ତଥା ଏକ ସତେଜଭରା ଚମକ ସହିତ ଆସିଛି। ୬ଟି ରଙ୍ଗର ବିକଳ୍ପକୁ ନେଇ ଏହା ବଜାର ଆସିଛି ଅତିରିକ୍ତ ଭାବରେ ମୋଟରସାଇକେଲରେ ବର୍ତ୍ତମାନ ୯୦ଏମଏମର ଚଉଡ଼ା ପଛ ଟାୟାରର ଉଭୟ ଦୃଶ୍ୟମାନକୁ ବୃଦ୍ଧିକରିବା ସହିତ ସଡ଼କ ସ୍ଥିରତା ଏଥିରେ ଦେଖା ଦେଇଛି।





## କମିଲା ସୁନା ରେଟ୍

ଗତ କିଛି ଦିନ ହେଲା ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନା ଦର ବଢ଼ିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଆଜି ସୁନାର ମୂଲ୍ୟ ୨୪ କ୍ୟାରେଟ୍ ପାଇଁ ୫୫୦ ଟଙ୍କା ଏବଂ ୨୨ କ୍ୟାରେଟ୍ ପାଇଁ ୫୦୦ ଟଙ୍କା ବୃଦ୍ଧି ପାଇଛି। ୨୪ କ୍ୟାରେଟ୍ ପାଇଁ ପ୍ରତି ୧୦ ଗ୍ରାମ ସୁନା ମୂଲ୍ୟ ୮୬,୬୨୦ ଟଙ୍କା ଏବଂ ୨୨ କ୍ୟାରେଟ୍ ପାଇଁ ପ୍ରତି ୧୦ ଗ୍ରାମ ୭୯,୪୦୦ ଟଙ୍କା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ସୁନା ମୂଲ୍ୟ ଆଜି ପ୍ରତି ୧୦ ଗ୍ରାମ ପାଇଁ ଯଥାକ୍ରମେ ୭୯,୪୦୦ ଏବଂ ୨୪ କ୍ୟାରେଟର ମୂଲ୍ୟ ୮୬,୬୨୦ ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ସୁନା ମୂଲ୍ୟରେ ୨୪ କ୍ୟାରେଟ ପାଇଁ ୫୫୦ ଟଙ୍କା ଏବଂ ୨୨ କ୍ୟାରେଟ ପାଇଁ ୫୦୦ ଟଙ୍କା ବୃଦ୍ଧି ଘଟିଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୬୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୦୦ ଟଙ୍କା ଓ ୮୬,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୫୫୦ ଟଙ୍କା ଓ ୮୬, ୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୦୦ ଟଙ୍କା ଓ ୮୬,୬୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।

## ଲାଗୁ ହେଲା ଫାସ୍‌ଟାଗର ନୂଆ ନିୟମାବଳୀ

**ନୂଆଦିଲ୍ଲୀ,୧୭।୨:** ଜାତୀୟ ରାଜପଥରେ ଗମନାଗମନକୁ ସୁଗମ କରିବା ସହିତ ଚାଳକଙ୍କର ସମୟ ରକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ସରକାର ଟୋଲଗେଟ୍‌ଗୁଡିକରେ ସ୍ୱୟଂଚାଳିତ ଟୋଲ ଟିକସ ବ୍ୟବସ୍ଥା ଫାସ୍‌ଟାଗର ଅୟମାରମ୍ଭ କରିଛନ୍ତି। ବର୍ତ୍ତମାନ ସମୟରେ ସରକାର ଏହି ପ୍ଲାଟଫର୍ମରେ ଅନେକ ପ୍ରକାରର ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ନୂଆ ନିୟମ ସୋମବାର (୨୦୨୫ ଫେବୃଆରୀ୧୭)ଠାରୁ ଲାଗୁ କରାଯାଇଛି। ବିଶେଷକରି ଫାସ୍‌ଟାଗର ଏହି ନୂତନ ନିୟମରେ ଅତିରିକ୍ତ ଚାର୍ଜ ହିତାଧିକାରୀଙ୍କ ଉପରେ ଲାଗୁ କରିବାକୁ ଯାଉଛନ୍ତି। କାରଣ ହିତାଧିକାରୀମାନେ ଏହି ପ୍ଲାଟଫର୍ମକୁ ଠିକ ଭାବେ ବ୍ୟବହାର କରିବା ସହ ଆବଶ୍ୟକ ଅର୍ଥ ବା ଲୋ ବାଲାନ୍ସକୁ ମଧ୍ୟ ହିତାଧିକାରୀମାନେ ପ୍ଲାଟଫର୍ମର ନିୟମ ଅନୁଯାୟୀ ଅନୁପାଳନ କରୁ ନାହାନ୍ତି। ସେହିଭଳି ବିଳମ୍ବ ଦେୟ ଏବଂ ବ୍ଲାକ ଲିଷ୍ଟେଡେ ଆକାଉଣ୍ଟ ଭଳି ଅନେକ ପ୍ରକାରର ସୁବିଧା ଆଦିରେ ଅତିରିକ୍ତ ଦେୟ ଆଦାୟ କରାଯିବ। ଏ ନେଇ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ ଇଣ୍ଡିଆ ବା ଏନପିସିଆଇ ଏବଂ ଜାତୀୟ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଏକ ବିଜ୍ଞପ୍ତି ଜାରି କରାଯିବ ବୋଲି କୁହାଯାଇଛି।

## ଅକ୍ଟୋବର ସୁଦ୍ଧା 'ଭାରତ ତିଆରି' ଚିପ୍

**ନୂଆଦିଲ୍ଲୀ, ୧୭।୨:** ସ୍ମାର୍ଟଫୋନ୍‌ଠାରୁ ଆରମ୍ଭ କରି କମ୍ପ୍ୟୁଟର ପର୍ଯ୍ୟନ୍ତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହାର ହେଉଥିବା ଏକ ପ୍ରମୁଖ ଉପାଦାନ ହେଉଛି ଚିପ୍। ଏଥିପାଇଁ ଭାରତ ଆମଦାନି ଉପରେ ନିର୍ଭରଶୀଳ ରହିଛି। ତେବେ ଭାରତରେ ତିଆରି ହେଉଥିବା ପ୍ରଥମ ଚିପ୍ ଅକ୍ଟୋବର ସୁଦ୍ଧା ଆସିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବେଙ୍ଗାଲୁରୁରେ ଥିବା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସକୁ ଗାଲିଅମ୍ ନାଇଟ୍ରାଇଡ୍ ଉପରେ ଗବେଷଣା କରିବା ଲାଗି କେନ୍ଦ୍ର ସରକାର ୩୩୪ କୋଟି ଟଙ୍କା ଦେଇଛନ୍ତି। ତାହା ହେଉଛି ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରଯୁକ୍ତି ଯାହାକୁ ଟେଲିକମ୍ ଓ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ବ୍ୟବହାର କରାଯାଉଛି। ସରକାର ଏଥିପାଇଁ ଖୁବ୍‌ଶୀଘ୍ର ଏକ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ



(ପିଏଲ୍‌ଆଇ) ସ୍କିମ୍ ଆଣିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପାୱାରଚିପ୍ ସେମିକଣ୍ଡକ୍ଟର ମାନୁଫାକ୍‌ଚରିଂ କର୍ପୋରେସନ୍ ସହଯୋଗରେ ଟାଟା ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଗୁଜରାଟର ଧୋଲେରାଠାରେ ଭାରତର ପ୍ରଥମ ସେମିକଣ୍ଡକ୍ଟର ଫ୍ୟାବ୍ କାରଖାନା ସ୍ଥାପନ କରାଯାଇଛି। ଗତବର୍ଷ ଜାନୁଆରିରେ ଅନୁଷ୍ଠିତ ଡାଭୋସ୍ ସମ୍ମିଳନୀରେ ମନ୍ତ୍ରୀ ବୈଷ୍ଣବ କହିଥିଲେ ୨୦୨୪ ଡିସେମ୍ବର ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ଚିପ୍ ଆସିବ। ୨୦୨୧ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମିକଣ୍ଡକ୍ଟର ଓ ଡିସ୍‌ପ୍ଲେ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ୭୬ ହଜାର କୋଟି ଟଙ୍କାର ଯୋଜନା ମଞ୍ଜୁର କରିଥିଲେ। ସେମିକଣ୍ଡକ୍ଟର, ଡିସ୍‌ପ୍ଲେ ଉତ୍ପାଦନ ଓ ଡିଜାଇନ୍‌ରେ ନିବେଶ କରୁଥିବା ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ସେହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଡିଜିଟାଲ୍ ଇଣ୍ଡିଆ କର୍ପୋରେସନ୍ ଅଧୀନରେ ସରକାର ଇଣ୍ଡିଆ ସେମିକଣ୍ଡକ୍ଟର ମିସନ ନାମରେ ଏକ ସ୍ୱତନ୍ତ୍ର ଶାଖା ଗଠନ କରିଛନ୍ତି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍'ର ସିଏମ୍‌ଇ ସମ୍ମିଳନୀ

## ୧୫୦ରୁ ଅଧିକ ଡାକ୍ତରଙ୍କ ଅଂଶଗ୍ରହଣ



**ଭୁବନେଶ୍ୱର, ୧୭।୨:** ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍ ପକ୍ଷରୁ ଆଇଏସ୍‌ଏଆର୍ ଓଡ଼ିଶା ଶାଖା ସହଯୋଗରେ ବାର୍ଷିକ ସିଏମ୍‌ଇ ସମ୍ମିଳନୀକୁ ଭୁବନେଶ୍ୱରରେ ଆୟୋଜନ କରାଯାଇଛି। ଏଥିରେ ଡାକ୍ତର ପି ସି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ ଦେଖାଦେଉଥିବା ନିଃସନ୍ତାନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ସହରାଞ୍ଚଳ ଓ ବିଶେଷ କରି ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନିଃସନ୍ତାନ ସମସ୍ୟା ଅଧିକ ଥିଲା। କିନ୍ତୁ, ଏବେ ଗ୍ରାମାଞ୍ଚଳରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀମାନଙ୍କ ମଧ୍ୟରେ ନିଃସନ୍ତାନ ସମସ୍ୟାର ସମାଧାନ ନେଇ ରହିଥିବା ଉନ୍ନତ ଚିକିତ୍ସା ପଦ୍ଧତି ଉପରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ନିଃସନ୍ତାନ ସମସ୍ୟା ସମାଧାନରେ ନିକଟରେ ହୋଇଥିବା ଉନ୍ନତି ଓ ଉଚ୍ଚ ବିପଦ ଗର୍ଭଧାରଣ ପରିଚାଳନା'। ଏଥିରେ ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍‌ର ଏଆର୍‌ଏମ୍‌ସି ଡ. କେ ୟୁ କୁଞ୍ଜୁମୋଇଦିନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଭିଏଫ୍ ଚିକିତ୍ସାର ବିଶ୍ୱ ଓ ଭାରତ ଦୃଶ୍ୟପଟ୍ଟ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟ ଉପରେ ଭିନ୍ନ ଭିନ୍ନ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଇଏସ୍‌ଏଆର୍ ଓଡ଼ିଶା ଶାଖାର ଅଧ୍ୟକ୍ଷ ଡ. ରଜତ ରାୟ, ସମ୍ପାଦିକା ଡ. ମଧୁସ୍ମିତା ମହାନ୍ତି, ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଭିଏଫ୍‌ର ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ଡାକ୍ତର ଲିପ୍‌ସା ମିଶ୍ର, ବରିଷ୍ଠ କନସଲ୍‌ଟାଣ୍ଟ ଡାକ୍ତର ରୋହିଣୀ ନାୟକ, କନ୍‌ସଲ୍‌ଟାଣ୍ଟ ଡାକ୍ତର ରୋସ୍‌ମିନ୍ ସାହୁ ଓ ଡାକ୍ତର ସୁମିତ୍ରା ମାନସିଂହ ଉପସ୍ଥିତ ଥିଲେ।

## ନ୍ୟୁଜିଲାଣ୍ଡରେ ବ୍ୟବସାୟ ବିସ୍ତାର କରିବ ମାଲାବାର

**ନୂଆଦିଲ୍ଲୀ,୧୭।୨:** ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଖୁବଶୀଘ୍ର ନ୍ୟୁଜିଲାଣ୍ଡରେ ବ୍ୟବସାୟ ବିସ୍ତାର କରିବ ବୋଲି ଘୋଷଣା କରିଛି। ଏପରିକି ୧୩ଟି ବିଭିନ୍ନ ଦେଶରେ ୩୭୫ରୁ ଅଧିକ ଶୋ'ରୁମ୍ ସହିତ ବିଶ୍ୱର ଷଷ୍ଠ ବୃହତ୍ତମ ଅଳଙ୍କାର ବ୍ରାଣ୍ଡ୍‌ର ଏହି ପଦକ୍ଷେପ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଏବଂ ଆର୍ଥିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ୟୁଏଇ ଏବଂ ନ୍ୟୁଜିଲାଣ୍ଡ ଦ୍ୱାରା ସ୍ୱାକ୍ଷରିତ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା (ସିଇପିଏ) ଉପରେ ଆଧାରିତ ରହିଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍‌ପି. ଅହମ୍ମଦ କହିଛନ୍ତି ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ଅଳଙ୍କାର



ଖୁଚୁରା ବିକ୍ରେତା ଭାବେ ଆମେ ଆମର ସମସ୍ତ ଅନ୍ତର୍ଜାତୀୟ କାର୍ଯ୍ୟ ୟୁଏଇରେ ଅବସ୍ଥିତ। ୟୁଏଇ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା (ସିଇପିଏ) ନୂତନ ବଜାରରେ ଆମର ପ୍ରସାରକୁ ପରିପୂରକ କରିବ। ଏହି ଚୁକ୍ତିନାମା କେବଳ ଆମର ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ ନାହିଁ ବରଂ ଆମର ଉତ୍ପାଦ ଏବଂ ସେବା ସହିତ ନୂତନ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାଇଁ ନୂତନ ସୁଯୋଗ ମଧ୍ୟ ପ୍ରଦାନ କରିବ।

## ବିକଳ୍ପ ଶକ୍ତିର ଉପଯୋଗ ଉପରେ ମାନବ ଜାତିର ଗୁରୁତ୍ୱ



**ଭୁବନେଶ୍ୱର,୧୭।୨:** ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ (ମିନିଷ୍ଟ୍ରି ଅଫ୍ ପେଟ୍ରୋଲିୟମ ଆଣ୍ଡ ନାଚୁରାଲ ଗ୍ୟାସ୍ ବା ଏମ୍‌ଓପିଏନଜି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସକ୍ଷମ-୨୦୨୫'ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ତୈଳ ମନ୍ତ୍ରଣାଳୟ ତତ୍ତ୍ୱାବଧାନ ଏବଂ ତୈଳ ଉଦ୍ୟୋଗ ଦ୍ୱାରା ଆୟୋଜିତ ଏକ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଇଓସିଏଲର ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ଜିଏମ୍ ଲ୍ୟୁବସ ଏସ୍ ଲକ୍ଷ୍ମଣ ପେରୁମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସଂଯୋଜକ ଓଡ଼ିଶା ତୈଳ ଶିଳ୍ପ ଏବଂ ଆଇଓସିଏଲର ରାଜ୍ୟ ମୁଖ୍ୟ ତଥା ସିଜିଏମ କମଲ ଶୀଲ, ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର (ଓଡ଼ିଶୀ ମ୍ୟୁଜିକ/ସଙ୍ଗୀତ) ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମୁଖ୍ୟ ଡ. ସଙ୍ଗୀତା ଗୋସାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସକ୍ଷମ-୨୦୨୫ ହେଉଛି, ପେଟ୍ରୋଲିୟମଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ (ଏମଓପିଏନଜି)ର ତତ୍ତ୍ୱାବଧାନରେ ତୈଳ ଉଦ୍ୟୋଗ ଦ୍ୱାରା ପରିଚାଳିତ ଏକ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ। ୨୦୨୫ ଫେବୃଆରୀ ୨୮ ପର୍ଯ୍ୟନ୍ତ ଏହି ସଚେତନତା ଅଭିଯାନ ଅନୁଷ୍ଠିତ ହେଉଛି। ଅପରପକ୍ଷରେ 'ସକ୍ଷମ-୨୦୨୫ ପାଇଁ ଟ୍ୟାଗ ଲାଇନ୍ ହେଉଛି, ସବୁଜ ଏବଂ ସ୍ୱଚ୍ଛ ଶକ୍ତି ମାଧ୍ୟମରେ ସ୍ୱଚ୍ଛ ପରିବେଶ'। ପରିଶେଷରେ ଗେଲ୍‌ର ଡିଜିଏମ୍ (ସମନ୍ୱୟ) ନିଗମାନନ୍ଦ ମିଶ୍ରା ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## 'ଇୟୁ' ପ୍ରକଳ୍ପରୁ ଉପକୃତ ହେବ ଓଡ଼ିଶା

### ୭ଟି ପ୍ରକଳ୍ପ ଆରମ୍ଭ

**ନୂଆଦିଲ୍ଲୀ, ୧୭।୨:** ୟୁରୋପୀୟ ସଂଘ (ଇୟୁ) ସହଯୋଗରେ କେନ୍ଦ୍ର ସରକାରଙ୍କ ବୟନ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିରୁ ଓଡ଼ିଶା ସମେତ ୯ଟି ରାଜ୍ୟ ଉପକୃତ ହେବେ। ପ୍ରକଳ୍ପ ଲାଗି ଇୟୁ ୮୫.୫ କୋଟି ଟଙ୍କା ପ୍ରଦାନ କରିଛି। ପ୍ରକଳ୍ପଗୁଡ଼ିକ ଦ୍ୱାରା ୩୫ ହଜାର ଲୋକ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ଏହା ସହିତ ଆସନ୍ତା ୩-୫ ବର୍ଷ ମଧ୍ୟରେ ଏହାର ଲାଭ ୧୫ ହଜାର ଏମ୍‌ଏସ୍‌ଏମ୍‌ଇ, ୫୦୦୦ କାରିଗର, ୧୫ହଜାର ଚାଷୀ-ଉତ୍ପାଦନକାରୀମାନଙ୍କୁ ମିଳିବ ବୋଲି ଇୟୁ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ଓ ପ୍ରସାର, ବାଉଁଶ କଳା, ହସ୍ତତନ୍ତ, ଶାଲ, ପାରମ୍ପରିକ ହସ୍ତକଳା ଆଦିର ପ୍ରସାର କରାଯିବ। ଏହି ପ୍ରକଳ୍ପରେ ସ୍ଥାନୀୟ ଗୋଷ୍ଠୀ ଓ ଶିଳ୍ପଗୁଡ଼ିକୁ ସହଯୋଗ କରାଯିବ। ତାହାର ପ୍ରଭାବରେ ୨ ଲକ୍ଷ ମହିଳା ସଶକ୍ତ ହୋଇ ଏକ ସ୍ଥାୟୀ ବୟନ ଶିଳ୍ପ ପ୍ରତି ଅଧିକ ଯୋଗଦାନ ଦେଇପାରିବେ। ସ୍ଥାୟିତ୍ୱ ଓ ସର୍କୁଲାର ଇକୋନମିକୁ ନେଇ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ରାଜିନାମାର ଏହା ଏକ ଅଂଶ। ସରକାରୀ ଏଜେନ୍ସି ଓ ଘରୋଇ ସଂସ୍ଥା ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକରେ ବୟନ କ୍ଷେତ୍ରରେ ଭାରତର ରହିଥିବା ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ କରାଯିବ। ଏଥି ସହିତ ଏହି କ୍ଷେତ୍ରରେ ନବସୃଜନ, ପ୍ରତିଯୋଗିତା ଓ ବଜାର ଲିଙ୍କେଜ୍ ପ୍ରଦାନ କରି ଅର୍ଥନୈତିକ ସ୍ୱାଧୀନତାର ପ୍ରସାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତରେ ୪.୫ କୋଟିରୁ ଅଧିକ ଲୋକ ବୟନ ଶିଳ୍ପରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ହେଉଛନ୍ତି ମହିଳା।

## ବୟନ ସାମଗ୍ରୀ ରପ୍ତାନିରେ ଭାରତର ସ୍ଥାନ ଷଷ୍ଠ

**ନୂଆଦିଲ୍ଲୀ, ୧୭।୨:** ୨୦୩୦ ମସିହା ସୁଦ୍ଧା ଦେଶର ବୟନଶିଳ୍ପ ସାମଗ୍ରୀର ବାର୍ଷିକ ରପ୍ତାନିକୁ ୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାର ଆଶା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରଖିଛନ୍ତି। ନୂଆଦିଲ୍ଲୀଠାରେ ଭାରତ ବୟନଶିଳ୍ପ ସମ୍ମିଳନୀ ୨୦୨୫ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆଜି ଏହା କହିଛନ୍ତି। ସଂପ୍ରତି ଭାରତ ବର୍ଷକୁ ୩ ଲକ୍ଷ କୋଟି ଟଙ୍କାର ପୋଷାକ ଓ ବୟନଶିଳ୍ପ ସାମଗ୍ରୀ ରପ୍ତାନି କରୁଛି। ଏହାକୁ ୩ ଗୁଣା କରି ୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଯେଉଁଭଳି ଭାବେ କାର୍ଯ୍ୟ ଚାଲିଛି ୨୦୩୦ ମସିହା ପୂର୍ବରୁ ମଧ୍ୟ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ବାଢ଼ିଛନ୍ତି। ଗତ ଦଶନ୍ଧିରେ ସରକାର ଗ୍ରହଣ କରିଥିବା ନୀତି ପାଇଁ ଏହା ସଫଳ ହେବ। ଗତ ଦଶନ୍ଧିରେ ଦେଶରେ ବୟନଶିଳ୍ପ କ୍ଷେତ୍ରରେ ବିଦେଶୀ ନିବେଶ ରାଶି ଦୁଇଗୁଣା ବୃଦ୍ଧି ପାଇଛି। ବୟନଶିଳ୍ପ ଦେଶର ଏକ ପ୍ରମୁଖ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର। ଦେଶର ବିନିର୍ମାଣ କ୍ଷେତ୍ରରେ ଏହାର ଯୋଗଦାନ ୧୧ ପ୍ରତିଶତ। ୨୦୨୫-୨୬ ମସିହା ପାଇଁ କେନ୍ଦ୍ର ବଜେଟ୍‌ରେ ବୟନଶିଳ୍ପ କ୍ଷେତ୍ର ପାଇଁ ୫୨୭୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୨୪-୨୫ରେ ଦିଆଯାଇଥିବା ୪୪୧୭.୦୩ କୋଟି ତୁଳନାରେ ଏହା ୧୯ ପ୍ରତିଶତ ଅଧିକ। ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ବଡ଼ ଧରଣର ଭାରତ ବୟନଶିଳ୍ପ ସମ୍ମିଳନୀ ହେଉଛି। ଏଥିରେ ୧୨୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଛନ୍ତି।



ବୟନଶିଳ୍ପ କ୍ଷେତ୍ରକୁ ଋଣ ପ୍ରଦାନ କରିବା ଲାଗି ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଅବସରରେ ବ୍ୟାଙ୍କଗୁଡ଼ିକୁ ଆହ୍ୱାନ କରିଛନ୍ତି। ୭୫ କୋଟି ଟଙ୍କା ନିବେଶରେ ସ୍ଥାପନ କରାଯାଉଥିବା ଗୋଟିଏ ବୟନଶିଳ୍ପ ୟୁନିଟ୍‌ରେ ୨୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ। ଗତବର୍ଷ ଭାରତର ବୟନଶିଳ୍ପ ସାମଗ୍ରୀର ରପ୍ତାନି ଅଭିବୃଦ୍ଧି ୭ ପ୍ରତିଶତ ରହିଥିଲା। ପ୍ରଧାନମନ୍ତ୍ରୀ ଏହି ଅବସରରେ ବୟନଶିଳ୍ପ କ୍ଷେତ୍ର ପାଇଁ ତାଙ୍କର '୫ଏଫ୍' ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ସେଗୁଡ଼ିକ ମଧ୍ୟରେ ଫାର୍ମ ଟୁ ଫାଇବର, ଫାଇବର ଟୁ ଫ୍ୟାକ୍ଟ୍ରି, ଫ୍ୟାକ୍ଟ୍ରି ଟୁ ଫ୍ୟାସନ, ଫ୍ୟାସନ୍ ଟୁ ଫରେନ୍ ରହିଛି। ଏହି ଦୃଷ୍ଟିକୋଣ ଚାଷୀ, ବୁଣାକାର, ଡିଜାଇନର ଏବଂ ବ୍ୟବସାୟୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ନୂଆ ଯନ୍ତ୍ରାଂଶ ବିକାଶ ପାଇଁ ବୟନଶିଳ୍ପ କ୍ଷେତ୍ର ଆଇଆଇଟି ଭଳି ପ୍ରମୁଖ ସଂସ୍ଥା ସହିତ ସହବନ୍ଧିତ ହେବାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ବଜେଟ୍‌ରେ ୫ ବର୍ଷ ପାଇଁ କଟନ ମିସନ ଘୋଷଣା କରାଯାଇଛି। ନ୍ୟାସନାଲ କଟନ ଟେକ୍ନୋଲୋଜି ମିସନ ପାଇଁ ୫୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ଓଡ଼ିଶାରେ ବିଏସ୍‌ଏନ୍‌ଏଲର ନୂତନ ସେବା

**ଭୁବନେଶ୍ୱର,୧୭।୨:** ବିଏସଏନଏଲ ବୋର୍ଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ ରବର୍ଟ ଜେ ରବି ଓଡ଼ିଶା ଗସ୍ତରେ ଆସିଛନ୍ତି। ଶନିବାର ସେ ବିଏସଏନଏଲ ଭବନରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବିଏସଏନଏଲର ମହାପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରବି ଓଡ଼ିଶା ପରିମଣ୍ଡଳରେ ରାଜସ୍ୱ ବୃଦ୍ଧି, ଭାରତ ଫାଇବର ବିକାଶ, ୪ଜି ସମ୍ପୂର୍ଣ୍ଣତା ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଗସ୍ତ ଅବସରରେ ବିଏସଏନଏଲ ସିଏମଡି ସ୍କାଇପ୍ରୋ ସହଭାଗିତାରେ ବିଏସଏନଏଲ ଓଡ଼ିଶା ପରିମଣ୍ଡଳର ଏଫଟିଟିଏଚ ଗ୍ରାହକଙ୍କ ପାଇଁ ଆଇଏଫଟିଭି (ଇଣ୍ଟରନେଟ ଫାଇବର ଟିଭି) ସେବାକୁ ଉଦଘାଟନ କରିଥିଲେ । ଏହି ସେବା ଜରିଆରେ ବିଏସଏନଏଲ ଓଡ଼ିଶା ପରିମଣ୍ଡଳର ଏଫଟିଟିଏଚ ଗ୍ରାହକଙ୍କୁ ପାଖାପାଖି ୫୫୦ ଲାଇଭ ଟିଭି ଚାନେଲ ଦେଖିବା ପାଇଁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ ବିଏସଏନଏଲ ଗ୍ରାହକଙ୍କ ପାଇଁ ବିଶେଷ କରି ଗ୍ରାମୀଣ କ୍ଷେତ୍ରରେ ଡିଜିଟାଲ ମନୋରଞ୍ଜନକୁ ଅଧିକ ସୁଲଭ କରିବ। ଏ ଅବସରରେ ବିଏସଏନଏଲ ସିଏମଡି କହିଛନ୍ତି, ବିଏସଏନଏଲ ବିଆଇଟିଭି ବ୍ରାଣ୍ଡ ନାମରେ ବିଏସଏନଏଲ ମୋବାଇଲ ଗ୍ରାହକଙ୍କ ପାଇଁ ମାଗଣା ଟିଭି ଦେଖିବାର ସେବା ଆରମ୍ଭ କରିଛି। ବିଏସଏନଏଲ ଓଡ଼ିଶା ପରିମଣ୍ଡଳ ଡିଜିଟାଲ ଭାରତ ନିଧ ପ୍ରକଳ୍ପ ଅଧୀନରେ ବିଭିନ୍ନ ଜିଲ୍ଲାର ଉପାନ୍ତ ଇଲାକାରେ ପୂର୍ବରୁ ୭୮୬ ନୂଆ ୪ଜି ଟାୱାର୍ ପ୍ରତିଷ୍ଠା କରିଛି।

# ଜିଲ୍ଲାପାଳ ଓ ଏସିପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

● ବିଭିନ୍ନ ୬୪ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୭।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୧ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୩ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ଶ୍ରୀମତୀ ସୌମ୍ୟାରୁପା ରଥ , ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ରାସ୍ତା ଓ ପାନୀୟ ଜଳରୁ ବଞ୍ଚିତ ବହୁ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ

# ଗାଁରେ ପହଞ୍ଚିପାରିଲାନି ଆମ୍ବୁଲାନ୍ସ: ପ୍ରସୂତିଙ୍କୁ ଖଟିଆ ସାହା

**ବୋରିଗୁମ୍ମା,୧୭।୨ (ସଂଚାର ବ୍ୟୁରୋ):** ଜନନୀ ଯନ୍ତ୍ରଣାର ଦୁଃଖଦଚିତ୍ର ଆସିଛି ସୁଦୂର କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରୁ।ସ୍ୱଧିନତାର ୭୬ ବର୍ଷ ପରେ ବି ବିକାଶର ବିକଳ ଚିତ୍ର ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ବାଣ୍ଡିଗୁଡା ପଞ୍ଚାୟତର ସେମିଳି ଅଟାଳ ଗ୍ରାମ ଓ ଆଦିବାସୀ ଅଧ୍ୟୁଷିତ ବହୁ ଦୁର୍ଗମ ଗାଁରେ।ଆଜି ବି ନିର୍ମାଣ ହୋଇପାରିନି ଗାଁକୁ ଖଣ୍ଡିଏ ରାସ୍ତା କି ପାନୀୟ ଜଳ ପ୍ରକଳ୍ପ, ଏହିପରି ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ।ଯୋଜନା ପରେ ଯୋଜନା ଚାଲିଥିଲେବି ରାସ୍ତା, ଅବା ପାନୀୟ ଜଳ ସେମାନଙ୍କ ପାଇଁ ସାତସପନ।ଲୋକେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ସେମିଳି ଅଟାଳ ଗ୍ରାମବାସୀ।ଗାଁକୁ ରାସ୍ତା ନଥିବା ଫଳରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ପ୍ରସୂତିଙ୍କୁ ଖଟିଆରେ ବୋହିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପାଖାପାଖି ଚାରି କିମି ବାଟ ଖଟିଆରେ ବୁହାହେବା ପରେ ପ୍ରସୂତି ଜଣଙ୍କ ଆମ୍ବୁଲାନ୍ସ ରେ ହସ୍ପିଟାଲ ଯାଇଥିଲେ। ଗର୍ଭବତୀ ମହିଳା ଜଣକ ସେମିଳି ଅଟାଳ ଗାଁର ଡମ୍ବୁ ମୁଦୁଲିଙ୍କ ପତ୍ନୀ ଦୈମତି ମୁଦୁଲି ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ବୋରିଗୁମ୍ମା ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୈମତି ଙ୍କର ଆଜି ସକାଳୁ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନେବା ସାକଶେ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇଁ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲେ ମଧ୍ୟ ରାସ୍ତା ନ ଥିବାରୁ ଏହା ଗାଁକୁ ଆସିପାରିନଥିଲା। ବାଟରେ ରାସ୍ତା ନଥିବା ଫଳରେ ଗାଁଠାରୁ ପାଖାପାଖି ଚାରି କିମି ଦୂର ମାଳିଗୁଡା ଗାଁ ରେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସ କର୍ମଚାରୀମାନେ ଚାରି କିମି.ଅତିକ୍ରମ କରି ଗାଁକୁ ଚାଲିଚାଲି ଯାଇଥିଲେ। ଦୈମତିଙ୍କୁ ଗ୍ରାମବାସୀ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ମିଶି ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟରେ






ପହଞ୍ଚାଇଥିଲେ।ଦୈମତିଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବୋରିଗୁମ୍ମା ଗୋଷ୍ଠି ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ସହ ଗ୍ରାମବାସୀମାନେ ସବୁବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ସମସ୍ୟା ଭୋଗିଆସୁଛନ୍ତି। ସରକାର ଆମ୍ବୁଲାନ୍ସ ଯୋଗାଇଦେଲେ କ'ଣ ହେବ, ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନ ଥିବାରୁ ସେମାନଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ ବୋଲି ଗ୍ରାମବାସୀ କହିବା ସହ ତୁରନ୍ତ ଉକ୍ତ ଗ୍ରାମକୁ ରାସ୍ତା ସଂଯୋଗୀ ଓ ପାନୀୟ ଜଳର ସମସ୍ୟା ଦିଗରେ ପଦକ୍ଷେପ ନେବା ସକାଶେ ପ୍ରଶାସନ ନିକଟରେ ଓ ରାଜ୍ୟ ସରକାର ଏହି ଦୁର୍ଗମ ଅଞ୍ଚଳ ପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଅଟୋ-ଟିପର, ଧକ୍କାରେ ୩ମୃତ



**କୋରାପୁଟ,୧୭।୨(ସଂଚାର ବ୍ୟୁରୋ):** ଜୟପୁରରେ ବଡ଼ ଦୁର୍ଘଟଣା। ଅଟୋକୁ ପିଟିଲା ଟିପର। ୩ମୃତ, ଏକାଧିକ ଗୁରୁତର। ଜୟପୁର ଥୁରୁଡିପୁଟ ରସ୍ତାରେ ଘଟିଛି ଦୁର୍ଘଟଣା। ସ୍ଥାନୀୟ ହସ୍ପିଟାଲରେ ଗୁରୁତରଙ୍କ ଚିକିତ୍ସା ଜାରି। ସୂଚନା ଅନୁସାରେ କୋରାପୁଟ ଜିଲ୍ଲା ବ୍ରାହ୍ମଣୀ ଗାଁ ନିକଟରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯେଉଁଥିରେ ଏକ ଯାତ୍ରୀ ବାହୀ ଅଟୋକୁ ଧକ୍କା ଦେଇଛି ଟିପ୍ପର । ଯାହାଫଳରେ ଏକାଧିକ ଲୋକ ଆହତ ହୋଇଥିବା ବେଳେ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଦୁର୍ଘଟଣା ସଂପର୍କରେ ଖବର ପାଇ ପୋଲିସ ଓ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଛନ୍ତି । ତେବେ ମୃତକଙ୍କ ସଂଖ୍ୟା ଆଗକୁ ବଢିପାରେ ବୋଲି ଅନୁମାନ କରାଯାଉଛି ।

# ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ, ସରକାରୀ ଅର୍ଥ ସ୍ୱାହା

● ବିଡ଼ିଓଙ୍କ ନିକଟରେ ଅଭିଯୋଗ

● କାର୍ଯ୍ୟାନୁଷ୍ଠାନ ନହେଲେ ଆଇନର ଆଶ୍ରୟ ନେବାକୁ ଚେତାବନୀ



**ଦଶରଥପୁର,୧୭।୨(ସଂଚାର ବ୍ୟୁରୋ):** ସରକାର ବଦଳିବା ପରେ ବି ବଦଳି ନାହିଁ ମାନସିକତା। ବ୍ୟକ୍ତିଗତ ସ୍ଥାନରେ ନିମ୍ନ ମାନର କାର୍ଯ୍ୟ କରି ଅର୍ଥ ହରିଲୁଟ କରିବାର ପ୍ରଚେଷ୍ଟା ଏବେ ବି ଜାରି ରହିଛି। ପ୍ରତିବାଦରେ ଦଶରଥପୁର ବିଡ଼ିଓଙ୍କୁ ଅଭିଯୋଗ କରାଯାଇଛି। ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ଅର୍ଦ୍ଧାଉଳିଆ ଗ୍ରାମ ମଲ୍ଲିକସାହି ଜନସାଧାରଣଙ୍କ ଠାରୁ। ସୂଚନା ଅନୁସାର ୨୦୨୩/୨୪ଏଫଡ଼ିଆର ଯୋଜନାରେ ସମିତି ଘର ଠାରୁ ଜିତେନ୍ଦ୍ର ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ୨.୫ଲକ୍ଷ ଓ ଏନଆରଜିଏସ ଯୋଜନାରେ ୬୨ହଜାର ୫୦୦ ଟଙ୍କା ମୋଟ ୩ ଲକ୍ଷ ୧୨ହଜାର ୫୦୦ ଟଙ୍କା ମଞ୍ଜୁରୀ ହୋଇଥିଲା। କିନ୍ତୁ ପ୍ରକଳ୍ପଟି ସମିତି ଛକ ଠାରୁ ଶତ୍ରୁଘ୍ନ ରାଉତ ଘର ପର୍ଯ୍ୟନ୍ତ ସରକାରୀ ଜମି ହୋଇଥିବାବେଳେ ଶତ୍ରୁଘ୍ନ ରାଉତଙ୍କ ଘର ଠାରୁ ଜିତେନ୍ଦ୍ର ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ବ୍ୟକ୍ତିଗତ ଜମି ଅଟେ। ଉକ୍ତ ବ୍ୟକ୍ତିଗତ ଜମି ଖତିୟାନ ନମ୍ବର ୨୧୪ ରେ ଗୋକୁଳାନନ୍ଦ ମଲ୍ଲିକ, ଭରତ ମଲ୍ଲିକ, ଶଶୀକାନ୍ତ ମଲ୍ଲିକ, ରସାନନ୍ଦ ମଲ୍ଲିକ, ପ୍ରେମାନନ୍ଦ ମଲ୍ଲିକ, ଦଉହରୀ ମଲ୍ଲିକ, ଭୀମସେନ ମଲ୍ଲିକ, ବାବାଜୀ ଚରଣ ମଲ୍ଲିକ, କରୁଣାକର ମଲ୍ଲିକଙ୍କ ନାମରେ ୪୨ ଡିସିମିଲ ଘରଡ଼ିହ ହୋଇଥିବା ବେଳେ ପ୍ଲଟ ନମ୍ବର ୪୩୧ ରେ ସମାନ ଅଂଶୀଦାର ଭାଇମାନେ ଶତ୍ରୁଘ୍ନ ରାଉତଙ୍କ ଠାରୁ ୪୦୦ ବର୍ଗ କଡୀ ଜମି କିଣି ଯିବାଆସିବା କରୁଥିଲେ। ଉକ୍ତ ଜନସାଧାରଣ ମାନଙ୍କର ସରକାରୀ ରାସ୍ତା ଉପରେ ରାସ୍ତା ନକରି ବିଭାଗୀୟ ଅଧିକାରୀ କାହା ନିର୍ଦ୍ଦେଶରେ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଜାଗାରେ ରାସ୍ତା ତିଆରି କରିଛନ୍ତି। ତମର ରାସ୍ତା ନାହିଁ ରାସ୍ତା ହୋଇପାରିବ ନାହିଁ କେବେ ଆମେ ତମ ରାସ୍ତା କରିଦେବୁ କହି ସାଧାରଣ ଲୋକଙ୍କୁ ଭ୍ରମିତ କରି ଅତି ନିମ୍ନ ମାନର କାର୍ଯ୍ୟକରି ଅର୍ଥଆତ୍ମସାତ କରିବାର ପ୍ରଚେଷ୍ଟା ଚାଲିଛି। ଏ ବିଷୟରେ ମନୋରଞ୍ଜନ ମଲ୍ଲିକ, ବାବାଜୀ ଚରଣ ମଲ୍ଲିକ, ୧୫ ନମ୍ବର ୱାର୍ଡ ସଭ୍ୟା କନକଲତା ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଜମୁନା ମଲ୍ଲିକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ ଦଶରଥପୁର ବିଡ଼ିଓଙ୍କୁ ଲିଖିତ ଆକାରରେ ଅଭିଯୋଗ କରିବା ସହ ଯାଜପୁର ଜିଲ୍ଲାପାଳ ଓ ଯାଜପୁର ପିଡିଙ୍କୁ ଅବଗତ କରିଥିବା ଜଣା ପଡ଼ିଛି। ଯଦି ଦଶରଥପୁର ବିଡ଼ିଓ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ନଦେଇ ଏହି ବ୍ୟକ୍ତିଗତ ଜମି ଉପରେ ରାସ୍ତା ବିଲ ଉଠାଣ କରନ୍ତି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ ଦଶରଥପୁର ବିଡ଼ିଓଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେବାକୁ ନିଷ୍ପତି ନିଆଯାଇଛି ବୋଲି ମନୋରଞ୍ଜନ ମଲ୍ଲିକ କହିଛନ୍ତି।

# ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ




**ଡୁଙ୍ଗୁରିପାଲି,୧୭।୨(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ଗଜବନ୍ଧ ଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକର ଅନ୍ଧାରିବାଞ୍ଜି, ଗଜବନ୍ଧ ଓ ତମାମୁରା କ୍ଲଷ୍ଟରର ୧୫୪ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୮୮ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ। ୪ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରଧାନଶିକ୍ଷକ ପଞ୍ଚାନନ କର୍ଣ୍ଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଗଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, ସୀତାରାମ ପଧାନ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ ଓ ଲୋଚନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ହାରାଧନ ବେରିଆ ହାରାଧନ ରଣା, ଅନନ୍ତ ଜଗଦଲା, ସୂର୍ଯ୍ୟଭାନୁ ରାଉତ, ସୁରେନ୍ଦ୍ର ଅଦାବର, ଅଭିରାମ ପାରାଭୁଏ, ହୃଷୀକେଶ ବରିହା, ସଞ୍ଜୀବ କୁମାର ଦୀପ, ଦେବେନ୍ଦ୍ରନାଥ ଜୁଆଡି, ଜିତେନ୍ଦ୍ର କୁମାର ମହାରଣା, ଉକିଲ ଭୁଏ, ଗୋକୁଳାନନ୍ଦ ସାହୁ, ବସୁଦେବ ସୁନା, ରଘୁନାଥ ବାଗ, ବିଶ୍ୱଦେବ ବେରିଆ, ଦିବାକର ବଢ଼େଇ, କଳାକାହ୍ନୁ ରଣା, ଶଙ୍କର ପ୍ରସାଦ ଭୋଇ, ଯୁଧିଷ୍ଠିର ରଣା, ଶିକ୍ଷୟିତ୍ରୀ ପ୍ରମିତା ପଧାନ, ଅମୂଲ୍ୟ ଝାଙ୍କର, ସଂଯୁକ୍ତା ଭୋଇ, କର୍ମଚାରୀ ସୁବାସ ଭୋଇ ଓ କିରଟି ନାଏକ ସହଯୋଗ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ଆମ୍ବାସାଡର ପଦ୍ମାବତୀ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭବାନୀପାଟଣା ସହରର ହଲିଆପଡାରେ ପ୍ରତିଶୃତି ଭତ୍ତା ୩୦୦୦ଟଙ୍କା ପୁରଣ ଦାବି ନେଇ ସଭା



**କଳାହାଣ୍ଡି, ୧୭।୨(ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନ ହୋଇ ୭୬ବର୍ଷ ପରେ ବି ଗରିବମାନେ ବଡ କଷ୍ଟରେ ବଞ୍ଚୁଛନ୍ତି। ପେଟ ପାଇଁ କଣ ନ କରିବାକୁ ପଡୁଛି। ନିର୍ବାଚନ ସମୟରେ ବିଜେପି ଦଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପ୍ରତିଶୃତି ଦେବା ପରେ ଗରିବ ଓ ଅବହେଳିତ ଭତ୍ତାଧିକାରୀମାନେ ଭୋଟ ଦେଲେ ଓ ମୋହନ ସରକାର ଗଠନ ହେଲା। କିନ୍ତୁ ସରକାରର ୮ମାସ ପରେ ବି ରାଜ୍ଯରେ ୫୬ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ୩୦୦୦ଟଙ୍କା ପାଇବା ପାଇଁ ଚାହିଁ ବସିଛନ୍ତି । ତେଣୁ ଆଜି ହଲିଆ ପଡା ଠରେ ମୁନିସିପାଲିଟି ତରଫରୁ ଭତ୍ତା ଟଙ୍କା ବାଣ୍ଟିବା ସମୟରେ "ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି" ସଂଗଠନ ତରଫରୁ ଭବାନୀପାଟଣା ମୁନିସିପାଲିଟିର ୱାର୍ଡ ନଂ-୧୮ ଅନ୍ତର୍ଗତ ଜୋର ପଡା ଓ କରନପିଟାର ୧୦୦ରୁ ଉର୍ଦ୍ଧ୍ୱ ୬୦ବର୍ଷରୁ ଉର୍ଦ୍ଧ୍ୱ ବଢାବୁଢି, ବିଧବା, ଅବିବାହିତା ମହିଳା ଓ ୪୦% ଉର୍ଦ୍ଧ୍ୱ ଭିନ୍ନକ୍ଷମ ଭତ୍ତା ହିତାଧିକାରୀଙ୍କୁ ନେଇ ହଲିଆପଡାରେ ଏକ ସଭାର ଆୟୋଜନ ହୋଇଯାଇଅଛି ।

# ବିଦ୍ୟୁତ ଆଘାତରେ ଗଲା ଭାଲୁ ଜୀବନ

**ନୀଳଗିରି,୧୭।୨(ସଂଚାର ବ୍ୟୁରୋ):** ମହୁ ଲୋଭରେ ଭାଲୁ ମଲା । ଖାଦ୍ୟ ଅନ୍ୱେଷଣରେ ଆସି ଟ୍ରାନ୍ସ ଫର୍ମରେ ଫସି ବିଦ୍ୟୁତ ଆଘାତରେ ଭାଲୁ ମୃତ । ନୀଳଗିରି ବନଖଣ୍ଡ ଅଧୀନ ମିତ୍ରପୁର ବିଟ୍ ତଇଲା ସାହି ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା । ବିଳମ୍ବିତ ରାତିରେ ସ୍ୱର୍ଣ୍ଣଚୂଡ ପାହାଡରୁ ଭାଲୁଟି ଖାଦ୍ୟ ଅନ୍ୱେଷଣରେ ଆସି ତଇଲାସାହିରେ ପଶିଥିଲା । ନିକଟରେ ଥିବା ଏକ ବରଗଛରେ ମହୁ ଖାଇବା ଉଦ୍ଦେଶ୍ୟରେ ଚଢିଥିବା ବେଳେ ଖସିପଡି ତଳେ ଥିବା ୩୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରେ ପଡିଥିଲା। ସକାଳୁ ସ୍ଥାନୀୟ ଲୋକଙ୍କଠୁ ଖବର ପାଇ ବିଦ୍ୟୁତ ବିଭାଗ ଭାଲୁଟିକୁ ଟ୍ରାନ୍ସ ଫର୍ମରରୁ ବାହାର କରି ବନ ବିଭାଗକୁ ହସ୍ତାନ୍ତର କରିଛି । ସେପଟେ ବନବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛି ।



# ଯୁକ୍ତ ୨ ଓ ମ୍ୟାଟ୍ରିକ ପରୀକ୍ଷା ପାଇଁ ସ୍ଥଗିତ ରହିଲା ଜୟଦେବ ଗୌରବ ସମ୍ମାନ ଉତ୍ସବ



**ବାଲିପାଟଣା, ୧୭।୨ (ସଂଚାର ବ୍ୟୁରୋ):** ବାଲିପାଟଣା ଖେଳ ପଡିଆରେ ଆସନ୍ତା ୨୦ ରୁ ୨୨ ରେ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଜୟଦେବ ଗୌରବ ସମ୍ମାନ ଉତ୍ସବ ସ୍ଥଗିତ ରହିବା ସମ୍ବନ୍ଧରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ଯୁକ୍ତ ଦୁଇ ଓ ମ୍ୟାଟ୍ରିକ ପରୀକ୍ଷା କୁ ଗୁରୁତ୍ୱ ଦେଇ ଓ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କୁ ଦୃଷ୍ଟିରେ ରଖି ମହୋତ୍ସବ କୁ ସ୍ଥଗିତ ରଖାଯାଇଥିବା ଆୟୋଜକ ସିଦ୍ଧିବିନାୟକ ଚାରିଟେବୁଲ୍ ଟ୍ରଷ୍ଟ ର ସମ୍ପାଦିକା ବିଦୁସ୍ମିତା ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜୟଦେବ ଗୌରବ ସମ୍ମାନ ଆଗାମୀ ଦିନରେ ଧୁମ୍ ଧାମ ରେ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିଶୃତି ମିଳିଛି । ସାମ୍ବାଦିକ ସମ୍ମିଳନୀ ରେ ଟ୍ରଷ୍ଟ ଅଧକ୍ଷ ସତ୍ୟପ୍ରିୟ ବେହେରା , କର୍ମକର୍ତ୍ତା ଆଲୋକ ଆଚାର୍ଯ୍ୟ, ପୂର୍ଣ୍ଣ ଚନ୍ଦ୍ର ମାହୁନ୍ତ, ରତିକାନ୍ତ ପ୍ରଧାନ, ବିଜୟ ପ୍ରଧାନ ଓ ସୂର୍ଯ୍ୟକାନ୍ତ ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

# ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବେତନଟୀ,୧୭।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଆଗ୍ରିଆ ପଞ୍ଚାୟତର ବ୍ରହ୍ମପୁରାଠାରେ ଥିବା ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ସମାଜସେବୀ ଶିବନାରାୟଣ ଘୋଷଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ, ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଯୋଗେନ୍ଦ୍ର ଆଚାର୍ଯ୍ୟ, ସମ୍ମାନନୀୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଗିରି, ସମାଜସେବୀ ମନମୋହନ ମିଶ୍ର, ସମାଜସେବୀ ହରିଶ୍ଚନ୍ଦ୍ର ସାହାଣୀ, ବିଦ୍ୟାଳୟର ସମ୍ପାଦକ ସଞ୍ଜୟ ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଦୌଡ, ପୁଚି, ଝିଲିପି ଡିଆଁ , ଅଙ୍କ କଷା, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ସରେନ, ସୁମୀ ପାତ୍ର, ଇପସିତା ସେଠି, ଶିକ୍ଷକ ଶରତ ଚନ୍ଦ୍ର ଗିରୀ, କେଶବ ଚନ୍ଦ୍ର ଦାସ, ଅଞ୍ଜଳୀ ପ୍ରଧାନ ଓ ଅଭିଭାବକ ଦନାର୍ଦ୍ଦନ ବିନ୍ଧାଣୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କେନ୍ଦ୍ରୀୟ ଟିମ୍‌ର କୋଷ୍ଟ କେନାଲ ପୁନରୁଦ୍ଧାର ସ୍ଥିତି ଯାଞ୍ଚ



**ବାଲିଆପାଳ,୧୭।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶନିବାର କେନ୍ଦ୍ର ସରକାରଙ୍କ ଜଳସେଚନ ବିଭାଗର ପ୍ରକଳ୍ପ ସଂଯୋଜକ ସୋଏଲ ରାଫତ, ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ ସିଂ, ବିଭାଗୀୟ ଓଡିଶା ମୁଖ୍ୟ ସୌମ୍ୟ ରଞ୍ଜନ ସାମଲଙ୍କ ସହିତ ରାଜ୍ୟ ସରକାରଙ୍କ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଟିମ କୋଷ୍ଟ କେନାଲ ଆରମ୍ଭ ଭୋଗରାଇ ମାନକୁଣ୍ଡା ଠାରୁ ଭଦ୍ରଖର ଚାରବାଟିଆ ପର୍ଯ୍ୟନ୍ତ ସ୍ଥିତି ଅନୁଧ୍ୟାନ କରି ପ୍ରାରମ୍ଭିକ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରିବା ପରେ ଖୁବ ଶୀଘ୍ର ଆଉ ଏକ ଟିମ ଏହି ଅଞ୍ଚଳକୁ ପରିଦର୍ଶନ କରି ପୂର୍ଣ୍ଣାଙ୍ଗ ପ୍ରକଳ୍ପ ପ୍ରସ୍ତୁତ କରିବେ। କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ଦୀର୍ଘ ଦିନସ ସ୍ୱପ୍ନ ପୁରଣ ହେବାର ଆଶା ଦ୍ୱିଗୁଣିତ ହୋଇଛି। କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ଦୀର୍ଘ ବର୍ଷ ଧରି କୋଷ୍ଟ କେନାଲ ପୁନଃରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ବାର ପଦଯାତ୍ରା, ସାଇକେଲ ରାଲି, ଶୋଭାଯାତ୍ରା, ଚାଷୀ ମାନଙ୍କ ସମାବେଶ ପରି କେତେ କେତେ ଆନ୍ଦୋଳନ କରାଯାଇଛି। କୋଷ୍ଟ କେନାଲ ପୁନଃରୁଦ୍ଧାର ହେଲେ ବାଲିଆପାଳ ବ୍ଲକର ଭାତହାଣ୍ଡି ଭାବରେ ପରିଚିତ ଷୋଳଶା ପାଣ୍ଠର ଭାଗ୍ୟ ପରିବର୍ତ୍ତନ ହୋଇପାରିବ। ଅଞ୍ଚଳ ବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାର ସମ୍ଭାବନା ସୃଷ୍ଟି ହୋଇଛି।କେନ୍ଦ୍ରୀୟ ଟିମ ପ୍ରଥମେ ବାଲିଆପାଳ ବ୍ଲକର ଦକ୍ଷିଣ ମହାବଳା ଠାରେ ପହଞ୍ଚିଥିଲେ। ସେଠାରୁ କୋଷ୍ଟ କେନାଲ ପରିଦର୍ଶନ କରି ଜାମକୁଣ୍ଡା ଲକ ଠାରେ ପହଞ୍ଚିଥିଲେ। ଜାମକୁଣ୍ଡା ଲକ ଠାରେ ଥିବା ଜଳସେଚନ ବିଭାଗ ଡାକବଙ୍ଗଳାରେ ସମୀକ୍ଷା କରିଥିଲେ। ପରେ କେନ୍ଦ୍ରିୟ ଟିମ ମାନକୁଣ୍ଡା ଅଭିମୁଖେ ଯାଇଥିଲେ।

# ଅତିଥି ଭବନରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ: ୨ ସହଯୋଗୀ ଅଟକ

**ପାରାଦୀପ,୧୭।୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲା ପାରାଦୀପ ସନ୍ତୋଷୀ ପ୍ଲାଜା ନାମକ ଏକ ଘରୋଇ ଅତିଥି ଭବନରେ ସୋମବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ସୁମନ କନ୍ନର। ଏହି ଘଟଣାରେ ପାରାଦୀପ ଆଦର୍ଶ ଥାନା ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତଦେହ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ରହିଛି। ସୂଚନା ଯୋଗ୍ୟ, ମୃତ ଯୁବକଙ୍କ ଆଣ୍ଠୁ ତଳେ ଲାଗିଥିବାରୁ ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ତାଙ୍କ ୨ ସହଯୋଗୀଙ୍କୁ ଅଟକ ରଖାଯାଇଛି।




# ୪ ଛାତ୍ରଛାତ୍ରୀଙ୍କୁ ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି

**ଜଗତସିଂହପୁର,୧୭।୨(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ ଜୁନିୟର କଲେଜର +୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୦୨୪ ଟପ୍ପର ୪ ଜଣ ଛାତ୍ରଛାତ୍ରୀଙ୍କୁ ମିଳିଲା ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି । କଲେଜର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ଚେକ ଆକାରରେ ଏହି ବୃତ୍ତି ଅର୍ଥ ସହିତ ଟ୍ରଫି ଏବଂ ପ୍ରମାଣ ପତ୍ର ଟପ୍ପର ମାନଙ୍କୁ ପ୍ରଦାନ କରିଥିଲେ। ଏହି ବୃତ୍ତି ପାଇଥିବା ଛାତ୍ରଛାତ୍ରୀ ମାନେ ହେଲେ +୨ କଳାର ଟପ୍ପର ଦେବସ୍ମିତା ମଲ୍ଲିକ, +୨ ବିଜ୍ଞାନର ଯୁଗ୍ମ ଟପ୍ପର ଆକାଶ ମିଶ୍ର ଓ ତୁଳସୀ ମଞ୍ଜରୀ ନାୟକ ଏବଂ +୨ ବାଣିଜ୍ୟର ଟପ୍ପର ପ୍ରଦୋଷ କୁମାର ବିଶ୍ୱାଳ । ଏଠାରେ ସୂଚନାଯୋଗ୍ୟ ଯେ ଜଗତସିଂହପୁର ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ତାଙ୍କ ପିତାମାତାଙ୍କ ସ୍ମୃତିରେ ଗତ ୨୦୨୩ ମସିହାରେ ଏସଭିଏମ କଲେଜକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।




# ଶ୍ରମ ବିଭାଗର ଅଜବ ନୀତି

# ଦାଦନଙ୍କ ଘରେ ଝୁଲୁଛି ତାଲା, କାହାକୁ ସଚେତନ କରୁଛି ରଥ ?




**ଖପ୍ରାଖୋଲ,୧୭।୨(ସଂଚାର ବ୍ୟୁରୋ):** ଶ୍ରମବିଭାଗ ତରଫରୁ ଦାଦନ ଶ୍ରମିକଙ୍କୁ ସଚେତନ କରିବା ପାଇଁ ସଚେତନତା ରଥ ବୁଲାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏପଟେ ଖପ୍ରାଖୋଲ ଅଞ୍ଚଳ ର ଗାଁ ମାନଙ୍କରେ ଦାଦନ ଶ୍ରମିକ ପରିବାର ମାନଙ୍କ ଘରେ ପଡ଼ିଛି ତାଲା ଏଠି ପ୍ରଶ୍ନ ଉଠୁଛି କାହାକୁ ସଚେତନ କରିବା ପାଇଁ ଗଡୁଛି ସଚେତନତା ରଥ କିଛି ପଡୁନାହିଁ। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରୁ ସେପ୍ଟେମ୍ବର ମାସରୁ ଜାନୁୟାରୀ ମାସ ମଧ୍ୟରେ ହଜାର ହଜାର ପାରିବାର ପେଟପାଟଣା ପାଇଁ ସୁଦୂର ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟକୁ ଇଟା ଗଢ଼ା କାମ ପାଇଁ ଯାଉଥିବା ବେଳେ ଅନେକ ନିର୍ଯ୍ୟାତନା ର ଶିକାର ହେଉଥିବା ବେଳେ ଅନେକ ଶ୍ରମିକ ଙ୍କ ମୃତଦେହ ବି ଗାଁକୁ ଫେରୁଛି। ହେଲେ ଉପଯୁକ୍ତ ସଚେତନତା ଅଭାବ ରୁ ଦଲାଲ ମାନେ ଚଞ୍ଚକତା କରି ଶ୍ରମିକ ମାନଙ୍କୁ ବେଆଇନ ଭାବେ ରାଜ୍ୟ ବାହାରକୁ ନେଉଥିବା ବେଳେ ସେଠାରେ ଶୋଷଣ ହେଉଥିବା ଅଭିଯୋଗ ହେଲେବି ଶ୍ରମିକ ମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନଥିବା ଅଭିଯୋଗ ହେଉଛି। ଏବେ ସମସ୍ତ ଶ୍ରମିକ ବାହାର ରାଜ୍ୟରେ ଥିବା ବେଳେ ଶ୍ରମବିଭାଗ ଗାଁ ଗାଁ ଶ୍ରମିକ ରଥ ବୁଲାଇ କାହାକୁ ସଚେତନ କରୁଛନ୍ତି ବୁଝା ପଡୁନି। ଜିଲ୍ଲା ପୋଲିସ ଶ୍ରମ ବିଭାଗଓ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିବର୍ଷ ଦାଦନ ଶ୍ରମିକ ରୋକିବା ସକାସେ ଖପ୍ରାଖୋଲ ବ୍ଲକ ଠୁ ଆରମ୍ଭ କରି ଅନ୍ୟ ସ୍ଥାନ ମାନଙ୍କରେ ସଚେତନତା ସଭା ଅନୁଷ୍ଠିତ କରୁଥିବାବେଳେ ବାହାର ରାଜ୍ୟ ର ଇଟା ଭାଟି ମାଲିକ ମାନେ ଦାଦନ ସର୍ଦାର ମାନଙ୍କ ଘରେ ଡେରାକରି ଅଗ୍ରିମ ଟଙ୍କା ପରିବାର ମାନଙ୍କୁ ଦେବା ଆରମ୍ଭ କରିଥାନ୍ତି। କେତେକ ଥାନା ରେ ବେଆଇନ ଭାବେ ବାହାର ରାଜ୍ୟ କୁ ଚାଲାଣ କରୁଥିବା ଶ୍ରମିକ ମାନଙ୍କୁ ଉଦ୍ଧାର କରୁଥିବାବେଳେ ଦଲାଲ ମାନେ ଧରାପଡ଼ି କୋଟ ଚାଲାଣ ହେଉଛନ୍ତି ହେଲେ ମୁଖ୍ୟ ସର୍ଦାର ଧରା ପଡୁନଥିବା ନେଇ ଲୋକଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି ହେଉଛି। ସେସବୁ ଦୃଷ୍ଟି କୋଣରୁ ଦେଖିଲେ ଏହି ସଚେତନତା ରଥ ଧର୍ମ କୁ ଆଖିଠାର ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି, ଶ୍ରମ ବିଭାଗ, ପୋଲିସ ଓ ପ୍ରଶାସନ ର ଉଦାସୀନତା ଦାଦନ୍ ଶ୍ରମିକ ସମସ୍ୟାକୁ ଦି ଗୁଣିତ କରୁଥିବା ମନେ ହେଉଛି। ଏନେଇ ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଙ୍କୁ ପଚାରିବାରୁ କେବଳ ଦାଦନ ଶ୍ରମିକ ନୁହ ଆମ ସଚେତନତା ରଥ ଶିଶୁ ଶ୍ରମିକ, ନିର୍ମାଣ ଶ୍ରମିକ, ଅଣ ସଙ୍ଗଠିତ ଶ୍ରମିକ ଓ ଦେଶାନ୍ତର ଶ୍ରମିକ ମାନଙ୍କ ଅଧିକାର ଓ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଉପରେ ସାରା ରାଜ୍ୟରେ ସଚେତନ ରଥ ମାଧ୍ୟମରେ ସଚେତନ କରାଯାଉଥିବା ପ୍ରକାଶ କରିଛନ୍ତି।